

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ


● ତୃତୀୟ ପୁଷ୍ପ ● ଚତୁର୍ଥ ପାଖୁଡ଼ା ● ଏକାଦଶ ସଂଖ୍ୟା ●

ସଂପାଦକ : କେଶବଦାସ ॥

ପ୍ରକାଶକ : ଧୀରେନ୍ଦ୍ର ବେହେରା, ସାଧାରଣ ସମ୍ପାଦକ, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ॥

ମୁଦ୍ରକ : ଜଗନ୍ନାଥ ପ୍ରୋସେସ୍, କଟକ ॥

ଗ୍ରାଫିକ୍ସ : ରସଦ୍ ଏଡ୍ ଏଜେନ୍‌ସି, ମହତାବ ରୋଡ୍, କଟକ, ଫୋନ୍- 2311431



**କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ**

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ॥
ପିନ୍ : ୭୫୪୨୦୬
ଫୋନ୍: (୦୬୭୧) ୨୭୬୭୧୦୧



ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଜଗନ୍ନାଥ ପ୍ରୋସେସ୍, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସତ୍ତ୍ୱ ସଂରକ୍ଷିତ ॥



✿ ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ✿ ବାର୍ଷିକ ଗ୍ରାହକ ଦେୟ : ନବେ ମୁଦ୍ରାଞ୍ଜଳି ✿

* କେଶବାବ୍ଦ : ଏକଚତ୍ୱାରିଂଶତ୍ * ବାସନ୍ତିକ ମାସ * ଚୈତ୍ର ପୂର୍ଣ୍ଣିମା *

# ପ୍ରବେଶ ପରିଚିତି


* ଦ୍ୱିତୀୟ ପୁଷ୍ପ *
ଚତୁର୍ଥ ପାଖୁଡ଼ା
ଏକାଦଶ ସଂଖ୍ୟା


## * ବୈଦିକ ପ୍ରାର୍ଥନା *

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
| --- | --- |
| **ସିଂହଦ୍ୱାର** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦୁକା ବନ୍ଦନା | ୧ |
| **ମୁଖଶାଳା** | |
| ସଂପାଦକୀୟ | ୨ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!! | ୩ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୬ |
| ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ | ୧୦ |
| 'ଚରମ'ର ପ୍ରଚ୍ଛଦପଟ ସମ୍ପର୍କରେ | ୧୨ |
| ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି | ୧୫ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୨୦ |
| ବାଳ୍ୟକାଳୁ ଧର୍ମଧନ ସଞ୍ଚିବି | ୨୨ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୨୪ |
| ଜିଜ୍ଞାସା : ଜିଜ୍ଞାସୁ : | ୨୬ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୦ |
| କଲ୍ୟାଣ ଦେଲି ତୋତେ | ୩୪ |
| କେଶବ କୈବଲ୍ୟ କଣିକା | ୩୭ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୩୯ |
| ଆଶ୍ରମ ସନ୍ଦେଶ | ୪୧ |
| ତୃତୀୟ ମହଲ କାହିଁକି ? | ୪୪ |


## -ପତ୍ରିକାର ବ୍ୟବହାର ବିଧି-

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନୀ ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. 'ଚରମ'ର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥାଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।


—ସଂପାଦକ, 'ଚରମ' ॥




ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।




## ମଙ୍ଗଳାଚରଣ





ଯଦୁସୁତଂ ସୁକାନ୍ତିତନୟଂ ସ୍ୱର୍ଣ୍ଣକ୍ଷେତ୍ରାଧିପତିମ୍ ।
ପୂର୍ଣ୍ଣବ୍ରହ୍ମଂ ପ୍ରକୃତିରୂପିଣଂ ସୁପୁରୁଷ ପୁରାଣମ୍ ।
ଶାନ୍ତମୂର୍ତ୍ତିଂ ସହାସ୍ୟବଦନଂ ଭକ୍ତପ୍ରିୟଂ ସୁନ୍ଦରମ୍ ।
ଗୁଣନିଧିଂ କରୁଣା ସାଗରଂ କେଶବଂ ପରଂବ୍ରହ୍ମମ୍ ।

## ଶ୍ରୀପାଦୁକା ବନ୍ଦନା

ବନ୍ଦଇ ହେ ଶ୍ରୀପାଦୁକା ଜଗତ ଈଶ୍ୱର ।
ଶ୍ରୀପାଦୁକା ଏ କଳିରେ ଗୁରୁ ଅବତାର ॥୧॥
ଏ ଧରାଧାମରେ ଅଛି କାହାର ଶକତି ।
ପାଦୁକା ବନ୍ଦନା କରେ ମାନସରୁ ଚିନ୍ତି ॥୨॥
ଯୋଗୀ ଋଷି ମୁନି କବି ଆଦି ଯେତେଯେତେ ।
ବନ୍ଦିଛନ୍ତି ଶ୍ରୀପାଦୁକା ଜଗତର ହିତେ ॥୩॥
ବନ୍ଦନା ମୋ ଘେନାକର ପ୍ରଭୁ ଶ୍ରୀପାଦୁକା ।
ମୋ ସଙ୍ଗତେ ରୁହ ସଦା ନକରିଣ ଏକା ॥୪॥
ବନ୍ଦଇ ଶ୍ରୀଗୁରୁସ୍ୱାମୀ ଶ୍ରୀପଦ ଭୂଷଣ ।
ଏ ବ୍ରହ୍ମାଣ୍ଡ ସୃଷ୍ଟି ସ୍ଥିତି ବିଲୟ କାରଣ ॥୫॥
ପ୍ରଭୁପାଦ ଶ୍ରୀପଦ ଧାରଣେ ବିଚରଣ ।
ଶ୍ରୀପାଦୁକା ପାଇଁ ମୋର ଏତିକି ବନ୍ଦନ ॥୬॥
ମାଗେ ପ୍ରଭୁ ଶ୍ରୀପାଦୁକା ଦିଅ ଦିବ୍ୟଜ୍ଞାନ ।
ଶ୍ରୀପାଦୁକା ପ୍ରାନ୍ତେ ପ୍ରଭୁ ପଶୁଛି ଶରଣ ॥୭॥
ଏତିକି କରୁଣା କର କରୁଛି ବନ୍ଦନା ।
ଶ୍ରୀପାଦୁକା  ପୂର୍ଣ୍ଣକର ଏତିକି ପ୍ରାର୍ଥନା ॥୮॥
ବିଷୟା ବିଷରେ ମନ ଘାରି ନହୋଇବ ।
ତବଠାରେ ସଦାମୋର ମନ ସ୍ଥିରଥିବ ॥୯॥
ପରହିତ ପାଇଁ ସଦା ରସୁଥିବ ମନ ।
ତବସ୍ତବ ସ୍ତୁତିଗାଇ ଯିବ ଏ ଜୀବନ ॥୧୦॥
ଏହି ଆଶା ନିତି ମିଳୁଥିବ ଦରଶନ ।
ବିତୁ ତବ ପୂଜା ଅର୍ଚ୍ଚନାରେ ଏ ଜୀବନ ।୧୧॥
ଜୀବନ ସଫଳ ହେଉ ପାଇଣ ପରଶ ।
ଏତିକି କଲ୍ୟାଣରେଣୁ ହେ ତାତ ବରଷ ॥୧୨॥
ଭବ ପାରାବାରେ ଶ୍ରୀପାଦୁକା କର୍ଣ୍ଣଧାର ।
ଦୁସ୍ତର ଭବ ସାଗରୁ ବେଗେ ପାରିକର ॥୧୩॥
ଶ୍ରୀପାଦୁକା କୈବଲ୍ୟ କଣିକା ମିଳୁଥାଉ ।
ଶ୍ରୀପାଦୁକା ଦରଶନ କରି ଜୀବ ଯାଉ ॥୧୪॥
ସ୍ୱର୍ଣ୍ଣକ୍ଷେତ୍ର ମୃତ୍ତିକାରେ ଦେବ ଆଶ୍ରା ପ୍ରଭୁ ।
ଅନ୍ତିମେ ଚରମ ପ୍ରାପ୍ତି ତରିଯିବି ଭବୁଁ ॥୧୫॥
ଜନମେ ଜନମେ ମିଳୁଥିବ ଏହି ବର ।
ଯନ୍ତ୍ରଣା ନ ଲଭେ ଯେହ୍ନେ ଜନ୍ମଜନ୍ମାନ୍ତର ॥୧୬॥
ଅଜ୍ଞାନ ମାନବ ମୁଁ ଯେ କି ବୁଝିବି ମାୟା ।
ସବୁଠିତ ପୂରିଅଛ ବିସ୍ତାରିଣ କାୟା ॥୧୭॥
ଯୁଗେ ଯୁଗେ ଅବତରି ଦେଖାଉଛ ରାହା ।
ହେ ପ୍ରତ୍ୟକ୍ଷ ଗୁରୁ ଶ୍ରୀପାଦୁକା ଜୀବନାହା ॥୧୮॥
କଂସକୁ ନାଶିଲ କୃଷ୍ଣ ଅବତାର ହୋଇ ।
ରାବଣ ବିନାଶ କଲ ରାମନାମ ବହି ॥୧୯॥
ପ୍ରହ୍ଲାଦ ତାରିଲ ହେ ଶ୍ରୀହରି ନରସିଂହ ।
ସାଧୁସନ୍ଥ ଉଦ୍ଧରୁଛ କରି ସତସଂଗ ॥୨୦॥
ଯୁଗ ଯୁଗାନ୍ତର ପାଇଁ କରହେ କରୁଣା ।
ଶ୍ରୀପାଦୁକା ପ୍ରାପ୍ତି ହେଉ ଏତିକି ବନ୍ଦନା ॥୨୧॥

# ମୁଖଶାଳା

## ସମ୍ପାଦକୀୟ

*ଓଁ ନମୋ ଭଗବତେ କେଶବଚନ୍ଦ୍ରାୟ !*

ଈଶ୍ୱର ଉପାସନା ଓ ସାଧନା ବ୍ୟତୀତ ଈଶ୍ୱରୋପଲବ୍ଧି କରାଯାଇ ପାରିନି, ପାରେନା । ଈଶ୍ୱର ଉପଲବ୍ଧି ବ୍ୟତୀତ ବିଶ୍ୱକଲ୍ୟାଣ ମଧ୍ୟ କରାଯାଇପାରେ ନାହିଁ । ଏହି ଉପଲବ୍ଧି ଆକାଂକ୍ଷାରେ ଜୀବ ସତତ ବ୍ୟାକୁଳ ହୋଇ ଆକୁଳ ହୃଦୟରେ ଭଗବଦ୍ ପ୍ରସଙ୍ଗରେ ମଜ୍ଜି ରହିଲେ ହିଁ ଅସଲ ସାଧନା ହୁଏ । ଏତାଦୃଶ ସାଧନାରୁ ପ୍ରତ୍ୟକ୍ଷ ଅନୁଭୂତିର ସ୍ରୋତ ନିରବଚ୍ଛିନ୍ନ ପ୍ରବାହମାନ ହୁଏ । ଆଜି ଏହିପରି ଅନୁଭୂତି ଓ ଉପଲବ୍ଧିକୁ ଉପଜୀବ୍ୟକରି ଅଗଣିତ ଅନୁଗତ ଭକ୍ତ ଶିଷ୍ୟଶିଷ୍ୟା ସକଳ ବାଧାବିପତ୍ତିକୁ ପଛରେ ପକାଇ ସ୍ୱର୍ଣ୍ଣକ୍ଷେତ୍ରରେ କ୍ଷିତିଜ୍ୟୋତି ଆଶ୍ରମ ପରିସରରେ ଏକତ୍ର ହୋଇ ପାରିଛନ୍ତି । ପ୍ରତ୍ୟେକଙ୍କର ନିଜସ୍ୱ ଅନୁଭୂତି ଓ ଉପଲବ୍ଧିର ଅନ୍ତନାହିଁ । ଏହି ପ୍ରତ୍ୟକ୍ଷ ଅନୁଭୂତି ଓ ଉପଲବ୍ଧିର ସତ୍ୟନିଷ୍ଠ କାହାଣୀର ଧାରା ପ୍ରଭୁପୀଠ ସ୍ୱର୍ଣ୍ଣକ୍ଷେତ୍ରର ପରିସରରୁ ଆରମ୍ଭକରି ଭାରତର ବିଭିନ୍ନ କୋଣ ଅନୁକୋଣରେ ଦୂରଦୂରାନ୍ତରରେ ଅବସ୍ଥିତ ଗୁରୁଭାଇଭଉଣୀଙ୍କର ପ୍ରତିଦିନର ଜୀବନଚର୍ଯ୍ୟା ପର୍ଯ୍ୟନ୍ତ ସ୍ୱତଃ ପ୍ରବାହିତ ଓ ସୁବିସ୍ତୃତ ।

ଇପ୍‌ସା ଓ ଇପ୍‌ସୁର ଭାବଘନ ଭକ୍ତିପୂତ ମହାମିଳନରେ ପ୍ରଭୁପାଦଙ୍କର ମହତୀଇଚ୍ଛା ଆମମାନଙ୍କ ଅନ୍ତରରେ ସୃଷ୍ଟିହୋଇ ଆମମାନଙ୍କ ମାଧ୍ୟମରେ ବିକାଶଲାଭ କରେ; ଏହାହିଁ ଆମର ନିଜସ୍ୱ ଅନୁଭୂତି ଓ ଉପଲବ୍ଧି । ଆମ ମାନଙ୍କ ମଧ୍ୟରୁ ଅନେକଙ୍କର ଏପରି ଉପଲବ୍ଧି ଓ ଅନୁଭୂତି ଭଣାଅଧିକ ହୋଇଥିବ, ହେଉଛି ମଧ୍ୟ ।

ଈପ୍‌ସିତ ଲକ୍ଷ୍ୟ ଆମର ନିର୍ଦ୍ଦିଷ୍ଟ । ଆମେ ଶଙ୍କାକୁଳ ଚିତ୍ତରେ ସନ୍ଦିଗ୍ଧଭାବରେ ଲକ୍ଷ୍ୟହୀନ ପଥର ଯାତ୍ରୀ ନୋହୁଁ । ଶଙ୍କା ବିବର୍ଜ୍ଜିତ ଆମର ଚିତ୍ତ, ସନ୍ଦେହହୀନ ଆମର ଅନ୍ତଃକରଣ । ଦୃଢ଼ ବିଶ୍ୱାସର ସହିତ ଆନ୍ତରିକ ଅନ୍ତରଙ୍ଗ ଭାବରେ ଧର୍ମଧାରା ଧରି ନିତିଦିନର ଅଭ୍ୟାସ କର୍ମଯୋଗ ସାଧନା ଫଳରୁ ମନକୁ ଏକାଗ୍ର ଏକମୁଖୀ କରି ନିଷ୍କାମ କର୍ମ ସଂପାଦନ ପାଇଁ ହିଁ ଆମେ ନରଶରୀର ଧରି ଏହି ଅନ୍ତିମ କଳିର ଅନନ୍ତ ଯୁଗରେ ଧରାଧାମରେ ଅବତୀର୍ଣ୍ଣ ହୋଇଛୁ । ନିଷ୍କର୍ମା ହୋଇ ବସିରହି, ପରନିର୍ଭରଶୀଳ ହୋଇ ଏବଂ ଅଯଥାରେ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଦୁରୋପଯୋଗ କରି 'କରି କରାଉଥାଏ ମୁହିଁ' ଏବଂ 'ତ୍ୱୟା ହୃଷୀକେଶ ହୃଦିସ୍ଥିତେନ ଯଥା ନିଯୁକ୍ତୋଽସ୍ମି ତଥା କରୋମି' ଗାଇ ଆପଣାର ଦୁଷ୍କୃତିକୁ ଆତ୍ମପକ୍ଷ ସମର୍ଥନରେ ଯୁକ୍ତିବାଢ଼ିବା ଭଳି ଆତ୍ମମ୍ଭରିତା ଆମେ କରିବା ଶୋଭନୀୟ ନୁହେଁ ।

ଈର୍ଷାକାତର ବହୁ ବ୍ୟକ୍ତିତ୍ୱ ଆମ ସହିତ ଟକ୍କର ଦେବାପାଇଁ 'ହାତୀ ଭଡ଼େଇକି ଛାତି ପତାଇ କାତି ବାନ୍ଧି' ରହିଛନ୍ତି । ଈଦୃଶ ଈର୍ଷାଳୁଙ୍କ ସହିତ ଆମର ସଂପର୍କ କ୍ଷୀଣତମ । ଆମେମାନେ ସ୍ୱତନ୍ତ୍ର ଉପାଦାନରେ ଗଠିତ । ସେ ଉପାଦାନ ଆମ ଅନ୍ତଃକରଣରେ ସଞ୍ଚିତ । ଗୁରୁଦେବଙ୍କ ପ୍ରତି କଟୂକ୍ତି କରୁଥିବା ବ୍ୟକ୍ତି ସମସ୍ତଙ୍କ ସମ୍ମୁଖରେ ନିଜକୁ ସର୍ବଶ୍ରେଷ୍ଠ ଭକ୍ତ ବୋଲି ପ୍ରଖ୍ୟାପନ କରିବା ଭଳି ଧୃଷ୍ଟତା ଆମର ନାହିଁ । ସେପରି ଭକ୍ତ ଶ୍ରେଷ୍ଠତା ଆମର କାମନା ନୁହେଁ । ହେବା ମଧ୍ୟ ଅନୁଚିତ୍ । ଆମର ଭାବ : 'ନାସ୍ତୈବ ତସ୍ମିନ୍ ; ତତ୍‌ସୁଖେ ସୁଖୀନ ।' ଅର୍ଥାତ୍, 'ତମ ଛଡ଼ା ମୋର କିଛି ନାହିଁ, କେହି ନାହିଁ; ତମ ସୁଖରେ ହିଁ ମୁଁ ସୁଖୀ ପ୍ରଭୁ !' ଏହାହିଁ ସତତ ଆମ ମାନସରେ ସତେଜ ରହୁ । ଏହାହିଁ ଆମର ଚିନ୍ତା ଓ ଚେତନା ହେଉ ।

ବିସ୍ତରେଣ ଅଳମ୍ ।

ନମସ୍କାରାନ୍ତେ

✪✪✪

କେଶବଦାସ ବୃନ୍ଦାବନ




## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!

*ପଞ୍ଚଦଶ ଶତାବ୍ଦୀର ଓଡ଼ିଶାର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ସବିକଳ୍ପ ସମାଧିରେ ଅଧିରୂଢ଼ହୋଇ ନିରାକାର ପୁରୁଷଙ୍କଠାରୁ ଯୋଗର ଜ୍ଞାନବିଜ୍ଞାନ ପ୍ରାପ୍ତ ହୁଅନ୍ତି । ସେହି ପ୍ରାପ୍ତ ଜ୍ଞାନକୁ ଜଗତକଲ୍ୟାଣ ନିମନ୍ତେ ପ୍ରିୟଶିଷ୍ୟ ରାମଦାସଙ୍କୁ ଏକାନ୍ତରେ ଗୋପନୀୟ ଭାବରେ ଅବଗତ କରାଇଛନ୍ତି । ମୋହକଳ୍ପର ୪ର୍ଥ ପୃଷ୍ଠାରୁ ଉଦ୍ଧୃତାଂଶ 'ଚରମ' ର ଦଶମ ସଂଖ୍ୟାରେ ପ୍ରକାଶ ହୋଇଛି । ଏଠାରେ ତାହାର ସଂକ୍ଷିପ୍ତ ବ୍ୟାଖ୍ୟା ପ୍ରକାଶ ହେଉଛି ।*

*ପରବର୍ତ୍ତୀ ସଂଖ୍ୟାରେ ଉଦ୍ଧୃତାଂଶ ସହିତ ବ୍ୟାଖ୍ୟା ଏକତ୍ର ପ୍ରକାଶ ହେବ ।*

## 'ମୋହକଳ୍ପ' ରୁ ଉଦ୍ଧୃତାଂଶର ବ୍ୟାଖ୍ୟା

### 'ଚରମ' : ତୃତୀୟପୁଷ୍ପ : ତୃତୀୟ ପାଖୁଡ଼ା : (ଦଶମ ସଂଖ୍ୟା)ରେ ମୂଳପଦ ଦ୍ରଷ୍ଟବ୍ୟ

**ଲ** ଲାଟରୁ କଣ୍ଠଦେଶ ପର୍ଯ୍ୟନ୍ତ ପିଣ୍ଡତତ୍ତ୍ୱ ମତରେ ଓଡ଼ିଶା । ସେହିପରି କଣ୍ଠରୁ ନାଭି ପର୍ଯ୍ୟନ୍ତ ବଙ୍ଗଦେଶ ଅଟେ । କାର୍ତ୍ତିକ ମାସ ମୋକ୍ଷ ଯୋଗ । ନିର୍ଘାତ ବୋଇଲେ କଠିନ ଯୋଗାବସ୍ଥା ଓ ଦୃଢ଼ ସଂକଳ୍ପକୁ ବୁଝାଏ । ମୋକ୍ଷ ଯୋଗାବସ୍ଥାରେ ଯୋଗୀ କଠିନ ଓ ଦୃଢ଼ ଯୋଗ ସଂକଳ୍ପ ମଧ୍ୟରେ ଗତିକରିଥାଏ ॥୧॥

ଉନବିଂଶ ବୋଇଲେ ଉଣେଇଶ । ଅଠର ଅଣିମା ପାହାଚରେ ମୋକ୍ଷ ପଡ଼େ । ଯୋଗୀ ଯୋଗ ସାଧନର ପଥରେ ଗୋଟିଏ ଗୋଟିଏ ସୋପାନ କ୍ରମଶଃ ଅତିକ୍ରମ କରି ଯାଇଁ ଯାଇଁ ମୋକ୍ଷ ଯୋଗ ପାହାଚରେ ପହଞ୍ଚିଥାଏ । ଅଠର ଅଣିମା ସହିତ ଚୈତନ୍ୟ ମିଶି ଉଣେଇଶ ଅଣିମା ହୁଏ । ଏହି ଅବସ୍ଥାକୁ କାର୍ତ୍ତିକ ମାସ, ଧର୍ମମାସ କୁହାଯାଏ । ଏ ଅବସ୍ଥାରେ ଇନ୍ଦ୍ରିୟଗଣ ସଂଯତ ଅବସ୍ଥାରେ ରହିଥାଆନ୍ତି । ବୃଷ୍ଟି ନକରିବା ଅର୍ଥ ଅସଂଯତ ନ ହେବା ॥୨॥

ଯୋଗୀର ସଂଯମ ଅବସ୍ଥାରେ ତ୍ୟାଗ କରିଥିବା ବସ୍ତୁ ପରୀକ୍ଷା ସ୍ୱରୂପ ଉପସ୍ଥିତ ହୁଏ । ସେତେବେଳେ ଯୋଗୀ ବିଭିନ୍ନ ସଙ୍କେତ ପ୍ରଣାମ ସ୍ୱରୂପ ଲାଭକରେ । ତାହା ନାଦ, ଶବ୍ଦ, ଧ୍ୱନି ଆକାରରେ ଯୋଗୀକୁ ପ୍ରାପ୍ତ ହୁଏ ॥୩॥

ଏହି ଅବସ୍ଥାରେ ଯୋଗୀଙ୍କର ଲୀଳା ମଧ୍ୟ ବିଭିନ୍ନ ମାଧ୍ୟମରେ ପ୍ରକଟ ହୁଏ । ଚେତନା ରାଜ୍ୟରେ ଗଭୀର ଚୈତନ୍ୟ ନାମକ ଶ୍ରୀବାସୁଦେବଙ୍କ ସହିତ ଭକ୍ତଭାବରେ ଯୋଗୀ ଲୀଳା କରନ୍ତି । ଜୀବବ୍ରହ୍ମ ଓ ପରଂବ୍ରହ୍ମ ଏକ ବିନ୍ଦୁରେ ଉପନୀତ ହୁଅନ୍ତି ।।୪।।

ଜୀବ ଯୋଗୀ ବେଶ ଧରି ପରଂବ୍ରହ୍ମଙ୍କ ସହିତ ଯୋଗଯୁକ୍ତ ହୁଅନ୍ତି । ଏହି ଯୋଗ ଅବସ୍ଥାରେ ଏକାକ୍ଷର ଭଜନସୂତ୍ର ସହିତ ମାନସ ଚୈତନ୍ୟର ଅନୁଭବ ହୁଏ । ଏଥି ସହିତ ସପ୍ତଏକାକ୍ଷର ଯଥା : ମନ୍ତ୍ର ଅଣିମା, ଶାଠ୍ୟ ଅଣିମା, ସାନ୍ନିଧ୍ୟା ଅଣିମା, ଯନ୍ତ୍ର ଅଣିମା, ତନ୍ତ୍ର ଅଣିମା, ସୌଧ୍ୟ ଅଣିମା ଓ ଚୈତନ୍ୟ ଅଣିମାରେ ତତ୍ତ୍ୱ ସୂତ୍ରେ ଅନୁଭବ ହୁଏ ।।୫।।

ଏହି ଅବସ୍ଥାରେ ଜୀବବ୍ରହ୍ମର ପରଂବ୍ରହ୍ମଙ୍କ ସହିତ ଯୋଗହୁଏ । ମନ୍ତ୍ର ଚୈତନ୍ୟର ସୌଧ୍ୟ ଚୈତନ୍ୟ ଗୁଣନକରି ଆଦିତତ୍ତ୍ୱ ଯୋଗମାୟା ସୂତ୍ର ଚିତ୍ତ ଅନୁଭବ କରେ ।।୬।।

ଜୀବ ଏହି ଅବସ୍ଥାରେ ପହଞ୍ଚିଲେ, ଜ୍ଞାନ ବିଜ୍ଞାନ ତତ୍ତ୍ୱମାନ ମାନସ ଚୈତନ୍ୟରେ ଅନୁଭବ କରି ଶବ୍ଦ ଦ୍ୱାରା ଅକ୍ଷର ଅଣସାଧନ ସୂତ୍ରକୁ ଖସିଆସେ ।।୭।।

ଯୋଗୀ ଯେତେବେଳେ ସହସ୍ରଦଳ ପଦ୍ମରେ ବ୍ରହ୍ମ ସହିତ ମେଳ ହୁଏ, ସେତେବେଳ ଭଗବାନଙ୍କର ଭକ୍ତ ବୋଲାଏ, କଠୋର ପରୀକ୍ଷାରେ ଉପନୀତ ହୋଇ ଭକ୍ତ ବିବେଚିତ ହୁଏ । ଅଣିମା ସୂତ୍ରରେ ସାଂଖ୍ୟଯୋଗକୁ 'କୁମ୍ଭମାସ' ବୋଲାଯାଏ ।।୮।।

ପରଂବ୍ରହ୍ମଙ୍କର ପୂର୍ଣ୍ଣକଳା ପ୍ରାପ୍ତ ହେଲେ ସପ୍ତାଙ୍ଗ ଅଣିମା, ପଞ୍ଚମ ଅଣିମା ସୂତ୍ରରେ ଏକାକ୍ଷର ମନ୍ତ୍ରମାନ ଦର୍ଶନ ଜଗତରେ ଅନୁଭୂତ ହୁଏ । ଏକାକ୍ଷର ମନ୍ତ୍ର ମଧ୍ୟ ଦେଖାଯାଏ ।।୯।।

ଯୋଗୀ ଯେତେବେଳେ ଦ୍ୱାଦଶ ଗିରିଖଣ୍ଡରେ ପହଞ୍ଚେ, ସେତେବେଳେ ବେଦାନ୍ତ, ପଞ୍ଚୁକିନୀତି ଖଣ୍ଡଗିରିରେ ପରିଣତ ହୁଏ । ଲୟାଙ୍ଗ ସୂତ୍ର ହାଙ୍କିବା ଖଣ୍ଡଗିରିରେ ଯୋଗୀର ଅନୁଭବ ହୁଏ । ଆତ୍ମ ଚୈତନ୍ୟ ସ୍ଥାନକୁ ତାମ୍ରକୋଟ କୁହାଯାଏ । ଏହା ଦେଖିବାକୁ ତାମ୍ର ବର୍ଣ୍ଣ । ସ୍ଥୂଳ ଚୈତନ୍ୟରୁ ଆତ୍ମଚୈତନ୍ୟ ପର୍ଯ୍ୟନ୍ତ - ଖଣ୍ଡଗିରିରୁ ତାମ୍ରକୋଟ ପର୍ଯ୍ୟନ୍ତ ବୋଲାଯାଏ । ଗିରିରୁ କୋଟ ପର୍ଯ୍ୟନ୍ତ ବେଦାନ୍ତ, ନାଗାନ୍ତ ଶାସ୍ତ୍ରର ଯାବତୀୟ ଯନ୍ତ୍ରମାନ ଦର୍ଶନ ସୂତ୍ରରେ ଦେଖାଯାଏ ।।୧୦।।

ଲଲାଟ ଚକ୍ରରେ ପାଞ୍ଚମନକୁ ପାଣ୍ଡବ ମଙ୍ଗଳ କୁହାଯାଏ । ଏହା ଲଲାଟରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରକୁ ଭେଦକରି ଆଦିଶକ୍ତି 'ଯୋଗମାୟା' ମଣ୍ଡଳ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥାଏ । ଏହି ଅବସ୍ଥାରେ ଯୋଗୀ ଲୟ ଅଣିମାର ସପ୍ତ ଯାନ୍ତ୍ରିକ ମନ୍ତ୍ରମାନ ଅନୁଭବ କରନ୍ତି । ବିଜ୍ଞାନ ମଣ୍ଡଳର ଯାବତୀୟ ଯନ୍ତ୍ର, ମନ୍ତ୍ର, ସୂତ୍ରାଦି ପରିଲକ୍ଷିତ କରେ ।।୧୧।।

ଅନନ୍ତ ଅବ୍ୟକ୍ତରୁ ଅନ୍ତିମ ମଣ୍ଡଳ ବ୍ୟକ୍ତ ହେଲା । ଏହି ମଣ୍ଡଳରେ ମାନସଚିତ୍ତକୁ ସୂକ୍ଷ୍ମ କୋଷରେ ଥିବା ବ୍ରହ୍ମବୈବର୍ତ୍ତୀୟ ସମସ୍ତ ଜ୍ଞାନ ଅନୁଭୂତ ହୁଏ । କାରଣ, ମହାମାୟା ଅଣସୂତ୍ର ସାଧନରେ ଚଣ୍ଡୀଶାସ୍ତ୍ରର ମନ୍ତ୍ର, ଯନ୍ତ୍ର, ତନ୍ତ୍ରାଦି ସକଳ ଜ୍ଞାନ ଯୋଗୀ ଯୋଗସ୍ଥ ଅବସ୍ଥାରେ ଅନୁଭବ କରିପାରନ୍ତି ।।୧୨।।

ସପ୍ତାଙ୍ଗ ଯୋଗ ସାଧନ ଜ୍ଞାନମାନ ସପ୍ତଲୋକରେ ଥିବା ସୂକ୍ଷ୍ମ ଭକ୍ତମାନେ ଚୈତନ୍ୟ ଜଗତରେ ମେଳ ହୁଅନ୍ତି । ଏହି ମଣ୍ଡଳରେ ଯୋଗୀ ସୂକ୍ଷ୍ମ ପରୀକ୍ଷାରେ ପରୀକ୍ଷିତ ହୁଅନ୍ତି । ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇସାରିବାପରେ ଭକ୍ତ ରୂପେ

ଶକ୍ତସଂକଳ୍ପ ହୋଇ ମାର୍ଗକୁ କଠିନ ଭାବେ ମହାମାୟା ନିକଟରେ କୃପାଭିକ୍ଷାକରି ଦଶମହାବିଦ୍ୟା ସାଧନ ସୂତ୍ରମାନ ସିଦ୍ଧି ସ୍ୱରୂପ ଲାଭ କରନ୍ତି ।।୧୩।।

ଗିରିକୋଟ ବା ଚୈତନ୍ୟଜଗତର ସର୍ବସ୍ୱ କର୍ତ୍ତା ବ୍ରହ୍ମ । ଯୋଗୀ ରାଇ ବା ରାଧା'ପ୍ରେମରେ ବୁଡ଼ି ବ୍ରହ୍ମାନନ୍ଦପ୍ରାପ୍ତ ହୋଇ ସପ୍ତଲୋକର ଭକ୍ତମାନଙ୍କ ସହ ଶବ୍ଦ (ଧ୍ୱନୀ) ଦ୍ୱାରା କଥାବାର୍ତ୍ତା କରନ୍ତି ।।୧୪।।

ଚୈତନ୍ୟକୁ 'ଜରିଆ' ଗ୍ରାମ ବୋଲାଯାଏ । ଯୋଗୀ ବ୍ରହ୍ମାନନ୍ଦ ପ୍ରାପ୍ତ ହେଲେ, ଗୁପ୍ତ ଅବସ୍ଥାରେ ରହେ । ବହିରଙ୍ଗରେ ବା ବାହାରିଆ ସ୍ଥୁଳ ଆଚରଣରେ ଏକପ୍ରକାର ଜଣା ଯାଉଥିଲେ ମଧ୍ୟ, ଅନ୍ତରଙ୍ଗରେ ଅନ୍ତଃସ୍ଥଳ (ଅନ୍ତଃକରଣ) ବା ସୂକ୍ଷ୍ମ ଆଚରଣରେ ସେ ବ୍ରହ୍ମତଲ୍ଲୀନ ଅବସ୍ଥାରେ ସର୍ବଦା ତନ୍ମୟ ଥାଆନ୍ତି । ଏହାହିଁ ସଦାନନ୍ଦ ଅବସ୍ଥା ।।୧୫।।

ଦ୍ରୟ ଚୈତନ୍ୟ ଅକ୍ଷର 'ରା' ଓ 'ମ' ଜୀବବ୍ରହ୍ମ । ଗ୍ରୀବା ୩୨ ପ୍ରକାର ଅଟେ । କୁଣ୍ଡଳିନୀରେ ଏହି ୩୨ ପ୍ରକାର ଗ୍ରୀବାର ସ୍ଥିତି । ସୁଗ୍ରୀବ ତନୁଧରୁ ଦ୍ୱାଦଶ କୁଣ୍ଡଳୀ ଶବ୍ଦ । ଦ୍ୱୟ ଚୈତନ୍ୟ ଗୃହରେ କୃ, ଷ୍ଣ ବା 'ରା' = ରାମ ଏବଂ 'ମ' = କୃଷ୍ଣ ଅଟେ । ଏକାଦଶ ଅଣିମା ଇନ୍ଦ୍ରରେ 'ସୁରଥ' ନାମ ଶବ୍ଦ ବହନ କରେ ।।୧୬।।

ଘୋର କଳି ହେଉଛି ସାୟଂ ଅଣିମା ମଣ୍ଡଳ । ଏହି ମଣ୍ଡଳରେ ଯୋଗୀ ପହଞ୍ଚିଲେ, 'ଜରିଆ ମଣ୍ଡଳ' ପଞ୍ଚାତ୍ମିକ ଅକ୍ଷର ତତ୍ତ୍ୱମାନ ଯୋଗୀ ହୃଦୟରେ ଜାତ ହୁଏ ।।୧୭।।


ପ୍ରଭୁଙ୍କର ଆଶ୍ରୟସ୍ଥଳୀ 'ଚୈତନ୍ୟ ମୁକୁନ୍ଦ' ଅଟେ । ମାତା ପାର୍ବତୀ 'ଶୁଣଚିଣ୍ଡ ଦୁର୍ଗା' ଅଟନ୍ତି । ଅର୍ଥାତ୍ ଯୋଗୀର ଯୋଗସିଦ୍ଧ ଚୈତନ୍ୟ ହିଁ ପ୍ରଭୁଙ୍କର ଆଶ୍ରୟସ୍ଥଳ । ଏହି ସ୍ଥଳକୁ ଦୁର୍ଗ ସ୍ୱରୂପ ସୁରକ୍ଷିତ କରନ୍ତି ଯୋଗମାୟା ।।୧୮।।

ମାନସଚୈତନ୍ୟର ଅନ୍ତ ମଧ୍ୟଭାଗରେ କଳ୍ପନାର ବୃକ୍ଷ ବିରାଜମାନ ହୁଏ । ଜୀବ ମଧ୍ୟରେ ସୁଖଦୁଃଖ ଦୁଇ ଫଳ ସେ ବୃକ୍ଷରେ ଝୁଲୁଥାଏ । ଆତ୍ମାରୁ ଅର୍ଥାତ୍ ଅବ୍ୟକ୍ତର ନାଦ । ଏହି ଅବସ୍ଥାରେ ଶିବଲୋକର ଜ୍ଞାନମାନ ଦୃଷ୍ଟିଗୋଚର ହୋଇ ଦୃଶ୍ୟମାନ ହୁଏ ।।୧୯।।

ଏସବୁ ସଙ୍କେତମାନ ଯୋଗୀ ପାଇବା ପରେ, ଇନ୍ଦ୍ରୀୟ ଓ ପ୍ରକୃତିମାନ ଉଦୟ ହୋଇ ସ୍ଥୁଳ ଚୈତନ୍ୟରେ ଜୀବକୁ ସାହାଯ୍ୟ କରନ୍ତି । ବିଷୟା ବୃକ୍ଷରେ ଜୀବ ବିଭିନ୍ନ ଜାଗତିକ ପରୀକ୍ଷାମାନ ଦେଇ ଚାଲିଥାଏ । ସାଧନସୂତ୍ର ନିଷ୍ଠା ଓ ଆନ୍ତରିକତାର ସହିତ ଅଭ୍ୟାସଯୋଗରେ ଅବଲମ୍ବନ କରି ସାଧନ କଲେ, ପରୀକ୍ଷାରେ ଉତୀର୍ଣ୍ଣ ହୁଏ । ବ୍ରହ୍ମ ଏକାକ୍ଷର ସୂତ୍ରର ଯେତେକ ଭଜନ ମନ୍ତ୍ର ଚୈତନ୍ୟ ହୋଇଥାଏ । ଜୀବବ୍ରହ୍ମ ପରଂବ୍ରହ୍ମଙ୍କ ନିକଟରେ ପରୀକ୍ଷା ଦିଏ । ପରୀକ୍ଷାରେ ଉତୀର୍ଣ୍ଣ ହୋଇସାରିବାପରେ, ପରମବ୍ରହ୍ମଙ୍କ ସହିତ ଯୋଗହୁଏ ।।୨୦,୨୧,୨୨।।

*'ଯୋଗ ମାର୍ଗର ଏ ସୂତ୍ର ସାଧନ ।*
*ହେଳ ଯୋଗୀଏ ଦେଇ ମନଧ୍ୟାନ ।।*

❑❑❑



# ପୁରାଣ ପୃଷ୍ଠାରୁ

*ଆମ ପୁରାଣ ସାହିତ୍ୟ ଆମ ସାରସ୍ୱତ ଭଣ୍ଡାରର ଅମୂଲ୍ୟ ରତ୍ନ । ମାତ୍ର ଏହି ପୁରାଣସକଳର ଅନ୍ତରାଳରେ ଲୁକ୍କାୟିତ ପିଣ୍ଡତାତ୍ତ୍ୱିକ ଆଲୋଚନା ସମ୍ପ୍ରତି ଆଦୌ ହେଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାତ୍ତ୍ୱିକ ମୀମାଂସା ବିନା ପୁରାଣ ପାଠର ମୂଲ୍ୟ କିଛି ନାହିଁ କହିଲେ ଚଳେ ।*

*'ଚରମ' ପୃଷ୍ଠାରେ ପ୍ରତ୍ୟେକ ସଂଖ୍ୟାରେ ବିଭିନ୍ନ ପୁରାଣରୁ ଆଖ୍ୟାୟିକା ମାନ ଚୟନ କରାଯାଇ ଗଳ୍ପାଂଶର ଅନ୍ତରାଳରେ ଥିବା ପିଣ୍ଡତତ୍ତ୍ୱମତର ତାତ୍ତ୍ୱିକ ଆଲୋଚନା ମୀମାଂସା ଖଣ୍ଡରେ ପତ୍ରସ୍ଥ ହେଉଅଛି । ସାଧନ ପ୍ରକ୍ରିୟାରେ ବହୁ ବ୍ରହ୍ମଜିଜ୍ଞାସୁଙ୍କର ସଂଶୟ ମୋଚନ ଏବଂ ସନ୍ଦେହ ଖଣ୍ଡନରେ ଏହା ସହାୟକ ହେଉଛି । ଏଥରକ ପଢ଼ନ୍ତୁ :*

## ବସ୍ତ୍ରହରଣ ବୃତ୍ତାନ୍ତ

**ଗ୍ରୀଷ୍ମ** ଋତୁପରେ ବର୍ଷାଋତୁ ଆସିଲା । ଆକାଶ ମେଘାଚ୍ଛନ୍ନ ହେଲା । ଚାରିଆଡ଼େ ବର୍ଷା ହୋଇ ନଈ ନାଳ ପୁଷ୍କରିଣୀ ସବୁ ଜଳପୂର୍ଣ୍ଣ ହୋଇଗଲା । ଜଳ ଅଭାବ ଦୂର ହେବାରୁ ଚାଷକାର୍ଯ୍ୟ ଯଥାରୀତି ଚାଲିଲା । ଲୋକେ ବର୍ଷାଋତୁ ହେତୁ ସୁଖ ଶାନ୍ତି ଅନୁଭବ କଲେ । ମୟୂରମାନେ ନାଚିଲେ ।

**ଖଜୁର** ଓ ଜାମୁକୋଳି ପାଚିବାରୁ ଗୋପାଳ ବାଳକମାନେ ଆନନ୍ଦରେ କୋଳି ଖାଇଲେ । ବର୍ଷାଋତୁ ପରେ ଶରତ ଋତୁ ଆସିଲା । ଆକାଶ ନିର୍ମଳ ଦିଶିଲା । ଜଳରେ କଇଁଫୁଲ ଫୁଟିଲା । କୃଷିକର୍ମ କରି ଗୋପାଳମାନେ ଆନନ୍ଦଲାଭ କଲେ । ଗୋପାଳ ବାଳକମାନେ ଗାଈ ଗୋରୁ ଧରି କୃଷ୍ଣ ବଳରାମଙ୍କ ସହିତ ବୃନ୍ଦାବନରେ ବୁଲିଲେ । କୃଷ୍ଣଙ୍କ ମୁରଲୀ ସ୍ୱନରେ ଗୋପ ଗୋପାଙ୍ଗନାମାନେ ଆନନ୍ଦରେ ଆତ୍ମହରା ହେଲେ । କୃଷ୍ଣଙ୍କ ମୁରଲୀସ୍ୱନରେ ମୃଗ ଓ ମୟୂରମାନେ ଚକିତ ହୋଇ ସ୍ଥିର ଦୃଷ୍ଟିରେ ଚାହିଁ ରହିଲେ । ସେମାନଙ୍କ ମନ ମଧ୍ୟ ପୁଲକିତ ହେଲା । ଶରତ ଋତୁ ପରେ ହେମନ୍ତ ଋତୁ ଆସିଲା । ଗୋପକନ୍ୟାମାନେ ଦୁର୍ଗାପୂଜା କରିବାପାଇଁ ପ୍ରାତଃକାଳରେ ଯମୁନା କୂଳରେ ଆସି ପହଞ୍ଚିଲେ । ନଦୀ କୂଳରେ ବାଲିରେ ମୂର୍ତ୍ତିକରି ଗୌରୀଙ୍କୁ ପୂଜା କଲେ ଓ କିପରି କୃଷ୍ଣଙ୍କୁ ପାଇ ଖୁସିହେବେ ସେଥିପାଇଁ ଦୁର୍ଗାଙ୍କୁ ପ୍ରାର୍ଥନା କଲେ । ଗୋପକନ୍ୟାମାନେ ରାତିରୁ ଉଠି ଦଳ ଦଳ ହୋଇ ଆନନ୍ଦମନରେ ପ୍ରତିଦିନ ନଦୀକୂଳକୁ ଯିବାକୁ ଲାଗିଲେ । କୂଳରେ ବସ୍ତ୍ରସବୁ ରଖିଦେଇ ଯମୁନା ଜଳରେ ପ୍ରବେଶ କରି ଖୁସି ମନରେ  ସ୍ନାନ କଲେ । ସ୍ନାନ ଶେଷରେ ବସ୍ତ୍ର ପରିଧାନ କରି ଦେବୀ କାତ୍ୟାୟନୀଙ୍କୁ

ପୂଜା କରି ଏକମନରେ ପ୍ରାର୍ଥନା କଲେ ; ମା' ଗୋ, ଦେବୀ କାତ୍ୟାୟନୀ, ଆମେ ତମରି ଭକ୍ତ, ଆମକୁ ଦୟାକର ଯେପରି ଆମ୍ଭେମାନେ ନନ୍ଦସୁତ କୃଷ୍ଣଙ୍କୁ ପାଇବା ଓ ସେ ଆମପ୍ରତି ପ୍ରେମଦୃଷ୍ଟି ପକାଇବେ ।

ଏହିପରି ନିତିଦିନ ଗଡ଼ିଚାଲୁଥିଲା । ଦିନେ ଗୋପୀମାନେ କୂଳରେ ପିନ୍ଧାବସ୍ତ୍ର ରଖିଦେଇ ଯମୁନା ଜଳରେ ସ୍ନାନ କରୁଥିବା ସମୟରେ କୃଷ୍ଣ ଯାଇ ସେଠାରେ ଉପସ୍ଥିତ ହେଲେ । ଭଗବାନ ଶ୍ରୀକୃଷ୍ଣ ପବନ ସାହାଯ୍ୟରେ ସେହି ବସ୍ତ୍ରତକ ନେଇ କଦମ୍ବଗଛ ଡାଳରେ ଝୁଲାଇ ରଖିଲେ ଓ ନିଜେ କଦମ୍ବ ଡାଳରେ ବସି ମୋହନବଂଶୀ ବାଦନ କରିବାରୁ ନଦୀରେ ସ୍ନାନରତ ଗୋପକନ୍ୟାମାନେ ବଂଶୀସ୍ୱନ ଶୁଣି ନିଜ ନିଜ ପିନ୍ଧାବସ୍ତ୍ର କଥା ଚିନ୍ତା କଲେ । କୂଳକୁ ଉଠି ଆସି ସେମାନେ ନିଜ ନିଜର ବସ୍ତ୍ର ନ ପାଇ ପୁନର୍ବାର ଯମୁନା ଜଳରେ ପ୍ରବେଶ କରି କୃଷ୍ଣ ଏବଂ ବସ୍ତ୍ର ଖୋଜିବାକୁ ଲାଗିଲେ ଓ ନିଜ ନିଜ ମଧ୍ୟରେ କଥୋପକଥନ କଲେ । ଶେଷରେ କୃଷ୍ଣ କଦମ୍ବ ବୃକ୍ଷରୁ ଗୋପୀମାନଙ୍କୁ ଦର୍ଶନ ଦେଇ କହିଲେ : ହେ ଗୋପୀମାନେ, ଚାହିଁ ଦେଖ, ଏଠାରେ ମୋ ପାଖରେ ତମ ବସ୍ତ୍ରସବୁ ରହିଛି । ତମେ ଯଦି ମୋ ପାଖକୁ ଆସି ବସ୍ତ୍ର ମାଗିବ, ମୁଁ ତାହା ତମକୁ ଦେବି ବୋଲି ପ୍ରତିଜ୍ଞା କରିଛି । ତମମାନଙ୍କ ପ୍ରତି ମୋର କରୁଣା ରହିଛି । ଦୀର୍ଘଦିନ ଧରି ବ୍ରତ ଉପବାସ କରି ତମେ ସବୁ କ୍ଷୀଣ ତନୁ ହୋଇ ଯାଇଥିବାରୁ ମୁଁ ଦୁଃଖିତ । ତମେମାନେ ବେଶୀ ସମୟ ଜଳରେ ଛିଡ଼ାହୋଇ ରହି ପାରିବ ନାହିଁ । ତେଣୁ ମୁଁ ତମକୁ କହୁଛି, ତମେ ସମସ୍ତେ ଏକତ୍ର ବା ଜଣକ ପରେ ଜଣେ ଆସି ମୋ ଠାରୁ ତମମାନଙ୍କର ବସ୍ତ୍ର ମାଗିନିଅ ।

କ'ଣ କରିବେ ନ କରିବେ ବୋଲି ଗୋପୀମାନେ କିଛି ଠିକ୍ କରି ପାରିଲେ ନାହିଁ । ସେମାନେ ପରସ୍ପରକୁ ଚାହିଁ ରହିଲେ ଏବଂ ଯେଉଁ କୃଷ୍ଣଙ୍କୁ ସେମାନେ ଏତେ ପ୍ରେମ କରନ୍ତି ଓ ଯାହାଙ୍କର ପ୍ରେମ ପାଇବା ପାଇଁ ଦେବୀ କାତ୍ୟାୟନୀଙ୍କୁ ଏତେ ପୂଜା ଉପାସନା କରୁଥିଲେ, ସେହି କୃଷ୍ଣଙ୍କୁ ମଧ୍ୟ ରାଗ କରି ପାରିଲେ ନାହିଁ । ପ୍ରାତଃକାଳୀନ ଶୀତ ଓ ଯମୁନାର ଶୀତଳ ଜଳ ହେତୁ ସେମାନେ କମ୍ପିବାକୁ ଲାଗିଲେ ।

ଶେଷରେ ଗୋପୀମାନେ ପ୍ରାର୍ଥନା କଲେ : ହେ କୃଷ୍ଣ, ତମ ରହସ୍ୟରେ ଆମ୍ଭମାନଙ୍କୁ ଅତ୍ୟାଚାରିତ କର ନାହିଁ । ଆମେ ଜାଣୁ ତମେ ଜଣେ ଭଲ ପିଲା । ଦୟାକରି ଆମ ବସ୍ତ୍ର ଆମକୁ ଫେରାଇ ଦିଅ । ଏ ଭୀଷଣ ଶୀତ ଆମେ ସହ୍ୟ କରି ପାରୁ ନାହୁଁ । ତମେ ବୃନ୍ଦାବନର ଅଧୀଶ୍ୱର ପୁତ୍ର, ତେଣୁ ତମେ ଆମକୁ ଦଣ୍ଡ ଦେବା ଅନୁଚିତ । ଆମେ ଶପଥ କରୁଛୁ ତମ ଆଦେଶ ଅକ୍ଷରେ ଅକ୍ଷରେ ପାଳନ କରିବୁ । ଶେଷରେ ବହୁ ବାଦାନୁବାଦ ପରେ କୃଷ୍ଣ କହିଲେ, ତମେମାନେ ତମ ଶପଥ ରକ୍ଷାକରି ମୋ ଆଦେଶ ପାଳନ କର । ସଙ୍ଗେ ସଙ୍ଗେ ଆସି ତମ ବସ୍ତ୍ର ମୋଠାରୁ ନେଇଯାଅ । ଏହାହିଁ ମୋର ଆଦେଶ । ଗୋପୀମାନେ ଦେଖିଲେ ଅନ୍ୟ ଉପାୟ ନାହିଁ, ତେଣୁ ଦୁଇହାତରେ ନିଜ ଦେହ ଢ଼ାଙ୍କି କଦମ୍ବମୂଳକୁ ଆସି କୃଷ୍ଣଙ୍କୁ ଆପଣାର ବସ୍ତ୍ର ମାଗିଲେ । କୃଷ୍ଣ କିନ୍ତୁ ଏତିକିରେ ସନ୍ତୁଷ୍ଟ ନ ହୋଇ ବିନାବସ୍ତ୍ରରେ ସ୍ନାନ କରୁଥିବା ପାପମୋଚନ ନିମନ୍ତେ ଯୋଡ଼ହସ୍ତରେ ନମସ୍କାର କରିବାକୁ ଆଦେଶ ଦେଲେ ।

ଦ୍ରୁତଗତିରେ ସମୟ ଗଡ଼ି ଚାଲିଥିଲା । କାଳେ ଅନ୍ୟ କିଏ ଆସି ସେଠାରେ ଉପସ୍ଥିତ ହେବ ଏହି ଭୟରେ ଗୋପୀମାନେ ଗୋଟିଏ ହାତରେ କୃଷ୍ଣଙ୍କୁ ପ୍ରଣାମ କଲେ । ଭଗବାନ କୃଷ୍ଣ ଗୋପୀମାନଙ୍କୁ ଭୟ ଦେଖାଇ କହିଲେ, ଉଲଗ୍ନ ହୋଇ ସ୍ନାନ କରିବା ଦ୍ୱାରା ତମେ ବରୁଣଙ୍କୁ ଅବମାନନା କରିଛ । ପୁଣି ଗୋଟିଏ ହାତରେ ପ୍ରଣାମ କରି ପରଂବ୍ରହ୍ମଙ୍କୁ ଅବମାନନା କରୁଛ । ଏହାଦ୍ୱାରା ତମର ବ୍ରତଉପାସନା ବୃଥା ହେବ । କାତ୍ୟାୟନୀ ପୂଜା ନିଷ୍ଫଳ ହେବ । ଭୟରେ

ଗୋପଯୁବତୀମାନେ ଦୁଇହାତ ଯୋଡ଼ି କପାଳରେ ଲଗାଇ କୃଷ୍ଣଙ୍କୁ ପ୍ରଣାମ କଲେ ଏବଂ ନିଜ ନିଜର ବସ୍ତ୍ର ଫେରି ପାଇବାକୁ ଅଳିକଲେ ।

**ଗୋ**ପୀମାନଙ୍କର ଏତାଦୃଶ ଅଟଳ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀକୃଷ୍ଣ ସେମାନଙ୍କର ବସ୍ତ୍ର ସେମାନଙ୍କୁ ଫେରାଇ ଦେଲେ । ସେମାନେ କୃଷ୍ଣଙ୍କ ଦ୍ୱାରା ଏହିପରି ଭାବରେ ଉପହାସିତ ହୋଇ ମଧ୍ୟ କୃଷ୍ଣଙ୍କୁ ରାଗ କରିପାରୁ ନଥିଲେ । ଅନ୍ୟ ପକ୍ଷରେ କୃଷ୍ଣଙ୍କ ପ୍ରତି ସେମାନଙ୍କର ଅହେତୁକ ଅନୁରାଗ ଓ ପ୍ରେମଭକ୍ତି ଥିଲା ।

## ମୀମାଂସା

ପିଣ୍ଡତତ୍ତ୍ୱରେ ଗ୍ରୀଷ୍ମଋତୁ ବୋଇଲେ ବିଷାଦ ଯୋଗ । ବିଷାଦ ଯୋଗ ସମୟରେ ଜୀବ ରୌଦ୍ରତାପ ଭଳି ଅନ୍ତର୍ଦାହ ଅନୁଭବ କରେ । ଏହି ଦହନରୁ କ୍ରମଶଃ ସେ ସଂଶୟାତ୍ମା ହୁଏ । ତେଣୁ ସଂଶୟ ବା ସନ୍ଦେହ ରୂପ ମେଘ ଦ୍ୱାରା ଜୀବର ମନ ଆକାଶ ପୂରିଉଠେ । ଏହାକୁ ବର୍ଷାଋତୁ କୁହାଯାଏ । ସଂଶୟୀ ବା ସନ୍ଦେହୀ ଗତିପଥ ସଜାଡ଼ି ରଖି ନ ପାରି ବିଷୟାରସରେ ଉବୁଟୁବୁ ହୁଏ । ଦୈହିକ ସୁଖରେ ମାତିଯାଏ । ଜୀବର ମନମୟୂର ନୃତ୍ୟରତ ରହେ ।

ଖଜୁର ଓ ଜାମୁକୋଳି ଉପରେ ଶଶ ବା ନରମ ମିଠା ଅଂଶ ଉପଭୋଗ କରି ମତୁଆଲା ହେଲେ ତତ୍‌ପରେ କଠିନ ବଡ଼ ଆକାର ମଞ୍ଜିଟିକୁ ଉପଭୋଗ କରିପାରେ ନାହିଁ । ସୁଖପରେ ଦୁଃଖର ଅବତାରଣା ହୁଏ । ସାଧନା ପଥ କଠିନ । ତାହା ଦୁଃଖଦାୟକ । କାୟା ସିଦ୍ଧି ନିମନ୍ତେ ଶାରୀରିକ ଯାତନା ସହ୍ୟ କରିବାକୁ ହୁଏ ।

ସାଧନା ପରେ ସଂଶୟ ବା ସନ୍ଦେହ ଉଭେଇ ଯାଏ । ମନ ଆକାଶ ନିର୍ମଳ ହୁଏ । ମନେ ରଖନ୍ତୁ : 'ମନ ନିରିମଳ ହୃଦ ପବିତ୍ର । ହେଲେ ତମ ସହ ହେବୁ ଏକତ୍ର ।।' (ଅଧର ପୀୟୂଷ : ପ ୩୭୦) । କଇଁ ଫୁଲ ବୋଇଲେ ଜ୍ଞାନପସରା ନାଦଜ୍ଞାନ । (ଚରମ : ନବମ ସଂଖ୍ୟା : ପୃ ୧୭ ପୃଷ୍ଠା ୧ମ ପରିଚ୍ଛେଦ ଦ୍ରଷ୍ଟବ୍ୟ) । ଗୋପାଳ ବୋଇଲେ ଭକ୍ତକୁଳ । କୃଷ୍ଣ ହେଉଛନ୍ତି ନିର୍ଗୁଣ ନିରାକାର ବ୍ରହ୍ମ । ବଳରାମ ହେଉଛନ୍ତି ତମ ଗୁଣ ସମ୍ପନ୍ନ । ଭକ୍ତମାନେ ଏକତ୍ର ନିର୍ଗୁଣ ଓ ତମଗୁଣ ସହିତ ଯୋଗ କ୍ରୀଡ଼ାରେ ପ୍ରମତ୍ତ ହୁଅନ୍ତି । ବୃନ୍ଦାବନ ହେଉଛି ତ୍ରିକୁଟ । ଯୋଗୀମାନେ ତ୍ରିକୁଟରେ ତ୍ରାଟକ ମୁଦ୍ରାରେ ଲୟ ରଖିଥାଆନ୍ତି । ମୁରଲୀସ୍ୱନ କହିଲେ ନାଦବ୍ରହ୍ମକୁ ବୁଝାଏ । ନିର୍ଗୁଣ ବ୍ରହ୍ମ ଏହି ନାଦବ୍ରହ୍ମ ଦ୍ୱାରା ଭକ୍ତକୁଳକୁ ଆକର୍ଷଣ କରନ୍ତି । ମୃଗ ବୋଇଲେ ଜୀବ ଏବଂ ମୟୁର କହିଲେ ମନ । ନାଦବ୍ରହ୍ମ ଦ୍ୱାରା ଜୀବ ଓ ମନ ଲୟ ସ୍ଥିର କରି ପରଂବ୍ରହ୍ମଙ୍କୁ ଧ୍ୟାନ କରନ୍ତି । ଏହି ଅବସ୍ଥାରେ ସାଧକ ପରମ ଆନନ୍ଦ ଲାଭ କରି ପୁଲକିତ ହୋଇଥାଆନ୍ତି ।

ହେମନ୍ତ ଋତୁ କହିଲେ ବ୍ରହ୍ମର ଠୁଳ ଅବସ୍ଥା । ସାଧକ କାମଜୟୀ ହୋଇ ନିଷ୍କଳ ବ୍ରହ୍ମର ସତ୍ତ୍ୱଗୁଣର ଅଧିକାରୀ ହୁଅନ୍ତି । ଗୋପକନ୍ୟା ବୋଇଲେ ଜୀବର ସୂକ୍ଷ୍ମାଂଶରେ ସ୍ଥିତ ପ୍ରକୃତି । ପ୍ରକୃତି ଯୋଗମାୟାର ଉପାସନା କରି ସନ୍ତୁଷ୍ଟ କଲେ, ନିର୍ଗୁଣ ନିରାକାର ବ୍ରହ୍ମଙ୍କର ସଙ୍ଗ ଲାଭ କରେ । ଯମୁନା ବୋଇଲେ ଇଡ଼ା ନାଡ଼ି । ଇଡ଼ା ପିଙ୍ଗଳା ଏହି ଦୁଇ ନାଡ଼ୀର ବନ୍ଧନରୁ ମୁକ୍ତ ହେଲେ ସୁଷୁମ୍ନା ବା ସରସ୍ୱତୀ ସଳଖରେ ପ୍ରବାହିତ ହୁଏ । ସାତ୍ତ୍ୱିକ ଭାବରେ ପୂର୍ଣ୍ଣ ଉଦୟ ହେଲେ, ଚକ୍ର ଭେଦ ହୁଏ, ଲକ୍ଷ୍ୟ ଭେଦ ହୁଏ ଏବଂ ପରାଶକ୍ତିରୁ ପରା ଜ୍ଞାନ ଉଦୟ ହୁଏ ।

ରାତିରୁ ଉଠି ଅର୍ଥାତ୍ ବ୍ରାହ୍ମ ମୁହୂର୍ତ୍ତରେ ସାଧନ କ୍ରିୟା କରିବା ପ୍ରକୃଷ୍ଟ ଓ ପ୍ରଶସ୍ତ । ବସ୍ତ୍ର ଓହ୍ଲାଇବା ଅର୍ଥ ପ୍ରବୃତ୍ତି ମାର୍ଗରୁ ନିବୃତ୍ତ ହେବା । ଏହି ଅଷ୍ଟ ପ୍ରବୃତ୍ତି ହିଁ ଅଷ୍ଟ ପାଶ । ଏହା ସାଧନ କ୍ରିୟାର ପ୍ରତିବନ୍ଧକ ବା ବାଧା । ଭକ୍ତ ସାଧକ ପ୍ରକୃତିସ୍ଥ ଅବସ୍ଥାରେ କ୍ରମଶଃ ଯୋଗ ସାଧନା କରୁ କରୁ ଇଡ଼ା ନାଡ଼ୀରେ ସାଧନ କରେ । ପ୍ରବୃତ୍ତି ବା ଫାଶକୁ କାଟି ଯୋଗ କ୍ରିୟାରେ ନିମଜ୍ଜିତ ହୋଇ ଯୋଗମାୟାଙ୍କୁ ସନ୍ତୁଷ୍ଟ କରି ପ୍ରାର୍ଥନା କରେ ନିରାକାର ନିର୍ଗୁଣ ପରଂବ୍ରହ୍ମଙ୍କ ସହିତ ମିଳିତ ହେବାପାଇଁ । ଏହାହିଁ ପ୍ରକୃଷ୍ଟ ଓ ଉତ୍ତମ ଯୋଗଯୁକ୍ତ ଅବସ୍ଥା ।

ଏହି ଯୋଗ ମାର୍ଗରେ ଚାଲୁ ଚାଲୁ ପରଂବ୍ରହ୍ମ ନିରାକାର ପୁରୁଷ ଯୋଗୀଜନଙ୍କର ମନକଥା ବୁଝି ପବନ ବା ପ୍ରାଣାୟାମ ସୂତ୍ରରେ ସେମାନଙ୍କର ଅଷ୍ଟପ୍ରବୃତ୍ତି ବା ଅଷ୍ଟଫାଶକୁ ଚୋରାଇ ନିଅନ୍ତି । ଏ କ୍ରିୟା ଅତୀବ ଗୋପନରେ ଘଟିଥାଏ । ଇଡ଼ା ସାଧନରତ ଯୋଗୀ ନାଦ ବ୍ରହ୍ମ ସନ୍ଧାନ ପାଏ, ମାତ୍ର ପରଂବ୍ରହ୍ମଙ୍କୁ ଆକୁଳରେ ଖୋଜି ହୁଏ । କଦମ୍ବ ବୃକ୍ଷ ବୋଇଲେ ସୃଷ୍ଟିତତ୍ତ୍ୱ ମତରେ ଅବ୍ୟକ୍ତ ମଣ୍ଡଳ ବା କାରଣ ଜଗତ । ସେଠାରେ ରହି ନିରାକାର ନିର୍ଗୁଣ ପରଂବ୍ରହ୍ମ ଦର୍ଶନ ଦିଅନ୍ତି । ଏହି ଦର୍ଶନ ପ୍ରାପ୍ତି ନିମନ୍ତେ ଯୋଗୀମାନଙ୍କୁ ୭୨ କୈବଲ୍ୟମଣ୍ଡଳ ଊର୍ଦ୍ଧ୍ୱକୁ ଯୋଗାରୂଢ଼ ହୋଇ ଆରୋହଣ କରିବାକୁ ହୁଏ । ବ୍ରତ ଉପବାସ ବୋଇଲେ ବ୍ରହ୍ମଙ୍କର ସନ୍ନିକଟ ହୋଇ କାଳାତିପାତ କରିବା । ବ୍ରହ୍ମଦର୍ଶନ ପରେ ଅଷ୍ଟ ପ୍ରବୃତ୍ତି ଯୋଗୀମାନଙ୍କର କୌଣସି କ୍ଷତି କରେ ନାହିଁ ।

ଇଡ଼ା ସାଧନ ପରେ ଯୋଗୀ ବାରମ୍ବାର ପୁଲକିତ ହୁଏ, ଦେହରେ ମୃଦୁକମ୍ପନ ସୃଷ୍ଟିହୁଏ । ରୌଦ୍ର ବା ତାପ (କ୍ରୋଧଭାବ) ମାତ୍ରା ଦେହରେ ହ୍ରାସ ପାଇଥାଏ । ଶୀତ ବା ପ୍ରୀତିଭାବ ଅନ୍ତଃକରଣରେ ଖେଳିଯାଏ । ଯୋଗସିଦ୍ଧ ଯୋଗୀମାନଙ୍କର ଏହି ଅବସ୍ଥା ହୋଇଯାଏ ।

ଯୋଗୀ ସାଧନ ମାର୍ଗରେ ଯାଉଥିବା ସମୟରେ ଅଷ୍ଟଫାଶରୁ ମୁକ୍ତିବେଳେ ଥରକୁ ଥର ବହୁ ମାନସିକ/ଶାରୀରିକ ଯାତନା/କଷଣ ଲାଭ କରେ । ଏହାକୁ ଅନେକ ପରଂବ୍ରହ୍ମଙ୍କର ଅବିଚାର ବା ଅତ୍ୟାଚାର ବୋଲି ମନେ କରନ୍ତି; କିନ୍ତୁ ପ୍ରକୃତରେ ଏହା ସିଦ୍ଧି ପଥରେ ଗୋଟିଏ ଗୋଟିଏ ସୋପାନ ଆରୋହଣ । ଦୁଇହାତ ହେଉଛି କର୍ମର ପ୍ରତୀକ । ଏ କର୍ମ ସ୍ଥୂଳତଃ ଜାଗତିକ ବିଷୟା କର୍ମ । ଏ କର୍ମ ସୁକର୍ମ ବା କୁକର୍ମ ହୋଇପାରେ । ମାତ୍ର ଏଥିରେ ବାସୁଦେବଙ୍କୁ ପ୍ରୀତ କରାଯାଇ ପାରିବ ନାହିଁ । 'ଅକର୍ମେ ବାସୁଦେବ ପ୍ରୀତି' । ଅର୍ଥାତ୍ ନିଷ୍କାମ କର୍ମ ସମ୍ପାଦନ ବା କର୍ମଯୋଗ ଅଭ୍ୟାସ ଦ୍ୱାରା ବାସୁଦେବଙ୍କୁ ପ୍ରୀତ କରାଯାଇ ପାରେ । ଗୋଟିଏ ହାତରେ ପ୍ରଣାମ କରିବାର ଅର୍ଥ ଦୁଇ ନାଆରେ ଗୋଡ଼ ଦେବା ନୀତି । ଗୋଟିଏ ହାତରେ ବିଷୟା ଜଂଜାଳ ସମ୍ଭାଳିବା ଓ ଅନ୍ୟ ହାତରେ ଈଶ୍ୱର ଉପାସନା କରିବା । ସଂସାରୀମାନେ ଏହା କରିପାରନ୍ତି; ମାତ୍ର ଭକ୍ତ ଶିଷ୍ୟ ଯୋଗୀମାନେ ଏହା କରିବା ଅପରାଧ । ଯୋଗାରୂଢ଼ ସାଧକମାନେ ସଂପୂର୍ଣ୍ଣରୂପେ ଜାଗତିକ କର୍ମରୁ ନିବୃତ୍ତ ହୋଇ ଦି'ହାତ କପାଳରେ ଲଗାଇବା ପ୍ରଶସ୍ତ ଅଟେ । ଏହାହିଁ ଯୋଗ ଶିକ୍ଷାଦିଏ । ଯୋଗୀମାନଙ୍କର ସାଧନାଲବ୍ଧ ସିଦ୍ଧି ବିଶ୍ୱକଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ।

❑❑❑

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

## ମୋହ



''ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନ (Philosophy )ରୁ '' ଶିର୍ଷକରେ 'ମୋହ' ଶ୍ରୀ ଗୁରୁସ୍ୱାମୀଙ୍କର ଅପାର କରୁଣା ଓ କଲ୍ୟାଣରୁ 'ଚରମ' : ପ୍ରଥମପୁଷ୍ପ : ତୃତୀୟପାଖୁଡ଼ା (ତୃତୀୟ ସଂଖ୍ୟା) ରୁ ନିୟମିତ ଏକ ଧାରାବାହିକ ରୂପେ ପଡ୍ରସ୍ଥ ହୋଇଆସୁଅଛି ।

ମୋହ ଅନେକତ୍ର ଆତ୍ମିକ ଉନ୍ନୟନର ପଥ ରୋଧ କରେ, ପରମାର୍ଥୀର ସାଧନପଥ କଣ୍ଟକିତ କରେ, ଆଧ୍ୟାତ୍ମିକ ଜୀବନ କଳଙ୍କିତ କରେ ।

କ୍ରମ ପର୍ଯ୍ୟାୟରେ ପାଠକ/ପାଠିକାଙ୍କର ଅନୁସନ୍ଧିତ୍ସୁ ମନର ସଂଶୟ ମୋଚନ କରି ଦିବ୍ୟଜୀବନର ପଥକୁ ଫୁଲଚନ୍ଦନରେ ମଣ୍ଡନ କରିବା ଲକ୍ଷ୍ୟରେ ସଂପାଦନାର ଏହି ପ୍ରୟାସ ।

**ପୂର୍ବାନୁଶ୍ରୁତି ରକ୍ଷା କରି ଏଥର ପଢ଼ନ୍ତୁ ଗୁର୍ବାଗଂଜନ ମୋହର ପ୍ରକାରଭେଦ ॥**

'**ଗୁ**ର୍ବାଗଂଜନ ମୋହ' ରେ ପଡ଼ିଥିବା ଶିଷ୍ୟ ଯୋଗଭ୍ରଷ୍ଟ ହୁଏ ଓ ତାହାର ଇହକାଳ ଓ ପରକାଳ ନଷ୍ଟଯାଏ । ଶିଷ୍ୟର ଦୁରାଚରଣରୁ ଶ୍ରୀଗୁରୁ କଷଣ ଲାଭ କରନ୍ତି, ଫଳତଃ ଶିଷ୍ୟ ଭୀଷଣ ଫଳ ପ୍ରାପ୍ତ ହୁଏ । ଭଲ ପାଇବା ଆଶା କରି ଶିଷ୍ୟ ମନ୍ଦଫଳକୁ ପ୍ରାପ୍ତ ହୁଏ । ନିଜର ସାଧନା ମାର୍ଗ ସଳଖ ନ କରି ଅପ୍ରାପ୍ତି ହେତୁରୁ ଗୁରୁଙ୍କୁ ଦୋଷାରୋପ କରେ । ଗୁରୁଙ୍କଠାରେ ସିଦ୍ଧିନାହିଁ, ବିଭୂତି ନାହିଁ, ଗୁରୁଭଣ୍ଡ ବୋଲି ନିନ୍ଦାଗାନ କରିବୁଲେ । ଏହା ଦ୍ୱାରା ଗୁରୁଙ୍କର ତ କୌଣସି କ୍ଷତି ହୁଏ ନାହିଁ, ପରନ୍ତୁ ଶିଷ୍ୟର ଅଶେଷ କ୍ଷତି ସାଧନ ହୋଇଥାଏ ।

ମାତ୍ର ଯେଉଁ ଶିଷ୍ୟମାନେ କର୍ମଯୋଗଧାରାରେ ଅଭ୍ୟାସ ସାଧନାରେ ନିଷ୍ଠା ଓ ଆନ୍ତରିକତାର ସହିତ ଲାଗି ରହିଥାଆନ୍ତି, ଗୁରୁଙ୍କ ଆଜ୍ଞା ଏବଂ ଆଦେଶକୁ ମନରେ ଯତ୍ନର ସହିତ ସାଇତି ରଖି ପାଳନ କରିବାରେ କୁଣ୍ଠିତ ହୁଅନ୍ତି ନାହିଁ, ସେମାନେ ଶ୍ରୀଗୁରୁଚରଣତଳେ ଶରଣ ଲାଭ କରନ୍ତି ଏବଂ ଗୁରୁଙ୍କୁ ଛାଡ଼ି ତାଙ୍କର ଅନ୍ୟଗତି ନାହିଁ ବୋଲି ସେମାନଙ୍କର ଧୈର୍ଯ୍ୟ, ଦୃଢ଼ତା ଓ ନିର୍ଭରତା ଗାଢ଼ ଓ ଦୃଢ଼ ହୋଇଥାଏ । ସେମାନେ କର୍ମକରି ଫଳଲାଭ କରନ୍ତି ଓ ତାଙ୍କଠାରେ ଗୁରୁଙ୍କର ଅଶେଷ କୃପା ଅବାରିତ ଥାଏ ।

**ଶିଷ୍ୟ ଉବାଚ :**

ଭୋ ଦେବ ଭକତ ରଂଜନ । କରହେ ସଂଶୟ ଭଂଜନ ॥
ସାତ୍ତ୍ୱିକ ମୋହର ପ୍ରକାର । ବଖାଣି ପ୍ରଭୁ କୃପାକର ॥
କେତେ ପ୍ରକାର ତାହା ଅଛି । କୁହ ହେ ତହୁଁ କିଛି କିଛି ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ପଚିଶ ପ୍ରକାର ଏ ମୋହ । କହିବା ଶୁଣିବ ହୋ ଗୁହ ॥
ପଚିଶ ଗୋଟି ବିଭାଗରେ । ବୁଝାଇ ଦେବା ତୋ ଆଗରେ ॥
ସେବା ସାତ୍ତ୍ୱିକ, କୃତି, ଦ୍ରବ୍ୟ । ନିତ୍ୟ, ଅନିତ୍ୟ ପୁଣି ସବ୍ୟ ॥
ଆକାଂକ୍ଷିକ ଯେ ଅନାସକ୍ତ । ଧୃତସାକ୍ତ, ନିଅନ୍ତ ସାକ୍ତ ॥
ପ୍ରତୀକ, ଶାକ୍ୟଶକ୍ତି, ସିପ୍ସା । କ୍ଷରିତ ପୁଣି ଯେ ଧିସିପ୍ସା ॥
ଅନୁକ୍ଷରିତ, କ୍ଷରିତାଂଶ । ଯୁକ୍ତ, ବିଯୁକ୍ତ, ବିକ୍ଷରିଂଶ ॥ (ବିକ୍ଷରିତାଂଶ)
ଏ ରୂପେ ପଚିଶ ପ୍ରକୃତି । ସାତ୍ତ୍ୱିକ ମୋହର ଆକୃତି ॥
ଗୋଟିକୁ ଗୋଟି ବୁଝାଇବା । କ୍ରମାନୁଯାୟୀ ବଖାଣିବା ॥

**ଶିଷ୍ୟ ଉବାଚ :**

ଦ୍ରବ୍ୟ ସାତ୍ତ୍ୱିକ ମୋହ କ'ଣ ? ବୁଝାଇ କୁହନ୍ତୁ ଆପଣ ॥
ଏ ମୋହ କିବା କ୍ରିୟା କରେ । ତହୁଁ କେସନ ଫଳ ଫଳେ ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ପ୍ରଭୁଙ୍କ ନାମେ ସ୍ୱର ତୋଳି । ପ୍ରଭୁଙ୍କ ନାମକୁ ପ୍ରଚାରି ॥
ଶିଷ୍ୟ ଅର୍ଥ ସଂଗ୍ରହ କରି । ଗୁରୁଙ୍କୁ ନ ଦେଇ ବିଚାରି ॥
ନିଜେ ଗ୍ରହଣ କରିଥାଏ । ଦ୍ରବ୍ୟ ସାତ୍ତ୍ୱିକ କୁହାଯାଏ ॥

''ଶିଷ୍ୟ ପ୍ରଭୁଙ୍କର ନାମ ଓ ମହିମା ପ୍ରଚାର କରି ଗୁରୁଙ୍କ ଉଦ୍ଦେଶ୍ୟରେ ବା ଗୁରୁଦ୍ୱାରର ବିଭିନ୍ନ ସଂସ୍ଥାପାଇଁ ସମାଜର ବିଭିନ୍ନ ବଦାନ୍ୟ ଓ ଧର୍ମପ୍ରାଣ ବ୍ୟକ୍ତିବିଶେଷଙ୍କ ଠାରୁ ଦାନ (ଅର୍ଥ, ବସ୍ତୁ ଇତ୍ୟାଦି) ଗ୍ରହଣ କରି, ମନେ ମନେ ବିଚାର ବିବେଚନା କରି ନାନା ଆଳରେ ତାହା ଗୁରୁଙ୍କର ପାଦପଦ୍ମ ପୀଠରେ ବା ଗୁରୁଦ୍ୱାରରେ ନଦେଇ ଆପଣା ଆପଣେ ନିଜେ ଗ୍ରହଣ କରି ନିଜ ବା ନିଜ ପରିବାର ବା ବନ୍ଧୁ ଗହଣରେ ଖର୍ଚ୍ଚକଲେ, ତାହାକୁ ଦ୍ରବ୍ୟ ସାତ୍ତ୍ୱିକ ମୋହ କୁହାଯାଏ । ଦ୍ରବ୍ୟ ସାତ୍ତ୍ୱିକ ମୋହରେ ମୋହିତ ହୋଇ କେତେକ ଶିଷ୍ୟ ପ୍ରଭୁଙ୍କ ନିମିତ୍ତ ଭକ୍ତମାନଙ୍କ ସମର୍ପିତ ପ୍ରସାଦ ସାମଗ୍ରୀର ଆଧିକ୍ୟ ବିଚାର କରି ତାହାସବୁ ପ୍ରଭୁ ଭୋଗ କରି ପାରିବେ ନାହିଁ ଧାରଣା ପୋଷଣ କରନ୍ତି ଓ ଏତେ ଅଧିକ ପ୍ରସାଦ ସାମଗ୍ରୀ କାଳେ ନଷ୍ଟ ହୋଇଯିବ ମନେକରି ପ୍ରଭୁଙ୍କର ବିନାନୁମତିରେ ଓ ଅଜ୍ଞାତସାରରେ ବିନା ଦ୍ୱିଧାରେ ନିଜେ ଭୋଗ କରି ବସନ୍ତି । ସାମାନ୍ୟ ଟିକିଏ କୁଣ୍ଠିତ ଭାବ, ସଂଭ୍ରମ, ଭୟ ବା ଲଜ୍ଜା ତାଙ୍କର ନଥାଏ । ଏ ପ୍ରକାର ଗର୍ହିତ କାମ ପ୍ରାଣୀଙ୍କୁ ଏହି ଦ୍ରବ୍ୟ ସାତ୍ତ୍ୱିକ ମୋହ କରାଇଥାଏ । କେତେକ ଶିଷ୍ୟ ପ୍ରଭୁଙ୍କ ପାଖରେ ମିଥ୍ୟା କହି ପ୍ରଭୁଙ୍କଠାରୁ ଅର୍ଥ ମଧ୍ୟ ଠକି ନିଅନ୍ତି । ସେହି ଅର୍ଥ ଆତ୍ମସ୍ୱାର୍ଥରେ ବ୍ୟୟ ମଧ୍ୟ କରନ୍ତି ।

❑❑❑

ଅନନ୍ତ ନାମେ ସାଜରେ ଶିଶୁ ।
ଏ ଭବ ନାମ ଅଥଳେ ଭାସୁ ॥

ଅମୀୟ ରସ କାଳ ପୁରୁଷ ।
ସତ୍ୟରେ ଭାଇ, ଦେଖିବ ଆସ ॥

ଦେହକୁ ଭୁଲା ଛନ୍ଦା ଚରଣେ ।
ସେଠାରେ ନାହିଁ ପର ଆପଣେ ॥

ସାଷ୍ଟାଙ୍ଗ ପ୍ରଣମି ସତ୍‌ସଙ୍ଗେ ବସ ।
ଅଜ୍ଞାନ ଅନ୍ଧାର ହେବ ବିନାଶ ॥

# 'ଚରମ'ର ପ୍ରଚ୍ଛଦପଟ ସଂପର୍କରେ

'ଚରମ'ର ତୃତୀୟପୃଷ୍ଠ : ତୃତୀୟ ପାଖୁଡ଼ା (ଦଶମ ସଂଖ୍ୟା) ରୁ ସୃଷ୍ଟିର ନିଗମତତ୍ତ୍ୱ ସମ୍ବନ୍ଧରେ ସାମାନ୍ୟତମ ଆଲୋକପାତ ଏହି ନିୟମିତ ସ୍ତମ୍ଭରେ କରଯାଇଛି । 'ଚରମ' ର ପ୍ରଚ୍ଛଦପଟ ମୂଳତଃ ସୃଷ୍ଟିର ପ୍ରତୀକ । ସୃଷ୍ଟିତତ୍ତ୍ୱ ଅତୀବ ନିଗମ । ଏହାର ରହସ୍ୟଭେଦ କରିବା ସାଧାରଣ ମଣିଷ କାହିଁକି ବହୁ ସିଦ୍ଧ ପୁରୁଷଙ୍କ ପକ୍ଷରେ ମଧ୍ୟ ପୂର୍ଣତଃ ସମ୍ଭବପର ନୁହେଁ ।

ପରମକାରୁଣିକ ଶ୍ରୀ ଶ୍ରୀ ଶ୍ରୀ ଠାକୁରଙ୍କ ଅପାର କରୁଣା ଓ ଅମାପ କଲ୍ୟାଣରୁ ଆମେ ତାହା ଯତ୍‌କିଞ୍ଚିତ ଲାଭ କରିଛୁଁ, ଯାହା ପ୍ରିୟ ପାଠକ/ପାଠିକାଙ୍କ ଅବଗତି ନିମନ୍ତେ 'ଚରମ' ପୃଷ୍ଠାରେ ପରିବେଷଣ କରୁଛୁ । ଏ ସଂଖ୍ୟାରେ ଆସନ୍ତୁ ପଢ଼ିବା ଦଶମ ସଂଖ୍ୟାର ପୂର୍ବାନୁଶ୍ରୁତିରୁ :-

ଦଶମ ସଂଖ୍ୟାରୁ ପୂର୍ବାନୁଶ୍ରୁତି :

## ସୃଷ୍ଟିତତ୍ତ୍ୱ

ନିର୍ବେଦ ନିରାକାର ଜ୍ୟୋତିବିନ୍ଦୁ ସ୍ୱରୂପ ବ୍ରହ୍ମରୁ ପ୍ରକୃତିର ସୃଷ୍ଟି । ପ୍ରକୃତି ଶକ୍ତି ସ୍ୱରୂପିଣୀ । ଶକ୍ତି ଚିଦ୍‌ରୂପିଣୀ । ଶୁଦ୍ଧାନନ୍ଦମୟୀ ଶକ୍ତି ସ୍ୱରୂପା ପ୍ରକୃତି ଶୁଦ୍ଧଚୈତନ୍ୟ ରୂପିଣୀ । ବିଶିଷ୍ଟ ଦ୍ୱୈତାଦ୍ୱୈତ ମତରେ ସେହି ପ୍ରକୃତିହିଁ ଜଗନ୍ମାତା ଜଗଦ୍ଧାତ୍ରୀ । ସେ ହିଁ ବ୍ରହ୍ମଙ୍କର ଶକ୍ତି । ସେ ହିଁ ଲୀଳାମୟୀ । ସେ ମାୟା ରୂପରେ ଜଗତରେ ଲୀଳା ସଂଚାଳନ କରୁଛନ୍ତି । ଈଶ୍ୱରୀୟ ଲୀଳାର ସେ ହିଁ ସୂତ୍ରଧର । ସେ ହିଁ ଜଗଜ୍ଜନନୀ । ପ୍ରକୃତିରୂପିଣୀ ଦେବୀ ବ୍ରହ୍ମଶକ୍ତି । ସେ ଜଡ଼ ଶକ୍ତି ଏବଂ ଚିତ୍‌ଶକ୍ତି । ସେ ଇଚ୍ଛା ଶକ୍ତି, କ୍ରିୟାଶକ୍ତି ଏବଂ ଜ୍ଞାନଶକ୍ତି ଅଟନ୍ତି । ସେହି ଶକ୍ତି ହିଁ ପ୍ରକୃତି । ସେ ହିଁ ମାୟା, ମହାମାୟା, ଯୋଗମାୟା, ବିଷ୍ଣୁମାୟା, ବୈଷ୍ଣବୀ ମାୟା । ସେ ହିଁ ମହାବିଦ୍ୟା, ପରଂବ୍ରହ୍ମ, ଦଶମହାବିଦ୍ୟା । ସେ ହିଁ ଶକ୍ତି । ସଂସାରରେ ପ୍ରତ୍ୟେକେ ଶକ୍ତି ପ୍ରାପ୍ତ ହେବା ପାଇଁ ପ୍ରୟାସ କରନ୍ତି । ମାତ୍ର ଏହି ଇପ୍ସିତ ଶକ୍ତି ବ୍ରହ୍ମ ଉପାସନା ବ୍ୟତୀତ ଲାଭ କରାଯାଇ ପାରେ ନାହିଁ । କାରଣ, ବ୍ରହ୍ମ ଅଂଶରୁ ହିଁ ଶକ୍ତିର ସୃଷ୍ଟି । ତେଣୁ ଶକ୍ତି ବ୍ରହ୍ମର ଅଂଶ ବିଶେଷ ।

ବୈଜ୍ଞାନିକମାନେ ଶକ୍ତି ଉପାସକ । କିନ୍ତୁ ଏହି ଶକ୍ତି ଜଡ଼ଶକ୍ତି । ଚିନ୍ମୟ ଶକ୍ତିଲାଭ ନିମନ୍ତେ ବ୍ରହ୍ମଉପାସନା ହିଁ ଏକମାତ୍ର ପନ୍ଥା । ଏହା ଦ୍ୱାରା ଇଚ୍ଛା ଶକ୍ତି ତଥା ଆକର୍ଷଣୀୟ ବ୍ୟକ୍ତିତ୍ୱ ଲାଭ କରାଯାଇ ପାରେ । ବୈଜ୍ଞାନିକ ମତାନୁସାରେ ଭୌତିକ ଜଗତର ସବୁ କିଛି ଶକ୍ତି ଅଟେ ଏବଂ ଏହି ଶକ୍ତିରୁ ସମସ୍ତ ଭୌତିକ ଉପାଦାନର ସୃଷ୍ଟି । ଦର୍ଶନ ଯୋଗୀମାନେ ତପଃବଳରୁ ଭୌତିକ ଜଗତର ଉର୍ଦ୍ଧ୍ୱରେ ଥିବା ଅଧିଭୌତିକ ସ୍ତରକୁ ଯାଇ କହନ୍ତି, ଯେ, ଭୌତିକ ଶକ୍ତି ମହାଶକ୍ତିର ସୀମିତ ଅଭିବ୍ୟକ୍ତି ମାତ୍ର । ଅଗ୍ନି ଓ ଉଷ୍ଣତା, ତୁଷାର ଏବଂ ଶୀତଳତା, ଚନ୍ଦ୍ର ଏବଂ ଚନ୍ଦ୍ରିକା, ମଧୁ ଏବଂ ମାଧୁର୍ଯ୍ୟ ଯେପରି ଅଭିନ୍ନ ଏବଂ ଅବିଚ୍ଛିନ୍ନ; ଶକ୍ତି ଏବଂ କମ୍ପନ, ନାଦ ଏବଂ ବିନ୍ଦୁ ସେହିପରି ଏକ ଏବଂ ଅଭିନ୍ନ । କିନ୍ତୁ ଶୁଦ୍ଧମାୟା ହିଁ ଚିତ୍‌ଶକ୍ତି ଏବଂ ପ୍ରକୃତି ଜଡ଼ଶକ୍ତି । ନାଦ, ବିନ୍ଦୁ ଇତ୍ୟାଦି ଶକ୍ତିର ବିଭିନ୍ନ ଅବସ୍ଥାର ନାମ ମାତ୍ର ।

ମାନବ ଶରୀର ହିଁ ଶକ୍ତିର ଆଧାର । ତେଣୁ ଶରୀରର ଆବଶ୍ୟକତା ସକଳ ହିଁ ଶକ୍ତିର ଆବଶ୍ୟକତା । ତାହାହିଁ ଈଶ୍ୱରଙ୍କ ଆବଶ୍ୟକତା । ମନୁଷ୍ୟ ସ୍ୱଶରୀରରେ ସୁଖ ପ୍ରାପ୍ତ କଲେ, ଶକ୍ତି ବା ବ୍ରହ୍ମ ବା ଈଶ୍ୱର ହିଁ ସୁଖ ପ୍ରାପ୍ତ ହୁଅନ୍ତି । ମନୁଷ୍ୟର ଶରୀର, ମନ, ପ୍ରାଣ, ଅହଂକାର, ଇନ୍ଦ୍ରିୟ ଇତ୍ୟାଦି ଦ୍ୱାରା ନାନାଦି କାର୍ଯ୍ୟ କରାଇ ବ୍ରହ୍ମ ନିଜକୁ ଅଭିବ୍ୟକ୍ତ କରାନ୍ତି । ବ୍ରହ୍ମ ସଗୁଣ ଏବଂ ନିର୍ଗୁଣ । ସେ ସକଳ ଏବଂ ନିଷ୍କଳ । ସେ ହିଁ ସବୁ ଏବଂ ସବୁଠାରେ ସେ ହିଁ ବିଦ୍ୟମାନ ।

ନିର୍ଗୁଣ ବ୍ରହ୍ମ, ପୁରୁଷ ଏବଂ ନିଷ୍କ୍ରିୟ; ମାତ୍ର ସଗୁଣ ବ୍ରହ୍ମ, ସକ୍ରିୟ ଶକ୍ତି ସମ୍ପନ୍ନ ଏବଂ ପ୍ରକୃତି ଓ ଶକ୍ତି ସ୍ୱରୂପା । ପ୍ରକୃତିଦେବୀ ତ୍ରିଗୁଣାତ୍ମିକା । ତାଙ୍କଠାରେ ସତ୍ତ୍ୱ, ରଜଃ ଓ ତମଃ ଗୁଣ ବିଦ୍ୟମାନ । ସେହି ତ୍ରିଗୁଣ ଇଚ୍ଛାଶକ୍ତି, କ୍ରିୟାଶକ୍ତି ଏବଂ ଜ୍ଞାନଶକ୍ତି ରୂପରେ ପ୍ରକଟିତ ହୁଅନ୍ତି । ବ୍ରହ୍ମସହିତ ସଂଯୁକ୍ତ ହେଲେ, ବ୍ରହ୍ମଶକ୍ତି, ବିଷ୍ଣୁସହିତ ସଂଯୁକ୍ତ ହେଲେ, ବିଷ୍ଣୁଶକ୍ତି ଏବଂ ଶିବ ସହିତ ଯୁକ୍ତ ହେଲେ, ଶିବଶକ୍ତି ରୂପେ ପ୍ରକୃତି କ୍ରିୟାଶୀଳ ହୁଅନ୍ତି । ତେଣୁ ପ୍ରକୃତି ଦେବୀ ହିଁ ବ୍ରହ୍ମା, ବିଷ୍ଣୁ ଏବଂ ଶିବ ରୂପରେ ତ୍ରିପୁର ସୁନ୍ଦରୀ । ସେ ମାନବ ଶରୀରରେ ଶ୍ରୀ ଚକ୍ରରେ ବିନ୍ଦୁପୀଠରେ ବିରାଜିତ । ତେଣୁ ତାଙ୍କୁ ବିନ୍ଦୁବାସିନୀ କୁହାଯାଏ । ତାଙ୍କ ଚତୁଃପାର୍ଶ୍ୱରେ ପଚିଶ ତତ୍ତ୍ୱ ବା ପଚିଶ ପ୍ରକୃତି ବିଦ୍ୟମାନ ।

ପୁରୁଷ ଓ ସ୍ତ୍ରୀର ଶାରୀରିକ ସମ୍ପର୍କକୁ ସ୍ଥୂଳ ମୈଥୁନ କୁହାଯାଏ । ଏହା ପଶୁ ପ୍ରବୃତ୍ତି, ସତ୍ୟ । ମାତ୍ର ନିର୍ବିକଳ୍ପ ସମାଧି ଅବସ୍ଥାରେ ସହସ୍ରାସ୍ଥିତ ବ୍ରହ୍ମଙ୍କ ସହିତ କୁଣ୍ଡଳିନୀ ମିଳିତ ହୁଅନ୍ତି । ପୁରୁଷ ଓ ସ୍ତ୍ରୀ ଶାରୀରିକ ମିଳନ ଜନିତ ସଯୋଗ ଅବସ୍ଥାରେ ବ୍ରହ୍ମରେ ଲୟରଖି ମୈଥୁନରତ ହେଲେ, ବାସ୍ତବିକ ସୁଖମୟ ମିଳନ ଘଟେ । ଏହା ଦିବ୍ୟତ୍ୱର କାରଣ । ସତ୍‌ସଙ୍ଗ, ଗୁରୁସେବା, ସନ୍ନ୍ୟାସ, ବୈରାଗ୍ୟ, ବିବେକ, ଜପ, ଧ୍ୟାନ ଏବଂ ପ୍ରାର୍ଥନା ଦ୍ୱାରା ପଶୁଭାବ ଦୂରୀଭୂତ ହୋଇ ଦିବ୍ୟତ୍ୱ ପ୍ରାପ୍ତ ହୁଏ । ମୈଥୁନ ଅବସ୍ଥାରେ ସତ୍‌ସଙ୍ଗ, ଗୁରୁସେବା, ସନ୍ନ୍ୟାସ (ସତ୍ୟରେ ଯୁକ୍ତ - ସତ୍ + ନ୍ୟାସ), ବୈରାଗ୍ୟ, ବିବେକ, ଜପ, ଧ୍ୟାନ, ପ୍ରାର୍ଥନା ଓ ସାଷ୍ଟାଙ୍ଗ ପ୍ରଣାମ ସମ୍ଭବପର ହୁଏ ଓ ମନୁଷ୍ୟ ଦେହରେ ବିରାଜିତ ବ୍ରହ୍ମ ଚିଦାନନ୍ଦମୟ ହୋଇ ପ୍ରାଣୀକୁ ଚିଦାନନ୍ଦ ପ୍ରଦାନ କରନ୍ତି । ସୃଷ୍ଟିର ଏହି ରହସ୍ୟ ଭେଦ କରି ବ୍ରହ୍ମତ୍ୱ ପ୍ରାପ୍ତି ନିମନ୍ତେ ନିତ୍ୟ ନୈମିତ୍ତିକ ସକଳ କର୍ମରେ ବ୍ରହ୍ମସତ୍ତା ଉପଲବ୍ଧ ଏବଂ ଗୁରୁସେବା ଭାବ ଜାଗ୍ରତ କରିପାରିଲେ, ପ୍ରତ୍ୟେକ ନରନାରୀ ଈଶ୍ୱରପ୍ରାପ୍ତି ହୋଇ ପାରିବେ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କେବଳ ଯୋଗ ଇହାହିଁ ଏହାର ପ୍ରକୃତ ଚାବିକାଠି । ସେହି ଚାବିକାଠି ଥରେ ହସ୍ତଗତ ହେଲେ, ବିଶ୍ୱ ବ୍ରହ୍ମାଣ୍ଡରେ ସମସ୍ତ ସିନ୍ଦୁକର ତାଲା ସ୍ୱତଃ ଖୋଲିଯିବ । ମାୟା ଅପସାରିତ ହେବ । ଜ୍ଞାନ ପ୍ରାପ୍ତି ହେବ । ତନ୍ତ୍ର ବଚନରେ ଅଛି :

> 'ମୂଳାଧାରେ ବସେତ୍ ଶକ୍ତିଃ ସହସ୍ରାରେ ସଦାଶିବଃ ।
> ତୟୋରୈକ୍ୟେ ମହେଶାନି ବ୍ରହ୍ମତତ୍ତ୍ୱଂତଦୁଚ୍ୟତେ ।।'

ଅର୍ଥାତ୍ : ମୂଳାଧାର କମଳସ୍ଥିତା କୁଣ୍ଡଳିନୀ ଶକ୍ତିଙ୍କ ସହିତ ସହସ୍ରାରସ୍ଥିତ ପରମଶିବ (ବ୍ରହ୍ମ)ଙ୍କର ଯେଉଁ ସମ୍ମେଳନ, ତାହାହିଁ ପ୍ରକୃତ ମୈଥୁନ, ତାହାକୁ ହିଁ ବ୍ରହ୍ମତତ୍ତ୍ୱ କହନ୍ତି ।

ଏହି କ୍ରମରେ ନିର୍ଗୁଣ ନିଷ୍କ୍ରିୟବ୍ରହ୍ମ, ବ୍ରହ୍ମର ମୁହୂର୍ତ୍ତକର ଇଚ୍ଛା ରୂପକ ଚିଦାନନ୍ଦମୟୀ ଶକ୍ତିସ୍ୱରୂପା ପ୍ରକୃତି (ସଗୁଣ କ୍ରିୟାଶୀଳ ବ୍ରହ୍ମ) ର ମିଳନରୁ ପର୍ଯ୍ୟାୟକ୍ରମିକ ସ୍ପନ୍ଦନର ସୃଷ୍ଟି ହୁଏ । ଏହି ସ୍ପନ୍ଦନର ମାତ୍ରାନୁକ୍ରମେ ପଞ୍ଚତନ୍ମାତ୍ରା, ପଞ୍ଚଭୂତ, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ, ମନ, ବୁଦ୍ଧି, ଅହଂ ଏବଂ ଆତ୍ମା ଚେତନାକେନ୍ଦ୍ର ଦ୍ୱାରା ନିୟନ୍ତ୍ରିତ ହୋଇ ପ୍ରାଣୀଜଗତ ଏବଂ ମନୁଷ୍ୟକୁ କ୍ରିୟାଶୀଳ କରି ପାରିଛି । ଯୌଗିକ ପ୍ରକ୍ରିୟା ଏବଂ ରାସାୟନିକ ପ୍ରକ୍ରିୟାରୁ ଜଡ଼ବସ୍ତୁ ଏବଂ ପ୍ରାଣୀ ଜଗତର ଉଦ୍‌ଭବ । ଯୋଗ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନରୁ ଅନ୍ୟ ସମସ୍ତ ଜ୍ଞାନ ବିଜ୍ଞାନର ସୃଷ୍ଟି । ମୂଳତଃ ନିରୀକ୍ଷଣ କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ବ୍ରହ୍ମ ସତ୍ତା ସକଳ ଜଡ଼ ଓ ଚେତନ ବସ୍ତୁ ଏବଂ ପ୍ରାଣୀଙ୍କର ମୂଳାଧାର ରୂପେ ସତତ ବିଦ୍ୟମାନ । ସେହି ବ୍ରହ୍ମସତ୍ତାର ଉପଲବ୍ଧି ହିଁ ଭଗବତ୍ ପ୍ରାପ୍ତି । ଏହି ଭଗବତ୍ ପ୍ରାପ୍ତି ହିଁ ଚରମ ପ୍ରାପ୍ତି । ଏହି ଚରମ ପ୍ରାପ୍ତି ହିଁ ବ୍ରହ୍ମାନନ୍ଦ ପ୍ରଦାନ କରେ । ଯେତେବେଳେ ମନୁଷ୍ୟ ଜଡ଼ ଦେହରେ ଊର୍ଦ୍ଧ୍ୱରେ ଉପନୀତ ହୋଇ ଅହେତୁକ ଆନନ୍ଦରେ ପୁଲକିତ ହୁଏ । ଏହି ପୁଲକ ପୂର୍ବୋକ୍ତ ସ୍ପନ୍ଦନର ମାତ୍ରାଧିକ ମାତ୍ର । ସ୍ପନ୍ଦନର ହ୍ରାସରେ ଦୁଃଖ, ଶୋକ, ରୋଗ ଓ ମୃତ୍ୟୁ ଭୋଗହୁଏ ଏବଂ ସ୍ପନ୍ଦନର ବୃଦ୍ଧିରେ ସୁଖ, ଆନନ୍ଦ, ଶାନ୍ତି ଓ ଅମରତ୍ୱ (ଅମୃତ) ପ୍ରାପ୍ତ ହୁଏ । ପୁନଶ୍ଚ ସ୍ପନ୍ଦନର ମାତ୍ରାଧିକ ବୃଦ୍ଧିହେତୁ ଅକସ୍ମାତ୍ ମୃତ୍ୟୁ ଉପନୀତ ହେବା ଅସମ୍ଭବ ନୁହେଁ । ସଚରାଚର ଦେଖାଯାଏ ଯେ, ଆନନ୍ଦାତିଶଯ୍ୟରୁ କେତେକ କାନ୍ଦି ପକାନ୍ତି । ପୁଣି କେତେକ ଅତ୍ୟଧିକ ଆନନ୍ଦ ସହ୍ୟକରି ନ ପାରି ହୃଦ୍‌ସ୍ପନ୍ଦନ ରହିତ ହୋଇ ଅକସ୍ମାତ୍ ମୃତ୍ୟୁ ବରଣ

ମଧ କରିଥାଆନ୍ତି । ଏଥିରୁ ସୃଷ୍ଟି ରହସ୍ୟର ମୂଳତତ୍ତ୍ୱ ସ୍ପନ୍ଦନ; ସ୍ପନ୍ଦନର ହ୍ରାସବୃଦ୍ଧି ଜନିତ ପ୍ରତିକ୍ରିୟା ଏବଂ ମାତ୍ରାଧିକର ପରିଣାମ ସ୍ପଷ୍ଟ ବୋଧଗମ୍ୟ । ପ୍ରାଣୀଜଗତ ପାଇଁ ଏହା ଯେପରି ଦିବାଲୋକ ପରି ସ୍ପଷ୍ଟ ଏବଂ ସତ୍ୟ, ଜଡ଼ ଜଗତ ପାଇଁ ମଧ ଏହା ପ୍ରଯୁଜ୍ୟ । ମୂଳତତ୍ତ୍ୱଟିକୁ ସନ୍ଦେହ ବିହୀନ ହୋଇ ଧରି ପାରିଲେ ଏବଂ ଏହି ଧାରଣା ସ୍ପଷ୍ଟହେଲେ, ସମସ୍ତ ରହସ୍ୟ ଅଚିରେ ଚକ୍ଷୁ ସମକ୍ଷରେ ସବିଗ୍ରହ ଭାସି ଉଠେ । ସେତେବେଳେ ମନ କୋଣରେ ଲେଶ ମାତ୍ର ଦ୍ୱିଧା, ସଂଶୟ, ସନ୍ଦେହ ବା ପ୍ରଶ୍ନର ଅବକାଶ ହିଁ ନ ଥାଏ । ଇନ୍ଦ୍ରିୟ ଓ ଅତୀନ୍ଦ୍ରିୟ ଜଗତର ସକଳ କେନ୍ଦ୍ରରେ ସେହି ବ୍ରହ୍ମହିଁ ବିଦ୍ୟମାନ ବୋଲି ଦୃଢ଼ ପରିକର ହୁଏ । ଏହି ଦୃଢ଼ତା ଈଶ୍ୱରୀୟ ସତ୍ତାରେ ଅଭଙ୍ଗ ବିଶ୍ୱାସ ଜାତ କରେ । ଈଶ୍ୱର ବିଶ୍ୱାସରୁ ସାଧନ ପ୍ରକ୍ରିୟାରେ ନିଷ୍ଠା ଓ ଏକାଗ୍ରତା ସୃଷ୍ଟି ହୁଏ । ଥରେ ନିଷ୍ଠା ଓ ଏକାଗ୍ରତା ସୃଷ୍ଟି ହେଲେ, ତତ୍‌ପରେ ଅନୁଭୂତିରେ ବହୁତଥ୍ୟ ଉପଲବ୍ଧ ହୁଏ । ଅନୁଭୂତି ସ୍ପଷ୍ଟରୁ ସ୍ପଷ୍ଟତର ହେଲେ, ବ୍ରହ୍ମବୋଧର ପଥ ଉନ୍ମୁକ୍ତ ହୁଏ । ଏହି ପଥର ପଥିକ ହେଲେ, ପ୍ରକୃଷ୍ଟ ଜ୍ଞାନ ଉଦୟ ହୁଏ । ପ୍ରାପ୍ତ ଜ୍ଞାନ ହିଁ ବିଭୁକୃପା, ଗୁରୁକୃପା ଏବଂ ଶ୍ରୀ ଶ୍ରୀ ଠାକୁରଙ୍କର ପରମ ପ୍ରସାଦ । ପ୍ରାପ୍ତ ଜ୍ଞାନକୁ କାର୍ଯ୍ୟକାରୀ କରିବା ହିଁ ବିଜ୍ଞାନ । ବିଜ୍ଞାନ ହିଁ ଶକ୍ତି ସାଧନା । ଶକ୍ତି ସାଧନା ହିଁ ବ୍ରହ୍ମ ଉପାସନା । ବ୍ରହ୍ମ ଉପାସନାରୁ ହିଁ ବ୍ରହ୍ମତ୍ୱ ପ୍ରାପ୍ତି । ତାହାହିଁ ପରମ ପଦ । ତାହାହିଁ ଚରମ ପ୍ରାପ୍ତି । ତେଣୁ, ବ୍ରହ୍ମରୁ ସମସ୍ତ ସୃଷ୍ଟ, ବ୍ରହ୍ମରେ ସମସ୍ତ ଆଶ୍ରିତ ଓ ପରିପାଳିତ ଏବଂ ବ୍ରହ୍ମରେ ସମସ୍ତ ବିଲୟ ଏବଂ ବିଲୀନ । ଉତ୍ପତ୍ତି, ସ୍ଥିତି ଓ ହେତି- ସୃଷ୍ଟି, ସ୍ଥିତି, ଲୟ, ସୃଜନ, ପାଳନ, ବିଲୀନ - ର କେନ୍ଦ୍ର ଗୋଟିଏ ଏବଂ ସେହି କେନ୍ଦ୍ର ହିଁ ବ୍ରହ୍ମ, ସେହି କେନ୍ଦ୍ର ହିଁ ମହା ଚୈତନ୍ୟ । ତାହା ଚିନ୍ମୟ । ଚିନ୍ମୟରେ ତନ୍ମୟ ହୋଇ ତଲ୍ଲୀନ ହେବା ହିଁ ପ୍ରକୃତ ସାଧନାର ପ୍ରକୃଷ୍ଟ ଲକ୍ଷ୍ୟ । ଏହି ଏକ ଲକ୍ଷ୍ୟରେ ଲକ୍ଷ୍ୟ ସ୍ଥିର କରି ପ୍ରମତ୍ତ ବା ଉନ୍ମତ୍ତ ନ ହୋଇ ପ୍ରଣବ (ଓଁକାର) ରୂପକ ଧନୁରେ ଆତ୍ମା ରୂପକ ଶର ଯୋଡ଼ି ତନ୍ମୟ ହୋଇ ଲକ୍ଷ୍ୟଭେଦ କରିବା ଏକାନ୍ତ କର୍ତ୍ତବ୍ୟ । (କ୍ରମଶଃ)

❑❑❑

## ବିଶେଷ ବିଜ୍ଞପ୍ତି

ଆମର ସତୀର୍ଥ ସଧର୍ମୀ ସହଯୋଗୀ ଅନୁଗତ ଅଗଣିତ ପାଠକ / ପାଠିକା, ଭକ୍ତ ଭାଇ / ଭଉଣୀମାନଙ୍କୁ ବିଶେଷ ଅନୁରୋଧ ଯେ, କୌଣସି ୫ ବର୍ଷରୁ ୧୦ ବର୍ଷ ବୟସ ସୀମା ମଧ୍ୟରେ ଅନାଥ ବାଳକର ସନ୍ଧାନ ଥିଲେ, ଦୟାକରି ଅନୁଗ୍ରହ ପୂର୍ବକ ଆମ ଅନୁଷ୍ଠାନ : ବାପୁଜୀ ଶିଶୁ ମନ୍ଦିର (ଅନାଥାଶ୍ରମ), ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ - ୭୫୪ ୨୦୬ (ଫୋନ - ୦୬୭୧ - ୨୭୬୭୧୦୧) କୁ ଜଣାଇବେ କିମ୍ବା ସଙ୍ଗରେଧରି ଏଠାରେ ପହଞ୍ଚାଇ ଦେବେ । ଆମେ ତା'ର ସମସ୍ତ ଦାୟିତ୍ୱ ବହନ କରିବୁ ।

ନିବେଦକ :

ସଂପାଦକ,

**ବାପୁଜୀ ଶିଶୁ ମନ୍ଦିର**

ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା

# ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି

ଯୁଗଧର୍ମୀ ଆଧ୍ୟାତ୍ମିକ ପତ୍ରିକା 'ଚରମ' ର ଏକ ବିଶେଷ ଆକର୍ଷଣ ହିଁ 'ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି ।' ଏହି ନିୟମିତ ସ୍ତମ୍ଭରେ 'ଚରମ' ର ବିଭିନ୍ନ ସଂଖ୍ୟାରେ ଭିନ୍ନ ଭିନ୍ନ **ଶୀର୍ଷକର** ସୁନିର୍ବାଚିତ ପ୍ରବନ୍ଧମାନ ପତ୍ରସ୍ଥ ହୋଇ ସାଧନ ମାର୍ଗର ପଥ ନିର୍ଦ୍ଦେଶ ଓ ପଥ ପରିଷ୍କାର କରି ଆସୁଛି ।

ଧାରାଧରି 'ସାଷ୍ଟାଙ୍ଗ ପ୍ରଣାମ' ଅଭ୍ୟାସ ଦ୍ୱାରା ଆମର ବହିରଙ୍ଗ ଓ ଅନ୍ତରଙ୍ଗରେ ହେଉଥିବା ଉପକାରିତା ସମ୍ବଳିତ ତଥ୍ୟ ଓ ତତ୍ତ୍ୱପୂର୍ଣ୍ଣ ପ୍ରବନ୍ଧଟିଏ ଏ ସଂଖ୍ୟାରେ ସନ୍ନିବେଶିତ । ଆସନ୍ତୁ, ପଢ଼ିବା ଏ ସଂଖ୍ୟାରେ -

## ସାଷ୍ଟାଙ୍ଗ ପ୍ରଣାମର ଫଳଶ୍ରୁତି

ଶ୍ରୀମଦ୍ ଭଗବତ୍ ଗୀତା ର ନବମ ଅଧ୍ୟାୟର ୩୪ଶ ଶ୍ଳୋକରେ ଉଲ୍ଲେଖ ଅଛି :

***''ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ ।***
***ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ ମତ୍ ପରାୟଣଃ ।''***

ଅର୍ଥାତ୍ : 'ସର୍ବଦା ତମ ମନକୁ ମୋ ଚିନ୍ତାରେ ଲଗାଅ, ମୋର ଭକ୍ତ ହୁଅ, ମୋତେ ପ୍ରଣାମ କର ଏବଂ, ମୋତେ ପୂଜାକର । ସଂପୂର୍ଣ୍ଣ ରୂପେ ମୋ ଠାରେ ମଗ୍ନ ହେଲେ, ତମେ ନିଶ୍ଚିତରୂପେ ମୋ ଠାକୁ ହିଁ ଆସିବ ।''

ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ମନକୁ ତାଙ୍କ ଚିନ୍ତାରେ ସବୁବେଳେ ଲଗାଇବାର ଉପାୟ କ'ଣ ? କିପରି ବା ତାଙ୍କର ଭକ୍ତ ହୋଇ ପାରିବା ? ତାଙ୍କୁ ପୂଜା କରିବା ଓ ପ୍ରଣାମ କରିବାର ବିଧିବିଧାନ କ'ଣ ? ସଂପୂର୍ଣ୍ଣ ରୂପେ ତାଙ୍କଠାରେ ବା ମଗ୍ନ ହେବା କିପରି ? ଏ ସକଳ ପ୍ରଶ୍ନର ଉତ୍ତର ଗୀତାରେ ପୂର୍ବରୁ ଦିଆଯାଇଛି । ଚତୁର୍ଥ ଅଧ୍ୟାୟର ୩୪ଶ ଶ୍ଳୋକକୁ ଲକ୍ଷ୍ୟ କରନ୍ତୁ ।


***''ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।***
***ଉପଦେକ୍ଷନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ।''***

ଅର୍ଥାତ୍ : 'ଜଣେ ଗୁରୁଙ୍କ ନିକଟକୁ ଯାଇ ତତ୍ତ୍ୱଜ୍ଞାନ ଶିକ୍ଷା କରିବାକୁ ଚେଷ୍ଟାକର । ତାଙ୍କର ସେବାକର ଏବଂ ବିନୟ ସହକାରେ ତାଙ୍କୁ ପ୍ରଶ୍ନକରି ତାଙ୍କଠାରୁ ଜ୍ଞାନ ଲାଭକର । ତତ୍ତ୍ୱଦର୍ଶୀ ଜ୍ଞାନୀ ତମକୁ ଜ୍ଞାନ ପ୍ରଦାନ କରି ପାରିବେ । କାରଣ ସେ ତତ୍ତ୍ୱଦର୍ଶୀ ଅଟନ୍ତି ବା ସତ୍ୟ ଦର୍ଶନ କରିଛନ୍ତି ।'

ଆଜି କଳିର ଅନ୍ତିମକାଳରେ 'ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍' ତଥା 'ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ'ର ପ୍ରତିଷ୍ଠାତା ପରମ ଭାବମୟ ପୂର୍ଣ୍ଣବ୍ରହ୍ମ ନିରାକାର ସାକାରରେ ପ୍ରତ୍ୟକ୍ଷ ଗୁରୁ ଅଙ୍ଗରେ ଧରାଧାମରେ ଅବତରଣ କରି ଦୁଷ୍କୃତିର ବିନାଶ, ସାଧୁସନ୍ଥଙ୍କର ସୁରକ୍ଷା ଏବଂ ଯୁଗଧର୍ମର ପ୍ରତିଷ୍ଠା ନିମନ୍ତେ ଗୋପନରେ ଲୀଳା ସଂରଚନ କରି ଚାଲିଛନ୍ତି । ତାଙ୍କରି ଶରଣାପନ୍ନ ହେଲେ, ଆନୁଗତ୍ୟ ସ୍ୱୀକାର କଲେ, ପ୍ରବର୍ତ୍ତିତ ଧର୍ମଧାରାରେ କର୍ମଯୋଗ ଅଭ୍ୟାସ କଲେ, ସକଳ ସଂଶୟ ଦୂରୀଭୂତ ହେବ । ଗୁରୁସ୍ୱାମୀ ଶ୍ରୀ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରବର୍ତ୍ତିତ ଧର୍ମଧାରାର ପ୍ରଧାନ ଏବଂ ପ୍ରଥମ ଅଙ୍ଗ **ହିଁ ସାଷ୍ଟାଙ୍ଗ ପ୍ରଣାମ ।**

ସାଷ୍ଟାଙ୍ଗ ପ୍ରଣାମ ର ବ୍ୟୁତ୍ପତ୍ତିଗତ ଅର୍ଥ ଅତି ସରଳ । **ସ+ଅଷ୍ଟ+ଅଙ୍ଗ = ସାଷ୍ଟାଙ୍ଗ, ଅର୍ଥାତ୍ :** ଶରୀରର ଆଠଗୋଟି ଅଙ୍ଗ ଭୂମିରେ ଲଗାଇ ପ୍ରଣାମ କରିବା । ପ୍ରଣାମ = ପ୍ର -ନମ୍ + ଅ, ଅର୍ଥାତ୍ ପ୍ରକୃଷ୍ଟ ରୂପେ ପ୍ରକୃତ ଭାବରେ ନମନୀୟ

ଓ ନମ୍ର ହେବା । ନମ୍ର ସ୍ୱଭାବହୀନ ବା ବିନୟଭାବହୀନ ଅବସ୍ଥାରେ ଅର୍ଥାତ୍ ସାମାନ୍ୟତମ ଅହଂକାର ଭାବ ଥିଲେ ପ୍ରଣାମ ନିଷ୍ଫଳ ହୁଏ । ସେହିପରି ଅଷ୍ଟଅଙ୍ଗ ଭୂମିରେ ସ୍ପର୍ଶ ନ କରାଇ ପ୍ରଣାମ କରିବା ଦ୍ୱାରା କୋଷ ସାଧନ କସ୍ମିନ୍‌କାଳେ ସମ୍ଭବ ନୁହେଁ । ଦିନଦିନ, ମାସ ମାସ, ବର୍ଷ ବର୍ଷ ଧରି ସାଷ୍ଟାଙ୍ଗ ପ୍ରଣାମ କରି ଯଦି ଅହଂଭାବ ଦୂର ନ ହେଲା, ନମ୍ରତା ବା ବିନୟ ଭାବର ଉଦ୍ରେକ ନ ହେଲା, ଶରଣାଗତ ହୋଇ ନ ପାରିଲା, ଅହଂବୁଦ୍ଧି ସମ୍ପନ୍ନ ହୋଇ ମନମୁଖୀ ଯୁକ୍ତିତର୍କାଦି ଦ୍ୱାରା ସ୍ୱାଭିମାନ ପ୍ରବଳ ହେଲା, ତେବେ ସ୍ପଷ୍ଟ ବୁଝିବାକୁ ହେବ ଯେ, ବିଧିବଦ୍ଧ ସାଷ୍ଟାଙ୍ଗ ପ୍ରଣାମ ଏଯାବତ୍ ହୋଇନାହିଁ, ହେଉନାହିଁ । ଜଳପାନ କଲେ ଯେପରି ତୃଷା ନିବାରଣ ହୁଏ, ଖାଦ୍ୟ ଗ୍ରହଣ ଦ୍ୱାରା ଯେପରି କ୍ଷୁଧା ନିବାରଣ ହୁଏ, ବସ୍ତ୍ରାଦି ପରିଧାନ ଦ୍ୱାରା ଯେପରି ଲଜ୍ଜା ନିବାରଣ ହୁଏ, ସୁଷୁପ୍ତି ଦ୍ୱାରା ଯେପରି କ୍ଲାନ୍ତି ଓ ଅବସାଦ ଦୂରୀଭୂତ ହୁଏ; ବିଧିବଦ୍ଧ ବିନୀତ ଓ ନମ୍ରହୋଇ ଯଥାର୍ଥ ସାଷ୍ଟାଙ୍ଗ ପ୍ରଣାମ ଦ୍ୱାରା ଅହଂକାର, ଅଭିମାନ ଇତ୍ୟାଦି ସକଳ ଗ୍ରନ୍ଥି ଉନ୍ମୋଚନ ହୁଏ, ହୋଇଥାଏ । ଗଣ୍ଠି ବା ବନ୍ଧନ ଥରେ ଫିଟିଗଲେ ତମେ ମୁକ୍ତ ହୋଇ ଯିବ ହିଁ ଯିବ । ଭକ୍ତ ନ ହେଲେ ମୁକ୍ତ ହେବ କିପରି ? ଭକ୍ତି ନଥିଲେ ଭକ୍ତ ବା ହେବ କିପରି ? ବିନୀତ, ନମ୍ର, ବିନୟୀ ନ ହେଲେ ଭକ୍ତି ଭାବର ଉଦ୍ରେକ ବା ହେବ କିପରି ? ଜଗତରେ ଏଯାବତ୍ କେଉଁ ଭକ୍ତର ଲେଶମାତ୍ର ଗର୍ବ, ଅହଂକାର, ଅସ୍ମିତା, ଅଭିମାନ ଥିବାର କେଉଁଠି କେବେ ଶୁଣିଛକି ? ଜାଣିଛ କି ?



ସାଷ୍ଟାଙ୍ଗ ପ୍ରଣାମର ବିଧି ବିଧାନଗୁଡ଼ିକୁ ଲକ୍ଷ୍ୟକର । ଏ ସକଳ ବିଧି ବା ବିଧାନ ଗୁଡ଼ିକୁ ଯଥାର୍ଥ ଭାବରେ ହୃଦୟଙ୍ଗମକରି ବିଧିବଦ୍ଧ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କରିବା ଏକାନ୍ତ କର୍ତ୍ତବ୍ୟ ।

*'ହାତ ଗୋଡ଼ ଯୋଡ଼ି ହୋଇବୁ ଉଭା ।*
*ବିନୟେ ବିନୟୀ ଭାଙ୍ଗିବୁ ଗ୍ରୀବା ।'*

ଅର୍ଥାତ୍ : ବିନୟ ସ୍ୱଭାବ ଯୁକ୍ତ ବିନୟୀ ହୋଇ ସର୍ବ ପ୍ରଥମେ ହାତଗୋଡ଼ ଯୋଡ଼ି ଦଣ୍ଡାୟମାନ ହେବାକୁ ହୁଏ ।

**ବିଧିବଦ୍ଧ ସାଷ୍ଟାଙ୍ଗ ମୁଦ୍ରାରେ ଛିଡ଼ାହେଲେ,** ନାକରୁ ପାଣି ଗଳିବା, ଥଣ୍ଡା, ନିଦ୍ରାହୀନତା, ମୂର୍ଚ୍ଛା, ମୁଣ୍ଡବ୍ୟଥା, ମାନସିକ ଦୁଶ୍ଚିନ୍ତା, ହତୋତ୍ସାହ ଭାବ, ମାନସିକ ଦୁର୍ବଳତା, ଅସ୍ଥିବୃଦ୍ଧି, ମେଦବୃଦ୍ଧି, ଟନ୍ସିଲ ବଢ଼ିବା (Tonsilitis) ଅକାଳରେ ଛାତି ଫୁଲିବା, ଗଳା ଫୁଲା, ବାଳକ ବାଳିକାମାନଙ୍କର ଅକାଳରେ ସ୍ତନବୃଦ୍ଧି, ଶରୀର ଝିମ୍‌ଝିମ୍ ହେବା, କଣ୍ଠମାଳା (Throat cancer), ଅସ୍ଥି କର୍କଟ (Bone T.B), ଗଣ୍ଠି ଓ ଖଣ୍ଡା ଯନ୍ତ୍ରଣା, ଆଳସ୍ୟ, କ୍ଳାନ୍ତି, ବଦ୍‌ରାଗ, କୁଜାହେବା, ବାଳ ଝଡ଼ିବା, ଅର୍ଶ, ମଳକଣ୍ଟକ ଇତ୍ୟାଦିରୁ ଆରୋଗ୍ୟ ଲାଭ ହୁଏ ଏବଂ ଶରୀରରେ ଜଳୀୟ ଓ ରକ୍ତଚାପ ସନ୍ତୁଳନ, ମନୋବଳବୃଦ୍ଧି, ସ୍ମରଣଶକ୍ତି ବୃଦ୍ଧି, ହରମୋନ ସନ୍ତୁଳନ, ପାଚକ ଶକ୍ତି ବୃଦ୍ଧି ଏବଂ ମାନସିକ ଏକାଗ୍ରତା ବୃଦ୍ଧି ଆଦି ସମ୍ଭବ ହୁଏ ।

*ଆଣ୍ଠୁ ମାଡ଼ି ବସ ଯୋଡ଼ ହସ୍ତରେ ।*
*ମନ୍ତ୍ର ପଢ଼ିଯାଅ ତିନି ଧାପରେ ।।''*

*ଆଣ୍ଠୁ ଦୁଇ ଗଣ୍ଠି କହୁଣୀ ଦୁଇ ।*
*ପାପୁଲି ଦୁଇରେ ଭରା ଲଗାଇ ।।*





**ଆଣ୍ଠୁମାଡ଼ି ବସିବା ଦ୍ୱାରା** ଆଣ୍ଠୁଗଣ୍ଠିବାତ, ଶାରୀରିକ ଯନ୍ତ୍ରଣା, ଅଣ୍ଡାଧରା, ଦୁଷ୍ଟଅଙ୍ଗ ବିକାର ଆଦିରୁ ଆରୋଗ୍ୟ ଲାଭ ମିଳେ ଏବଂ ଦୁଷ୍ଟଅଙ୍ଗ ସାଧନ ସମ୍ଭବ ହୁଏ । ଯୋଡ଼ ହସ୍ତ ବିଧିବଦ୍ଧ ଭାବରେ ଅଭ୍ୟାସ କଲେ, ଯୌନେନ୍ଦ୍ରିୟ ନିୟନ୍ତ୍ରଣ (control of sexual activities) ହୋଇଥାଏ । ଶକ୍ତିବୃଦ୍ଧି ପାଇଥାଏ ଏବଂ ହାତ ଥରିବା ରୋଗରୁ ମୁକ୍ତି ମିଳିଥାଏ ।

*ନାସିକା ମସ୍ତକ ମୁଦ୍ରାରେ ଲଗା ।*
*ଦୁଇ ପାଦୁ ଏକ କର ଅଲଗା ।।*


*'ମେରୁ ଦଣ୍ଡ ରଖ ସଳଖ କରି ।*
*କୁଣ୍ଡଳିନୀ ଦ୍ୱାରେ ପବନ ଭରି ।।'*

ମେରୁଦଣ୍ଡ ସଳଖ ରଖିଲେ, ବେକ ଦରଜ, ପିଠିଦରଜ, ଅସ୍ଥିକର୍କଟ (Bone cancer), ପାଦ ଫୁଲା, ରକ୍ତ କର୍କଟ (Blood Cancer) ହାଡ଼ରୁ ହାଡ଼ ଖସିଯିବା (slip disc), କାନ୍ଧ ଓ ପିଠି ଦରଜରୁ ଆରାମ ମିଳେ ଏବଂ କୁଣ୍ଡଳିନୀ ଶକ୍ତିର ଅବାଧ ପ୍ରବାହ ହୋଇଥାଏ ।

ଏତଦ୍ ବ୍ୟତୀତ **ଦୁଇ କହୁଣୀରେ ଚାପ ପକାଇବା** ଦ୍ୱାରା ଦୁଇହାତର ପୀଡ଼ା, **ସ୍କନ୍ଧ** ପୀଡ଼ା ଦୂରୀଭୂତ ହୁଏ । ନାସିକାଗ୍ର ଉପରେ ଚାପ ପଡ଼ିଲେ, ଯୌନ ଗ୍ରନ୍ଥି (Sex gland) ର ସମସ୍ତ କାର୍ଯ୍ୟକାରିତା ସୁନିୟନ୍ତ୍ରଣରେ ରହେ । ମସ୍ତକର ସମ୍ମୁଖ ଭାଗ ଅର୍ଥାତ୍ ଲଲାଟ (କପାଳ) ଉପରେ ଚାପ ପଡ଼ିବା ଦ୍ୱାରା ସମସ୍ତ ପ୍ରକାର ମାନସିକ ରୋଗ, ମାନସିକ ଦୁର୍ବଳତା, ଥଣ୍ଡା (Cold), ଥଣ୍ଡା ପ୍ରବଣତା (eisonapholis) ରୁ ମୁକ୍ତି ମିଳେ ଏବଂ ସ୍ମରଣ ଶକ୍ତି, ଧୀ (ଧାରଣ) ଶକ୍ତି ବୃଦ୍ଧି ହୁଏ ।

**ସାଷ୍ଟାଙ୍ଗ ପ୍ରଣାମ ସମୟରେ ବାମଗୋଡ଼ର ଗୋଇଠିରେ ଡାହାଣ ପାଦ ରଖିବା** ଦ୍ୱାରା ଯେଉଁ ମୃଦୁ ଚାପ ଦିଆଯାଏ, ତଦ୍ଦ୍ୱାରା ମୂର୍ଚ୍ଛାରୋଗ, ତରୁଣ ପ୍ରମେହ, cataract (ଚକ୍ଷୁରେ ପରଳ), ଅନ୍ତଃକୋଷ ଓ ଅଣ୍ଡକୋଷ ବୃଦ୍ଧି, ରଜଃରୋଧ, ରୋକି ରୋକି ପରିସ୍ରା ହେବା, ମୂତ୍ରାଶୟ ବେମାରି, ଶୁକ୍ରାଣୁ ବୃଦ୍ଧି, ନାରୀମାନଙ୍କର ଶ୍ୱେତ ପ୍ରଦର, ପୁରୁଷମାନଙ୍କର ସ୍ୱପ୍ନଦୋଷ, ହସ୍ତ ମୈଥୁନ, ମାସିକ ଋତୁ ସମୟରେ ଅତ୍ୟଧିକ ରକ୍ତସ୍ରାବ, ମୁହଁରେ ବ୍ରଣ, ବନ୍ଧ୍ୟାତ୍ୱ, ହଳଦିଆ କାମଳ, ଶ୍ୱାସ, ଜଂଘପୀଡ଼ାରୁ ମୁକ୍ତି ମିଳେ ଏବଂ ସ୍ତ୍ରୀମାନଙ୍କର ଗର୍ଭାଶୟ ନିୟନ୍ତ୍ରଣ ଏବଂ ଯୌନକ୍ରିୟା ନିୟନ୍ତ୍ରଣ ସମ୍ଭବ ହୁଏ ।

ଏକପାଦର ବୃଦ୍ଧାଙ୍ଗୁଷ୍ଠ ଉପରେ ଚାପ ଦ୍ୱାରା ସମସ୍ତ ପ୍ରକାର ମସ୍ତିଷ୍କ ରୋଗ, ଥଣ୍ଡା, ସର୍ଦ୍ଦି ଆଦିରୁ ରକ୍ଷା ମିଳେ, ଚକ୍ଷୁରୋଗ, ଚାଳିଶାରୋଗ ଆଦିରୁ ଉପଶମ ମିଳେ । ଯୌନରୋଗରୁ ରକ୍ଷାମିଳେ । ମଧୁମେହ, ବହୁମୂତ୍ରରୁ ରକ୍ଷାମିଳେ । ସ୍ମରଣ ଶକ୍ତି ବୃଦ୍ଧିପାଏ ।





ନିୟମିତ ସଂକେ ସକାଳେ, ମଧ୍ୟାହ୍ନରେ ଏବଂ ମଧ୍ୟ ରାତ୍ରରେ ପ୍ରତ୍ୟହ ଏକ ନିର୍ଦ୍ଦିଷ୍ଟ ସମୟରେ ମନ୍ତ୍ର, ମୁଦ୍ରା, ଲୟ, ଧ୍ୟେୟର ସହିତ ସାଷ୍ଟାଙ୍ଗ ପ୍ରଣାମ ନିଷ୍ଠା ଆନ୍ତରିକତା ସହିତ ଅଭ୍ୟାସସାଧନ କଲେ ରକ୍ତଚାପ, କର୍କଟ, ଯକ୍ଷ୍ମା, ଶ୍ୱାସ ଆଦି ରୋଗ ଉପଶମ ହୁଏ ଏବଂ ଏହିସବୁ ରୋଗ ଆକ୍ରମଣରୁ ରକ୍ଷା ମିଳେ । ସବୁ ପ୍ରକାର ଆନ୍ତ୍ରିକପୀଡ଼ା, ଉଦର ପୀଡ଼ା ଇତ୍ୟାଦି ଦୂରୀଭୂତ ହୋଇ ଅଭ୍ୟାସ ଯୋଗୀ ସୁସ୍ଥ, ନିରାମୟ, ଦୀର୍ଘ ଜୀବନ ଲାଭ କରେ ।

ନିଜକୁ ସୁସ୍ଥ ରଖିବା ଦ୍ୱାରା ଦୁଇଟି ମୁଖ୍ୟ ସାମାଜିକ କ୍ରିୟା ସମ୍ପନ୍ନ ହୁଏ - (୧) ଅସୁସ୍ଥତା ବଶତଃ ସମାଜ ଉପରେ ଅଯଥା ବୋଝ ହେବାକୁ ପଡ଼େ ନାହିଁ; (୨) ସୁସ୍ଥ ସବଳ ଜୀବନ ଯାପନ ଫଳରୁ ସାମାଜିକ କଲ୍ୟାଣ ନିମିତ୍ତ ସେବା କରିବା ପାଇଁ ସୁବିଧା ଓ ସୁଯୋଗ ମିଳେ । ସାମ୍ପ୍ରତିକ ସମାଜରେ ସ୍ୱାସ୍ଥ୍ୟହାନୀ, ଦୁର୍ବଳତା (ମାନସିକ ଓ ଶାରୀରିକ), ଅକାଳ ବାର୍ଦ୍ଧକ୍ୟ, ମାନସିକ ଅବସାଦ ଓ ଅବସନ୍ନତା, ହତାଶାଭାବ, ନିରୁତ୍ସାହତା, ଯୌନରୋଗ ଏବଂ ନାନାଦି ଦୁଷ୍ଟରୋଗ ହୁ ହୁ ବଢୁଥିବାର ଲକ୍ଷ୍ୟ କରାଯାଉଛି । ଏ ସକଳ ଶାରୀରିକ ଓ ମାନସିକ ପୀଡ଼ାରୁ ମୁକ୍ତି ପାଇଁ ଏକମାତ୍ର ନିର୍ଭରଯୋଗ୍ୟ ଯୋଗ ପ୍ରକ୍ରିୟା ହିଁ ସାଷ୍ଟାଙ୍ଗ ପ୍ରଣାମ । ସାଷ୍ଟାଙ୍ଗ ପ୍ରଣାମ ନିୟମିତ ଅଭ୍ୟାସ କଲେ ରୁଗ୍ଣ ବ୍ୟକ୍ତି ଆରୋଗ୍ୟ ଲାଭ କରିପାରିବ ଏବଂ ସୁସ୍ଥ ବ୍ୟକ୍ତି ରୋଗ ସଂକ୍ରମଣ ଆକ୍ରମଣରୁ ଅବଶ୍ୟ ଆଜୀବନ ମୁକ୍ତ ରହିବ ।

*ବ୍ରହ୍ମରନ୍ଧ୍ରେ ପ୍ରାଣ ପଶିବ ଯାଇ ।*
*ଚରମ ସ୍ଥାନକୁ ବାଟ ଫିଟିବ ।।*

ସ୍ଥୂଳ ପିଣ୍ଡ ତତ୍ତ୍ୱ ମତରେ ସାଷ୍ଟାଙ୍ଗ ପ୍ରଣାମର ଏତାଦୃଶ ବହିରାଙ୍ଗ ଫଳଶ୍ରୁତି ସହିତ ସୂକ୍ଷ୍ମମତରେ ଅନ୍ତରଙ୍ଗ ଫଳଶ୍ରୁତି ମଧ୍ୟ ଜଡ଼ିତ । ନିୟମିତ ବିଧିବଦ୍ଧ ସାଷ୍ଟାଙ୍ଗ ପ୍ରଣାମ ଦ୍ୱାରା ସହଜ ସୂତ୍ରରେ ଅଷ୍ଟାଙ୍ଗ ଯୋଗ ସାଧନ ଓ ଷଡ଼ ଚକ୍ର ଭେଦ ସାଧକର ଅଲକ୍ଷ୍ୟ ଓ ଅଗୋଚରରେ ସଂଘଟିତ ହୋଇଥାଏ । ସାଧକର ସ୍ଥୂଳ ବହିରାବରଣରେ ତାହା ସ୍ପଷ୍ଟ ବାରି ହୋଇଯାଏ । ସାଧକ/ସାଧିକା ଏକାନ୍ତରେ ନୀରବ ରହିବାକୁ ଅଧିକ ପସନ୍ଦ କରନ୍ତି । ଅନେକଙ୍କ ସହିତ ମିଳାମିଶା କରିବା, ଅନେକଙ୍କ ସହିତ ଭାବ ସମ୍ବନ୍ଧ ରଖିବା, ଅଯଥା ଓ ଅକାରଣରେ ଅନାବଶ୍ୟକ ଭାବରେ ଗୁଡ଼ାଏ ଗପିବା ବା ବଜରବଜର ହେବା, ଅନେକ ଲୋକ ସମାଗମକୁ ଆଦୌ ପସନ୍ଦ କରନ୍ତି ନାହିଁ । ନିର୍ଜନରେ ଏକାକୀ ରହି ଆନ୍ତରିକ ମାନସଜପ ମାଧ୍ୟମରେ ପ୍ରଭୁଙ୍କ ସହିତ ସୂକ୍ଷ୍ମ ସଂପର୍କ ରକ୍ଷା କରି ସୂକ୍ଷ୍ମରେ ଆଦେଶ, ନିର୍ଦ୍ଦେଶ, ଆଜ୍ଞା, ଆଶୀର୍ବାଦ, କରୁଣା ଓ କଲ୍ୟାଣ ଲାଭ କରି ଆତ୍ମିକ ତଥା ବିଶ୍ୱ କଲ୍ୟାଣ କର୍ମରେ ନୀରବରେ ନିଜକୁ ନିୟୋଜିତ ରଖନ୍ତି । ଅଷ୍ଟାଙ୍ଗ ଯୋଗୀର ଲକ୍ଷଣମାନ କ୍ରମଶଃ ସାଧକ/ସାଧିକାଙ୍କର ଆଚରଣରେ ସ୍ପଷ୍ଟ ଫୁଟି ଉଠେ ।

*''ସାଷ୍ଟାଙ୍ଗ ପ୍ରଣାମ ସୂତ୍ର ସାଧନ ।*
*ହେତୁରେ ଚେତନ ଆସିବ ଜ୍ଞାନ ।।*

*ସହଜ ସୂତ୍ର ଏ ପ୍ରଣାମ ବିଧି ।*
*ବିକାର ବିକୃତି ଭାବକୁ ସାଧି ।।*

*ସାଷ୍ଟାଙ୍ଗ ପ୍ରଣାମ ସାଧିଲେ ତୁହି ।*
*ବିଷ୍ଣୁ କଳା ଅଙ୍ଗେ ପ୍ରକାଶ ହୋଇ ।।*
*ଅଷ୍ଟାଙ୍ଗ ଯୋଗକୁ ସାଷ୍ଟାଙ୍ଗେ ସାଧି ।*
*ଅଷ୍ଟ ପ୍ରବୃତ୍ତିର ଭାବ ସମାଧି ।।''*

କେତେକ ଅଷ୍ଟାଙ୍ଗ ଯୋଗସିଦ୍ଧ ପୁରୁଷ ଲୋକଲୋଚନରୁ ନିଜକୁ ଦୂରେଇ ରଖି ସୂକ୍ଷ୍ମସୂତ୍ରୀ ପ୍ରକ୍ରିୟାରେ ପୂର୍ଣ୍ଣ ପରଂବ୍ରହ୍ମଙ୍କ ସହିତ ଯୋଗସୂତ୍ର ରକ୍ଷାର ପଥ ସରଳ ସୁଗମ କରିବା ଉଦ୍ଦେଶ୍ୟରେ ଏପରି କେତେକ ବାହ୍ୟ ଆଚରଣ ପ୍ରଦର୍ଶନ କରନ୍ତି ଯଦ୍ଵାରା ସାଧାରଣ ଲୋକ ସହଜରେ ତାଙ୍କୁ ଠଉରାଠାବ କରି ପାରନ୍ତି ନାହିଁ । ଲୋକ ସମାଗମରୁ ନିଜକୁ ସୁରକ୍ଷିତ କରି ସେ ଅନ୍ତଃକରଣରେ ସଦାସର୍ବଦା ଦିବ୍ୟ ଅମୀୟରସ ପାନ କରି ବିଭୁପ୍ରେମରେ ମସ୍‌ଗୁଲ୍‌ହୋଇ ସୁଖ ଶାନ୍ତି ସନ୍ତୋଷ ଓ ଆନନ୍ଦରେ ଚରମରସ ଉପଭୋଗ କରୁଥାନ୍ତି ।

ଶ୍ରୀଶ୍ରୀଶ୍ରୀଠାକୁରଙ୍କର ଶ୍ରୀମୁଖ ନିଃସୃତ ପଦାବଳୀ ସମ୍ବଳିତ ପୁସ୍ତିକା **'ଅଧରପୀୟୂଷ'** ର ୪୦ ନମ୍ବର ବାଣୀକୁ ଲକ୍ଷ୍ୟ କର -

*'ସହଜ ଧାରାରେ ଜଟିଳ ଯୋଗ ।*
*ସାଧିଲେ ମିଳଇ ଚରମ ଭୋଗ ।।'*

ସହଜ ଧାରାରେ ଜଟିଳ ଅଷ୍ଟାଙ୍ଗ ଯୋଗସାଧନ ନିମନ୍ତେ ସର୍ବପ୍ରଥମେ ଦୃଢ଼ ଅଟଳ ବିଶ୍ୱାସ ଲୋଡ଼ା । ଅନୁଗତ ଶିଷ୍ୟ ଥରେ ଏତାଦୃଶ ବିଶ୍ୱାସରେ ନୀତିନିଷ୍ଠ ହେଲେ, ତେଣିକି ସବୁ ସମ୍ଭବ । ଠାକୁରଙ୍କ **'ଅଧର ପୀୟୂଷ'** ର ୪୩ ନମ୍ବର ପଦଟିରେ ଏହା ସ୍ପଷ୍ଟ ହୋଇଉଠିଛି -

*'ବିଶ୍ୱାସ ରଖରେ ମୂଢ଼ ପାମର ।*
*ନିଃଶ୍ୱାସ ପ୍ରଶ୍ୱାସ ସହିତେ ଧର ।।*
*ବିଶ୍ୱାସ ମୂଳରେ ଏହି ଜଗତ ।*
*ସାଧି ଆପଣାକୁ ହୁଅ ତୁ ରତ ।।'*

ଆଜିର କଳିର ଏହି ଅନ୍ତିମ କାଳରେ ପ୍ରଭୁ ନିରାକାର ବ୍ରହ୍ମ ସାକାରରେ ନରତନୁରେ ମହାମହେଶ୍ୱର ଭାବ ଧରି ଧରାଧାମରେ ଅବତୀର୍ଣ୍ଣ ହୋଇ ନରନାରାୟଣ ଲୀଳା ରଚନା କରିଚାଲିଛନ୍ତି । ତାଙ୍କର ଅବତରଣ ଓ ଲୀଳାଧାରା ସଂପର୍କରେ ପଞ୍ଚଦଶ ଶତାବ୍ଦୀର (ଓଡ଼ିଆ) ମହାପୁରୁଷ ଅଚ୍ୟୁତାନନ୍ଦ **'ମହାବିବେକ ଗ୍ରନ୍ଥ'** ର ଷଷ୍ଠଖଣ୍ଡରେ ଆଜକୁ ପାଞ୍ଚଶହରୁ ଉର୍ଦ୍ଧ୍ୱ ବର୍ଷ ପୂର୍ବରୁ ସ୍ପଷ୍ଟ ଲେଖିଯାଇଛନ୍ତି :

***କୋଷ ଚିହ୍ନି ମନ୍ତ୍ରଦେବେ ଗୁରୁରୂପେ ଜାଣ ।***
***ବ୍ୱାୟୁ ଦେଖି ପ୍ରଣାମକୁ କରିଥିବୁ ଟାଣ ।।***
***ଅଷ୍ଟଅଙ୍ଗ ଲଗାଇ ତୁ ପ୍ରଣାମ କରିବୁ ।***
***ସହଜ ସୂତ୍ରର ନାମ କଳିକି ତରିବୁ ।***

ସାଷ୍ଟାଙ୍ଗ ପ୍ରଣାମ ନିୟମିତ ଅଭ୍ୟାସ ଦ୍ୱାରା ଶରୀର ଅଷ୍ଟଅଙ୍ଗର ଚାପପଡ଼ି ଯେପରି ରୋଗ ନିରାକରଣ ହୁଏ, ସେହିପରି କୋଷ ସାଧନ ଓ ଶରୀରର ସାଧନ ମଧ୍ୟ ହୋଇଥାଏ । ଫଳତଃ ଶରୀରର କୋଷ ସତ୍ତାରେ କ୍ରମପର୍ଯ୍ୟାୟରେ ବିହିତ ପରିବର୍ତ୍ତନ ହୋଇ ସତ୍ତ୍ୱ, ରଜ, ତମ ଗୁଣରେ ସାମ୍ୟ ଆସେ ଓ ବୈଷମ୍ୟ ଦୂରୀଭୂତ ହୁଏ । ତେଣେ ମସ୍ତିଷ୍କର ସପ୍ତେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଖୋଲି ଯାଏ । ବ୍ୟକ୍ତିର ପାଶବ ଗୁଣ/ଆସୁରିକ ଗୁଣରାଜି କ୍ରମେ ବିଲୁପ୍ତ ହୋଇ ମାନବିକ ଓ ଦୈବିଗୁଣ ସମୂହର ବିକାଶ ସାଧନ ହୁଏ ।

ସାଷ୍ଟାଙ୍ଗ ପ୍ରଣାମ ସହିତ ଶ୍ୱାସପ୍ରଶ୍ୱାସର ଘାତକୁ ରୋଧ କଲେ, ଆପଣାଛାଏଁ ପ୍ରାଣାୟାମ ସୂତ୍ର ସାଧନ ହୁଏ । କୁଣ୍ଡଳିନୀ ଜାଗ୍ରତ ହୋଇ ମୂଳାଧାର ଠାରୁ କ୍ରମଶଃ ଗୋଟିଏ ପରେ ଗୋଟିଏ ଚକ୍ର ଭେଦ କରି ସହସ୍ରା ଦେଇ ବ୍ରହ୍ମରନ୍ଧ୍ରର ପଥ ଉନ୍ମୋଚନ କରେ । ଜୀବର ଚୈତନ୍ୟ ଉଦୟ ହୁଏ । ଦିବ୍ୟଜ୍ଞାନ ଉଦୟହୁଏ । ଏହି ଅବସ୍ଥାରେ ପରମେଶ୍ୱର ସନ୍ତୋଷ ଲାଭ କରନ୍ତି । ଭାଗବତ ବାଣୀ -

*'ମନୁଷ୍ୟ ଦେହେ ଦିବ୍ୟଜ୍ଞାନ*
*ଦେଖି ସନ୍ତୋଷ ଭଗବାନ ।।''*

❑❑❑



# ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ମହାମହିମାମୟୀ ମାତୃତ୍ୱର ଜୟଗାନ, ବନ୍ଦନା, ଜାଗୃତିଠାରୁ ମାତୃତ୍ୱର ମହାନତା ପର୍ଯ୍ୟନ୍ତ ସବୁଠି ସେହି ଏକସ୍ୱର, ଏକଭାବ, ଏକଲକ୍ଷ୍ୟ - ମାତୃଜାତିକୁ ସମାଜରେ ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ ଏବଂ ସବଳକରି ଗଢ଼ିତୋଳିବା ।*

*ମାତୃତ୍ୱର ଅନ୍ତଃକରଣରେ ସଞ୍ଚିତ ସେବା, ତ୍ୟାଗ, ନିଷ୍ଠା, ପରିଚର୍ଯ୍ୟା, ସହିଷ୍ଣୁତା ଆଦି ଦିବ୍ୟଗୁଣର ପୂର୍ଣ୍ଣ ବିକାଶରେ ହିଁ ଘୁକ ପ୍ରଗତି ସମ୍ଭବପର । ସେହି ଉଦ୍ଦେଶ୍ୟରେ ହିଁ ଏହି ଶୀର୍ଷକର ପରିକଳ୍ପନା ।*

*ଆସନ୍ତୁ ଏଥରକ ପଢ଼ିବା :*

## ମାତୃତ୍ୱର ମହାନତା

ମା' ପୂଜନୀୟା, ବନ୍ଦନୀୟା ଏବଂ ସମ୍ମାନନୀୟା । ଗୃହଠାରୁ ସମାଜ ପର୍ଯ୍ୟନ୍ତ, ବ୍ୟକ୍ତି ଠାରୁ ସମଷ୍ଟି ପର୍ଯ୍ୟନ୍ତ ସବୁଠି ସମସ୍ତଙ୍କଠାରେ ମା' ପ୍ରଣତିଯୋଗ୍ୟା । ମା'ର ମହାନତା ଏବଂ ସାତ୍ତ୍ୱିକତା ସର୍ବଜନବିଦିତ । ସକଳ ମହାନ ଗୁଣ ଏବଂ ପ୍ରୀତି ଓ ମମତା ଏହି ବିଶ୍ୱଭୁବନକୁ ରସାଣିତ କରି ତୋଳିଛି । ସେହିପରି ମା'ର ନିରଳସ ସେବା ପରିଚର୍ଯ୍ୟା ପରିବାର ଓ ସମାଜରେ ସାନ୍ତ୍ୱନା ଓ ଆଶ୍ୱାସନାର ପ୍ରଲେପ ବୋଳିଦେଇଛି । ସକଳ ସ୍ୱର୍ଗୀୟଭାବ ଓ ଦିବ୍ୟଗୁଣ ମାତୃତ୍ୱର ମହାନତା ପ୍ରକାଶକରେ । ଜଣେ ମା' ବିଶ୍ୱର ସକଳ ଜନନୀଙ୍କର ହୃଦୟକୁ ଯଥାର୍ଥଭାବରେ ଉପଲବ୍ଧିକରି ଜଗତର ସମସ୍ତ ସନ୍ତାନସନ୍ତତିଙ୍କୁ ନିଷ୍କପଟ ହୃଦୟରେ ସ୍ନେହ ମମତାର ସହିତ ସେବା ଓ ପରିଚର୍ଯ୍ୟା ଦେଇଥାଏ ।

ମାତୃତ୍ୱର ଏହି ମହାନତା ଗାନ୍ଧାରୀଙ୍କ ହୃଦୟରେ ମୂର୍ତ୍ତିମନ୍ତ ହୋଇଥିଲା ବୋଲି ସେ ବିଶ୍ୱଜନନୀ ଆଖ୍ୟା ଲାଭକରି ପାରିଥିଲେ । ତାଙ୍କ ଅନ୍ତଃକରଣରେ ନିଜପର ଭେଦଭାବ ଅଣୁମାତ୍ର ନଥିଲା । ସେଇଥିପାଇଁତ ସେ ଗାଇ ଉଠିଥିଲେ :

''ଯାଅ ବୀର ରଣେ ଧରଣୀ ବକ୍ଷୁ
ପାପରାଶି ହେଉ କ୍ଷୟ
ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ ।''

ମାତୃତ୍ୱର ମହାନତା ମାନବିକ ଧର୍ମାଚରଣ ଓ ଧର୍ମରକ୍ଷା ଉପରେ ପ୍ରତିଷ୍ଠିତ । ସକଳ ଆସୁରିକ ଶକ୍ତିର ବିରୋଧ ଓ ବିନାଶ ନିମନ୍ତେ ଯୁଗେଯୁଗେ ମାତୃଶକ୍ତି ଆପଣାର ମହାନତାରେ ମହତ୍ତ୍ୱପୂର୍ଣ୍ଣ । ଅନ୍ୟପକ୍ଷରେ ଈର୍ଷା, ପରଶ୍ରୀକାତରତା, ଛଳନା, କପଟତା, ଭେଦାଭେଦ ଜ୍ଞାନ, ହିଂସା, ମିଥ୍ୟାଚାର ଏବଂ ଭ୍ରଷ୍ଟାଚାର ଯେତେବେଳ ନାରୀ ହୃଦୟରେ ସୂକ୍ଷ୍ମକଣିକା ସଦୃଶ ସୃଷ୍ଟିହୁଏ, ସେତେବେଳେ ପରିବାରଠାରୁ ସମାଜ ପର୍ଯ୍ୟନ୍ତ ବ୍ୟକ୍ତି ଜୀବନରୁ ସମଷ୍ଟି ଜୀବନ ପର୍ଯ୍ୟନ୍ତ ସର୍ବଥା ଅଭୂତପୂର୍ବ ଝଡ଼, ଭୂକମ୍ପ ଏବଂ ପ୍ରଳୟଙ୍କରୀ ବତାସ ସୃଷ୍ଟିକରେ । ଦାମ୍ପତ୍ୟଜୀବନର ସୌରଭ ଲିଭିଯାଏ, ପାରିବାରିକ ଜୀବନ ବିପର୍ଯ୍ୟସ୍ତ ହୁଏ, ଏପରିକି ସାମାଜିକ ଜୀବନରେ ଅଶାନ୍ତିର ଇଗଲ୍ ଡେଣାମେଲାଇ ବିଭତ୍ସ ଚିତ୍କାରକରି ଚକ୍କର କାଟେ । ଏହି ନାରୀ ନାରାୟଣୀ ଅନୀତିର ଶିଖରରେ ଛିଡ଼ାହୋଇ ରାକ୍ଷସୁଣୀରେ ପରିଣତ ହୁଏ । ଆତ୍ମମ୍ଭରିତା ଓ ଅହଙ୍କାର ମହିମାମୟୀ ନାରୀକୁ ମାତୃତ୍ୱର ମହାନତାଠାରୁ ଦୂରେଇ ନେଇ କାଳରାତ୍ରିର ବିଭୀଷିକା ସୃଷ୍ଟିକରେ । ନିଃସ୍ୱାର୍ଥପରତା ମାତୃମୟୀ ଜନନୀର ଜନ୍ମସିଦ୍ଧ ପ୍ରବୃତ୍ତି ଓ ପ୍ରକୃତି । ନାରୀ ସ୍ୱାର୍ଥପର ହେଲେ ଏହି ମହାନତାର ଦିବ୍ୟସ୍ପର୍ଶ ଲାଭରୁ ବଞ୍ଚିତା ହୋଇ ସ୍ୱାର୍ଥପର ଦାନବୀ ସାଜି ପ୍ରଳୟର କାଣ୍ଡ ସୃଷ୍ଟିକରେ ।

ବାତ୍ସଲ୍ୟପରାୟଣତାରେ ମାତୃତ୍ୱର ମହାନତା ବିଦ୍ୟମାନ । ଶୁଦ୍ଧ ପ୍ରେମର ଅଭିବ୍ୟକ୍ତି ହେଉଛି ମା' । ଜଠରରେ ଧାରଣ ପାଳନ ପୋଷଣ କରିଥାଏବୋଲି ମା'ର ପ୍ରତିଶବ୍ଦ ହେଉଛି ଜନନୀ । ମା' ଶବ୍ଦରେ ଭରି ରହିଥିବା ବାତ୍ସଲ୍ୟତା ପୃଥିବୀର ଅନ୍ୟକୌଣସି ଶବ୍ଦରେ ଅଛିବୋଲି ଆମର ମନେ ହୁଏ ନାହିଁ । ଅବ୍ୟକ୍ତ ବ୍ରହ୍ମ ଓଁକାର ମଣ୍ଡଳ ବା ସୂକ୍ଷ୍ମଜଗତରେ ସତ୍ତ୍ୱ ରଜ ତମ ଏହି ତିନିଗୁଣରେ ସୃଷ୍ଟି, ପାଳନ ଓ ସଂହାର ନିମନ୍ତେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରରେ ପ୍ରକାଶମାନ । ଜନନୀ ଠିକ୍ ଏହି ସୂତ୍ରରେ ରଜଗୁଣରେ ସନ୍ତାନକୁ ଗର୍ଭରେ ଧାରଣ କରି ଏବଂ ସତ୍ତ୍ୱଗୁଣରେ ସନ୍ତାନସନ୍ତତିକୁ ଲାଳନ ପାଳନ କରି ଏବଂ ତମ ଗୁଣରେ ଆପଣାର ସନ୍ତାନ ସନ୍ତତିଙ୍କର ଅମଙ୍ଗଳକାରୀ ଭାବ, ବସ୍ତୁ ଓ ବ୍ୟକ୍ତିଙ୍କୁ ସଂହାରକରି ଆପଣା ମାତୃତ୍ୱର ମହାନତା ବିଶ୍ୱବକ୍ଷରେ ପ୍ରକାଶ ଓ ବିକାଶ କରିଥାଏ । ଏହି ପର୍ଯ୍ୟାୟରେ ଉପନୀତ ମାତୃତ୍ୱ ଏକାଧାରରେ ତ୍ରିଗୁଣ ସମନ୍ୱିତ ମାତୃସ୍ୱରୂପିଣୀ ଶକ୍ତି ରୂପରେ ଆରାଧ୍ୟ ଏବଂ ପୂଜନୀୟା ।

ଆଜି କୁସଂସ୍କାର ଏବଂ ଅପସଂସ୍କୃତିର ବହୁଳତାରୁ ସଭ୍ୟ ଶିକ୍ଷିତ ସମାଜରେ ଏତାଦୃଶ ମାତୃତ୍ୱର ମହାନତା ବିଭୂଷିତା ମାତୃସ୍ୱରୂପଟିଏ ଦୁର୍ଲ୍ଲଭ । ଆମ ସମାଜ ଓ ସଂସ୍କୃତି ଏହି ଦୁର୍ଲ୍ଲଭତା ଓ ଦୁଷ୍ପ୍ରାପ୍ୟତା ଦୋଷରୁ ଆଜି ଦୋଷଦୁଷ୍ଟ । ଏହି କାରଣରୁ ଆଜି ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ ଏବଂ ଆନ୍ତର୍ଜାତୀୟ ଜୀବନ ବହୁଳାଂଶରେ ବିଶୃଙ୍ଖଳିତ, ଉଚ୍ଛୃଙ୍ଖଳିତ, ବିପର୍ଯ୍ୟସ୍ତ, କ୍ଷତବିକ୍ଷତ ଓ ରକ୍ତାକ୍ତ ।

ଏହି ରକ୍ତାକ୍ତ ବିଭୀଷିକାରୁ ରକ୍ଷା ପାଇବାର ଏକମାତ୍ର ଉପାୟ ମାତୃତ୍ୱର ଉପାସନା । ମାତୃଜାତି ମାତୃତ୍ୱର ବିକାଶ ସହିତ ମହାନତାକୁ ସୁରକ୍ଷା ନକଲେ ମାନବ ଜାତି ଓ ସମାଜକୁ ଅନ୍ୟକୌଣସି ଶକ୍ତି ରକ୍ଷା କରିନପାରେ । ଦମ୍ପତିରେ, ପରିବାରରେ, ସମାଜରେ, ଦେଶରେ ଏପରିକି ସମଗ୍ର ବିଶ୍ୱରେ ମାତୃଜାତି ଓ ମାତୃତ୍ୱପ୍ରତି ନିଷ୍କପଟ ଉପାସନା, ଶ୍ରଦ୍ଧା, ସେବା ଏବଂ ମାତୃତ୍ୱର ମହାନତା ରକ୍ଷାଦିଗରେ ଜାତି ଧର୍ମ ବର୍ଣ୍ଣ ଓ ବୟସ ନିର୍ବିଶେଷରେ ପ୍ରତ୍ୟେକଙ୍କର ଏକାନ୍ତ କର୍ତ୍ତବ୍ୟ ।

❑❑

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

*ଅନେକ ସମ୍ଭାବନାର ସୂକ୍ଷ୍ମବୀଜ ଶିଶୁ କିଶୋର କିଶୋରୀମାନଙ୍କର ଅନ୍ତଃସ୍ଥଳରେ ସୁପ୍ତ ଓ ଲୁକ୍କାୟିତ ହୋଇ ରହିଛି । ଉପଯୁକ୍ତ ପରିଚର୍ଯ୍ୟା ଓ ପୋଷଣ ମାଧ୍ୟମରେ ସେହି ସୂକ୍ଷ୍ମ ସତ୍ତାକୁ ଜାଗ୍ରତ, ଅଙ୍କୁରିତ ଏବଂ କ୍ରମବର୍ଦ୍ଧିତ କରି ମଣିଷପରି ମଣିଷ ରୂପେ ଗଢ଼ିତୋଳିବା ହିଁ ଆମ ସମସ୍ତଙ୍କର ସର୍ବଶ୍ରେଷ୍ଠ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ । ସାମ୍ପ୍ରଦାୟିକତା, ଆଞ୍ଚଳିକତା ଆଦି ନାନାଦି ଅନ୍ଧବିଶ୍ୱାସ ଓ କୁସଂସ୍କାର ଜନିତ ବିଭେଦର ବହୁଊର୍ଦ୍ଧ୍ୱକୁ କୋମଳମତି ଶିଶୁ କିଶୋରମାନଙ୍କର ମାନସଚିତ୍ରକୁ ଉନ୍ନିତକରି ସାମାଜିକ କଲ୍ୟାଣ ସାଧନ କରିବା ଲକ୍ଷ୍ୟରେ 'ଚରମ' ପୃଷ୍ଠାରେ ଏହି ଶୀର୍ଷକ (ସ୍ତମ୍ଭ) ବିମଣ୍ଡିତ ।*

*ଏଥରକ ଆସ ପିଲାଏ ପଢ଼ିବା :- (ଭାଗବତ ପୃଷ୍ଠାରୁ)*

## ମନ ଚିହ୍ନିବା ହିଁ ପ୍ରକୃତି ପୂଜା

ଦ୍ୱାପରଯୁଗର କଥା । ବଳରାମ ଏବଂ ଶ୍ରୀକୃଷ୍ଣ ଗୋପାଳମାନଙ୍କ ସହିତ ପ୍ରତିଦିନ ବୃନ୍ଦାବନରେ ଗାଈ ଚରାଇବା ପାଇଁ ଯମୁନାକୂଳକୁ ଯାଆନ୍ତି । ଖାଇବା ଜିନିଷ ଘରୁ ସାଙ୍ଗରେ ନେଇ ଯାଇଥାଆନ୍ତି । ଭୋକହେଲେ ସମସ୍ତେ ଏକାଠି ଯମୁନାକୂଳରେ ବସି ଖାଆନ୍ତି । ଦିନେ ବଡ଼ିଭୋରରୁ ସେମାନେ ବଣକୁ ଗାଈ ନେଇଗଲେ । ତେଣୁ ସାଙ୍ଗରେ ଖାଇବା ଜିନିଷ ନେଇ ପାରିନଥିଲେ । ଖରାବେଳକୁ ଯେତେବେଳେ ଭୋକ ହେଲା ସମସ୍ତେ ଠାକୁରଙ୍କୁ ଘେରିଯାଇ କ'ଣ ଖାଇବେବୋଲି ପଚାରିଲେ । ଠାକୁରେ କହିଲେ : କିଛି ଚିନ୍ତା ନାହିଁ । ଅଳ୍ପଦୂରରେ ବ୍ରାହ୍ମଣମାନେ ଯଜ୍ଞ କରୁଛନ୍ତି । ତମେଯାଇ ଆମ ନାମ କହି ସେମାନଙ୍କୁ ଖାଦ୍ୟ ମାଗ । ସେମାନେ ନିଶ୍ଚୟ ଦେବେ ଓ ଆମେ ଆନନ୍ଦରେ ଖାଇବା । ପିଲାଏ ଦୌଡ଼ିଲେ ବ୍ରାହ୍ମଣମାନଙ୍କ ପାଖକୁ ଖାଦ୍ୟ ମାଗିବାକୁ, ମାତ୍ର ବ୍ରାହ୍ମଣମାନେ ଯଜ୍ଞକାର୍ଯ୍ୟରେ ବ୍ୟସ୍ତଥିବାରୁ ପିଲାଙ୍କ କଥା କାନକୁ ନେଲେ ନାହିଁ । ପିଲାଏ ଦିପହର ଖରାରେ ନିରାଶ ହୋଇ ଫେରିଲେ ।

ଠାକୁରେ ସେମାନଙ୍କୁ ପୁଣି ବ୍ରାହ୍ମଣମାନଙ୍କ ଗାଁକୁ ପଠାଇଲେ । କହିଲେ, ସେମାନେ ଯଜ୍ଞରେ ବ୍ୟସ୍ତ । ତମେ ବ୍ରାହ୍ମଣୀମାନଙ୍କୁ ଯାଇ ଆମ ନାମ କହି ଖାଦ୍ୟମାଗ, ସେମାନେ ନିଶ୍ଚୟ ଦେବେ । ଠାକୁରଙ୍କ କଥା ଶୁଣି ପିଲାଏ ଧାଇଁଲେ ଗାଁକୁ । ବ୍ରାହ୍ମଣୀମାନେ କୃଷ୍ଣଙ୍କନାମ ଶୁଣି ଅସ୍ତବ୍ୟସ୍ତ ହୋଇ ଭଲଭଲ ଖାଇବା ଜିନିଷ ଧରି କୃଷ୍ଣଙ୍କୁ ଦର୍ଶନ କରିବା ଆଶାରେ ପିଲାମାନଙ୍କ ସଙ୍ଗରେ ବାହାରିଲେ ।

ବ୍ରାହ୍ମଣମାନେ ଏ ଖବର ପାଇ ଯଜ୍ଞକାର୍ଯ୍ୟ ଛାଡ଼ି ଧାଇଁଆସି ବାଟ ଓଗାଳିଲେ । ସେମାନଙ୍କର ଧାରଣା ଥିଲା ଗୌଡ଼ମାନେ ଛୋଟଜାତି, ତାଙ୍କପାଖକୁ ଗଲେ ବ୍ରାହ୍ମଣଙ୍କର ମହତ୍ୱ ରହିବ ନାହିଁ । ବୁଝାଇ ଶୁଝାଇ ଯେତେ ଆକଟ କଲେ ମଧ୍ୟ ବ୍ରାହ୍ମଣୀମାନେ କିଛି ନଶୁଣି ଠାକୁରଙ୍କୁ ଦର୍ଶନ କରିବାକୁ ଧାଇଁଲେ । ବ୍ରାହ୍ମଣମାନଙ୍କ ଚେଷ୍ଟାର କିଛି ଫଳ ହେଲା ନାହିଁ । ବ୍ରାହ୍ମଣୀମାନଙ୍କ ମଧ୍ୟରେ ଜଣେ ବଡ଼ ଦୁର୍ବଳ ଥିଲା । ତାର ସ୍ୱାମୀ ତାକୁ ଟାଣିଆଣି ଘରେ ବାନ୍ଧିପକାଇଲା । ଅନ୍ୟସବୁ ବ୍ରାହ୍ମଣୀ ଯମୁନା କୂଳକୁ ଯାଇ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ଜୀବନ ସାର୍ଥକ କଲେ ।

ଯେଉଁ ବ୍ରାହ୍ମଣୀଟି ଘରେ ବନ୍ଧାହୋଇଥିଲା ସେ ଠାକୁରଙ୍କୁ ଦର୍ଶନ କରିନପାରି ହାୟହାୟ ହୋଇ ଠାକୁରଙ୍କ ନାମ ଜପି ଜପି ଜୀବନ ଛାଡ଼ିଲା । ବ୍ରାହ୍ମଣୀମାନେ ଫେରିଆସି ନିଜ ନିଜ ଘରେ ଠାକୁରଙ୍କର ରୂପ ଗୁଣ ବର୍ଣ୍ଣନାକଲେ । ଏହାଶୁଣି ବ୍ରାହ୍ମଣମାନେ ବୁଝିପାରିଲେ ଯେ ବ୍ରାହ୍ମଣୀମାନେ ସତରେ ସ୍ୱୟଂ ଭଗବାନଙ୍କୁ ଦର୍ଶନ କରିଛନ୍ତି ଓ ପ୍ରସାଦଲାଗି କରାଇଛନ୍ତି ।

ଜପ ତପ ଯଜ୍ଞକରି ମଧ ବ୍ରାହ୍ମଣମାନେ ଯେଉଁ ଭଗବାନଙ୍କର ଦର୍ଶନ ଓ କୃପାଲାଭ କରିପାରିନଥିଲେ, ବ୍ରାହ୍ମଣୀମାନେ ନିଜର ଦୃଢ଼ମନ ଫଳରେ ତାଙ୍କୁ ସ୍ୱଚକ୍ଷୁରେ ଦର୍ଶନକଲେ ଓ ଠାକୁରଙ୍କର କରୁଣାଲାଭ କରିପାରିଲେ । ଯେଉଁ ବ୍ରାହ୍ମଣୀ ଆସି ନପାରି ଘରେ ବନ୍ଧାହୋଇଥିବା ଅବସ୍ଥାରେ ଆକୁଳ ହୃଦୟରେ ଠାକୁରଙ୍କ ନାମ ଜପିଜପି ଜୀବନ ଛାଡ଼ିଲା, ସେ ବି ମୃତ୍ୟୁପରେ ବିଷ୍ଣୁଲୋକ ପ୍ରାପ୍ତ ହେଲା ।

ବ୍ରାହ୍ମଣମାନେ ପ୍ରକୃତରେ ବୁଝିଗଲେ, ମନ ନଚିହ୍ନି ଜପତପ ଯଜ୍ଞଦ୍ୱାରା ଠାକୁରଙ୍କର ଉପଯୁକ୍ତ ପୂଜା ହୁଏନାହିଁ । ଗୋପାଳ ବାଳକମାନଙ୍କର ମନଚିହ୍ନି ସେମାନଙ୍କ କଥାରେ ବିଶ୍ୱାସକରି ବ୍ରାହ୍ମଣୀମାନେ ଘରଛାଡ଼ି ଆସିଥିଲେ ବୋଲି ସ୍ୱଚକ୍ଷୁରେ ଠାକୁରଙ୍କୁ ଦର୍ଶନ କଲେ, ଭୋଗ ଖୁଆଇଲେ ଏବଂ କରୁଣା କଲ୍ୟାଣ ଲାଭକଲେ । ବ୍ରାହ୍ମଣମାନେ ଉଚ୍ଚନୀଚ ଜାତିଭେଦ ମଧ୍ୟରେ ପ୍ରକୃତ ମାଧବ ମନ ଚିହ୍ନି ନପାରି ଜପତପ ଯଜ୍ଞରେ ଯେତେ ସମୟ ବିତାଇଲେ ମଧ ଭଗବାନ ଶ୍ରୀକୃଷ୍ଣଙ୍କ କରୁଣାଲାଭ କରିପାରିନଥିଲେ ।

ପିଲାଏ ; ଭାଗବତ ପୃଷ୍ଠାରୁ ଏହି ଗଳ୍ପଟିକୁ ଆଜୀବନ ମନେ ରଖିଥିବ । ମାନବର ମନ ଚିହ୍ନିବାହିଁ ପ୍ରକୃତ ପୂଜା, ମାନବ ସେବାହିଁ ମାଧବ ସେବା । ଉଚ୍ଚନୀଚ ଜାତି ଭେଦଭାବ ମନରେ ଆଦୌ ରଖିବ ନାହିଁ । ସରଳ ବିଶ୍ୱାସକଲେ ସହଜରେ ଭଗବାନଙ୍କର ଦର୍ଶନ ଓ କରୁଣା ମିଳେ । ମାନବ ସେବାରେ ମାଧବଙ୍କର ପ୍ରକୃତ ପୂଜାହୁଏ ।

❑❑❑

## ନିବେଦନ

ଅବୋଧ, ଅସମାହିତ, ନିଗୂଢ଼ ବ୍ରହ୍ମଜ୍ଞାନ, ପିଣ୍ଡଜ୍ଞାନ ତତ୍ତ୍ୱରେ ରୁଦ୍ଧିମନ୍ତ ହେଉଥିବା ଏହି 'ଚରମ'କୁ କେହି ଶ୍ରଦ୍ଧାରେ ଗ୍ରହଣ କରୁନାହାନ୍ତି । ତାହାର କାରଣ ହେଉଛି, ବର୍ତ୍ତମାନ ପର୍ଯ୍ୟନ୍ତ ଧରାଧାମକୁ ଆସିନଥିବା ଅତ୍ୟନ୍ତ ଗୋପନୀୟ ରହସ୍ୟ ଲେଖାଯାଉଥିବାରୁ ଦେବମଣ୍ଡଳ ଅନ୍ତର୍ଭୁକ୍ତ ନୂତନ ଶବ୍ଦର ଅର୍ଥ ପ୍ରଚଳିତ ସାହିତ୍ୟ ଓ ଅଭିଧାନରେ ମିଳୁନାହିଁ । ତେଣୁ ବୁଝି ହେଉନାହିଁ ଭାବରେ କେହି ଶ୍ରଦ୍ଧା କରୁନାହାନ୍ତି । କିନ୍ତୁ ସମୟ ଆସୁଛି, ଯେତେବେଳେ ବହୁ ମୂଲ୍ୟ ଦେଲେ ମଧ ଖଣ୍ଡିଏ 'ଚରମ' ମିଳିବ ନାହିଁ । ସେହି ସମ୍ପର୍କରେ 'ଚରମ' ସ୍ରଷ୍ଟା ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ବହୁପୂର୍ବରୁ ବାଣୀ ଦେଇଛନ୍ତି :

**''ବୁଝୁ ନ ବୁଝୁ ପଢ଼ ଚରମ । ଧୀରେ ଧୀରେ ଭେଦିଯିବ ମରମ ।।''**

ଏଣୁ ଆମର ବିନମ୍ର ନିବେଦନ 'ଚରମ'ର ପ୍ରତ୍ୟେକ ପୁସ୍ତକୁ (ସଂଖ୍ୟା) ସଂଗ୍ରହ କରି ନିଜେ 'ଚରମ' ଜ୍ଞାନରେ ଦିବ୍ୟାନୁଭବ କରିବା ସଂଗେ ସଂଗେ ଅନ୍ୟକୁ ମଧ ଦିଗ୍‌ଦର୍ଶନ ଦିଅନ୍ତୁ । ତା ହେଲେ ଅମୃତରୁ ସୃଷ୍ଟି ସମାଜରେ 'ବସୁଧୈବ କୁଟୁମ୍ବକମ୍' ପ୍ରତିଷ୍ଠିତ ହୋଇ ସୁନାର ସମାଜ ନିଶ୍ଚୟ ହେବ । ଏହା ସତ୍ୟ, ଚିରନ୍ତନ ଅଟେ ।

**''ଚରମ ପ୍ରକାଶନ ସଂସ୍ଥା''**

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*'ଚରମ' ପୃଷ୍ଠାରେ ଏହି ସ୍ତମ୍ଭରେ ନିୟମିତ ଯୁବଗୋଷ୍ଠୀ ନିମନ୍ତେ ବିଭିନ୍ନ ଶୀର୍ଷକରେ ଯୁଗୋପଯୋଗୀ ପ୍ରବନ୍ଧମାନ ପ୍ରସ୍ତୁତ ହୋଇ ବିଶ୍ୱ ଯୁବସମାଜକୁ ବିଶ୍ୱକଲ୍ୟାଣ ବ୍ରତରେ ବ୍ରତୀ କରିବା ନିମନ୍ତେ ଉତ୍ସାହ, ପ୍ରେରଣା ଓ ଉଦ୍ଦୀପନା ଯଥାର୍ଥ ଭାବରେ ଦିଆଯାଉଅଛି ।*

*ଅସୀମ ଶକ୍ତିଧର ଯୁବଗୋଷ୍ଠୀ ନିମନ୍ତେ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଆହ୍ୱାନରେ ଅନ୍ତନାହିଁ । ହେ ଅନନ୍ତ ପୁତ୍ରପୁତ୍ରିଗଣ ! ଜୀବନ ଓ ମରଣର ସୀମାକାଟି ଅନନ୍ତ ହୋଇଯାଅ ।*

*ଏ ସଂଖ୍ୟାରେ ତମମାନଙ୍କ ପାଇଁ :-*

## ମୁହୂର୍ତ୍ତ ସାଧନା

ଆମେ ପୂର୍ବ ସଂଖ୍ୟାରେ (ଚରମ: ୩ୟ ପୃଷ୍ଠ : ୩ୟ ପାଖୁଡ଼ା : ଦଶମ ସଂଖ୍ୟା : ଫେବୃୟାରୀ, ୧୯୯୬) ଏହି 'ଉତ୍ତିଷ୍ଠତଃ ! ଜାଗ୍ରତଃ !!' ଶୀର୍ଷକରେ 'ସମୟ' ନାମରେ ପ୍ରବନ୍ଧଟି ତମମାନଙ୍କ ପାଇଁ ଲେଖିଥିଲୁ । ସୀମିତ ସ୍ଥାନ ହେତୁ ସବୁକଥା ସେହି ଗୋଟିଏ ପ୍ରବନ୍ଧରେ ପ୍ରକାଶ କରିବା ସମ୍ଭବ ହୋଇ ନଥିଲା । ଆମର ବାକିତକ ବକ୍ତବ୍ୟ ଏଠାରେ 'ମୁହୂର୍ତ୍ତ ସାଧନା' ନାମରେ ପ୍ରକାଶ କରୁଛୁ ।

ମାତୃଗର୍ଭରେ ବିନ୍ଦୁସ୍ଥାପନା ମୁହୂର୍ତ୍ତରୁ ଜୀବର ପରମାୟୁ ନିଃଶ୍ୱାସ ପ୍ରଶ୍ୱାସର ସଂଖ୍ୟା ଭାବରେ ନିର୍ଦ୍ଧାରିତ ହୋଇଥାଏ । ଧରାଧାମରେ ଭୂମିଷ୍ଠ ହେବା ମୁହୂର୍ତ୍ତରୁ ନିଃଶ୍ୱାସ ପ୍ରଶ୍ୱାସର ସଂଖ୍ୟା ଗଣନା ଆରମ୍ଭ ହୁଏ । ଜୀବ ଯେତେ ସଂଖ୍ୟକ ନିଃଶ୍ୱାସ ପ୍ରଶ୍ୱାସ ଗ୍ରହଣ ବା ତ୍ୟାଗକରେ, ତାହାର ଆୟୁ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ସେହି ପରିମାଣରେ କ୍ଷୟ ହୁଏ । ତେଣୁ କବିଙ୍କ ଭାଷାର : 'ଜୀବନ ଯାହାକୁ ବୋଲଇ ସେସିନା ମୃତ୍ୟୁକୁ ଗତି ।' ଏଥିରୁ ଏହି ଶିକ୍ଷା ମିଳେ ଯେ ଆମେ ଆମର ପ୍ରତିଟି ନିଃଶ୍ୱାସ ବା ପ୍ରଶ୍ୱାସ ସହିତ ଆୟୁ କ୍ଷୟ କରି ଚାଲିଛୁ ।

ପୂର୍ବେ ଏପରିକି ଆଜି ମଧ୍ୟ ଅନେକ ଯୋଗୀ ଆୟୁ ପରମାୟୁର ନିଗମ ରହସ୍ୟ ଜ୍ଞାତହୋଇ ପ୍ରାଣାୟାମ ଓ ଅଷ୍ଟାଙ୍ଗଯୋଗ ମାଧମରେ ନିଃଶ୍ୱାସ ପ୍ରଶ୍ୱାସର ସଂଖ୍ୟା ପ୍ରତଦିନ ହ୍ରାସକରି ଆପଣା ଆପଣାର ଆୟୁବୃଦ୍ଧି କରିପାରୁଛନ୍ତି ଓ ପାରନ୍ତି ମଧ । ଜଣେ ସାଧାରଣ ସ୍ୱାସ୍ଥ୍ୟ ସଂମ୍ପନ୍ନ ବ୍ୟକ୍ତି ଗୋଟିଏ ଦିନରେ ବା ଚବିଶ ଘଣ୍ଟାରେ ୨୧୬୦୦ଥର ନିଃଶ୍ୱାସ ପ୍ରଶ୍ୱାସ ଗ୍ରହଣ ବା ତ୍ୟାଗ କରିଥାଏ । ଚବିଶ ଘଣ୍ଟାଯେ ତାହା ସର୍ବମୋଟ ( ୨୪ X ୬୦ X ୬୦) ୮୬୪୦୦ ସେକେଣ୍ଡ । ଏହି ୮୬୪୦୦ ସେକେଣ୍ଡରେ ୨୧୬୦୦ ଥର ନିଃଶ୍ୱାସ ପ୍ରଶ୍ୱାସ ନେବା ଆଣିବା କରିବା ଅର୍ଥ ପ୍ରତି ୪ ସେକେଣ୍ଡରେ ଥରେ ପ୍ରଶ୍ୱାସ ଗ୍ରହଣ କରିବା ଓ ପରବର୍ତ୍ତୀ ୪ ସେକେଣ୍ଡରେ ଥରେ ନିଃଶ୍ୱାସ ତ୍ୟାଗ କରିବା ।

ବର୍ତ୍ତମାନ ବିଚାର କରିବା କେଉଁ ଉପାୟ ଅବଲମ୍ବନକଲେ ଆମେ ଆମର ଆୟୁ ବୃଦ୍ଧି କରିପାରିବା । ସାଧାରଣଲୋକେ କାମ କ୍ରୋଧାଦିର ତାଡ଼ନାରୁ ବ୍ୟସ୍ତ ବିବ୍ରତ ହୋଇ ମୁହୁର୍ମୁହୁ ଶ୍ୱାସ ପ୍ରଶ୍ୱାସ ଘାତରୁ ଅଜ୍ଞତାହେତୁ

ଆୟୁହାନୀ କରିଥାଆନ୍ତି । ତେଣୁ ସେମାନେ ପରମାୟୁ ଆଉଁ ଥାଉଁ ମୃତ୍ୟୁର କରାଳ କବଳରେ ଅକାଳରେ ପଡ଼ନ୍ତି । ଯଦି ପ୍ରାଣାୟାମ ଓ ଅଷ୍ଟାଙ୍ଗଯୋଗ ମାର୍ଗରେ ଜୀବ ନିଶ୍ୱାର ସହିତ ପରିଚାଳିତ ହୁଏ, ତେବେ ସହଜ ସାଧନାରେ ନିଃଶ୍ୱାସ ପ୍ରଶ୍ୱାସରେ ଦୈନିକ ସଂଖ୍ୟା ହ୍ରାସକରି ଅର୍ଥାତ୍ ୨୧୬୦୦ ଥରରୁ କମ୍ ସଂଖ୍ୟକ ଶ୍ୱାସ ପ୍ରଶ୍ୱାସ ନେଇ ଆପଣାର ଆୟୁ ପ୍ରତିଦିନ ବଢ଼ାଇପାରିବ ।

ଏହା ଏକ ସହଜ ସାଧନା । କିନ୍ତୁ ଏହା ମଧ୍ୟ ମୁହୂର୍ତ୍ତ ସାଧନା । ଗୋଟିଏ ମୁହୂର୍ତ୍ତ ଜାଗ୍ରତ ନହୋଇ ଅଚେତନ ହୋଇଗଲେ, ସେହି ମୁହୂର୍ତ୍ତର ଆୟୁ ହାନୀ ହୋଇଥାଏ । ଠାକୁରେ ଏ ଯୁଗର ମହିମା ଅନୁଯାୟୀ ମୁହୂର୍ତ୍ତସାଧନା ନିମନ୍ତେ ସହଜ ସୂତ୍ର ଆମ୍ଭମାନଙ୍କୁ ଦେଇଅଛନ୍ତି । ଏହି ସହଜ ସୂତ୍ର ଅବଲମ୍ବନ କଲେ ଆପଣାଛାଏଁ ପ୍ରାଣାୟାମ ଏବଂ ଅଷ୍ଟାଙ୍ଗଯୋଗ ସାଧନ ମଧ୍ୟ ବିନା କ୍ଳେଶରେ ହୋଇଯାଏ । ଏହି ସହଜ ସୂତ୍ରଟି ହେଉଛି ସାଷ୍ଟାଙ୍ଗ ପ୍ରଣାମ ଏବଂ ଜପଧ୍ୟାନ । ଏହା ସହିତ ମାନସଜପ ପ୍ରତି ମୁହୂର୍ତ୍ତରେ ନିଃଶ୍ୱାସ ପ୍ରଶ୍ୱାସର ତାଳେତାଳେ ଅଭ୍ୟାସକଲେ ମୁହୂର୍ତ୍ତ ସାଧନା ମାଧ୍ୟମରେ ନିଃଶ୍ୱାସ ପ୍ରଶ୍ୱାସର ଦୈନିକ ସଂଖ୍ୟା ହ୍ରାସ କରାଯାଇପାରିବ ଓ ଆପଣାର ଆୟୁ ବୃଦ୍ଧି କରାଯାଇପାରିବ ।

ଗୋଟିଏ ଉଦାହରଣରୁ ଏହି ମୁହୂର୍ତ୍ତ ସାଧନାର ସତ୍ୟତା ଓ ବାସ୍ତବତା ସହଜରେ ବୁଝିହେବ । ସାଧାରଣତଃ ଆମେ ୪ ସେକେଣ୍ଡରେ ଗୋଟିଏ ନିଶ୍ୱାସ ତ୍ୟାଗକରୁ ଓ ପରବର୍ତ୍ତୀ ୪ ସେକେଣ୍ଡରେ ଗୋଟିଏ ପ୍ରଶ୍ୱାସ ଗ୍ରହଣ କରୁ । ଏହି ହିସାବରେ ରହିଲେ ସଚରାଚର ଆମ୍ଭର ଆୟୁ ହାନୀହୁଏ ନାହିଁ କିମ୍ବା ବୃଦ୍ଧିହୁଏ ନାହିଁ । ମାତ୍ର ସମାଜରେ ରହି କାମ କ୍ରୋଧାଦିର ତାଡ଼ନାରୁ ମୁକ୍ତିପାଇବା ସହଜସାଧ୍ୟ ନୁହେଁ । ଫଳରେ ଆୟୁହାନୀ ପ୍ରତିଟି ମୁହୂର୍ତ୍ତରେ ଆମମାନଙ୍କର ଅଜ୍ଞତା ଓ ଅଜ୍ଞତାସାରରେ ହୋଇଚାଲିଛି । କାଳ ବା ସମୟକୁ ହାତମୁଠାରେ ବାନ୍ଧିରଖିବା ଆମ ପକ୍ଷରେ ସମ୍ଭବ ନୁହେଁ । ମାତ୍ର ଉପରୋକ୍ତ ସହଜ ସୂତ୍ରରେ ମୁହୂର୍ତ୍ତସାଧନା ମାଧ୍ୟମରେ ପ୍ରତି ମୁହୂର୍ତ୍ତରେ ଜାଗ୍ରତ ଓ ସଚେତନ ହୋଇ ଦୈନିକ ଶ୍ୱାସ ପ୍ରଶ୍ୱାସ ସଂଖ୍ୟାକୁ ହ୍ରାସକରି ଆୟୁବୃଦ୍ଧି କରିବା ଆମ ପକ୍ଷରେ ନିଶ୍ଚିତଭାବରେ ସମ୍ଭବ । ଶ୍ରୀଶ୍ରୀ ଠାକୁରଙ୍କ ପ୍ରଦତ୍ତ ଧର୍ମଧାରା ଗ୍ରହଣକରି ସନ୍ଦେଶ ପଥରେ କରାଯାଇପାରେ । ହିସାବରୁ ଜଣାଯାଏ, ପ୍ରତିଟି ନିଃଶ୍ୱାସ ସହିତ ୫ ସେକେଣ୍ଡରେ ଥରେ ଓ ସେହିପରି ପ୍ରତିଟି ପ୍ରଶ୍ୱାସ ସହିତ ୫ ସେକେଣ୍ଡରେ ଥରେ ବୀଜମନ୍ତ୍ର ଜପ କରିବାର ଅଭ୍ୟାସରୁ ଦୈନିକ ୭୨ ମିନିଟ୍ ବା ଏକଘଣ୍ଟା ବାର ମିନିଟ୍ ଆୟୁ ସଞ୍ଚୟକରି ଆୟୁଷ ବୃଦ୍ଧି କରାଯାଇପାରିବ । ଦୈନିକ ମାନସଜପ ଦ୍ୱାରା ଯଦି ଏହି ପରିମାଣର ଆୟୁବୃଦ୍ଧି କରାଯାଇପାରେ, ତେବେ ବାର୍ଷିକ କେତେ ଆୟୁ ସଞ୍ଚିତ ହେବ ତାହା ସ୍ପଷ୍ଟ ଅନୁମେୟ । ସେହିପରି କ୍ରମଶଃ ଅଭ୍ୟାସକରି ୫ ସେକେଣ୍ଡ ସ୍ଥାନରେ ୬ ସେକେଣ୍ଡ, ୭ ସେକେଣ୍ଡ ଓ ପର୍ଯ୍ୟାୟକ୍ରମେ ଗୋଟିଏ ଜପର ମୁହୂର୍ତ୍ତ ସଂଖ୍ୟା ବୃଦ୍ଧି କରିଚାଲିଲେ ଅବଶ୍ୟ ଆୟୁବୃଦ୍ଧି ହେବହିଁ ହେବ । ଏହାଦ୍ୱାରା ଆମର ଅଜ୍ଞାତସାରରେ ସ୍ୱତଃ ପୂରକ, କୁମ୍ଭକ, ଓ ରେଚକ ପ୍ରଣାଳୀରେ ପ୍ରାଣାୟାମ ସାଧନ ହୋଇଥାଏ ।

ଅନେକଙ୍କର ହୁଏତ ସନ୍ଦେହ ହୋଇପାରେ ଯେ, ଅନ୍ୟକୌଣସି ପ୍ରଣାଳୀରେ ଏହି ସାଧନା କଲେ କ'ଣ ଅଭ୍ୟାସବଶରୁ ଆୟୁବୃଦ୍ଧି କରାଯାଇ ପାରିବ ନାହିଁକି ? ଆମେ ଏଠାରେ ସ୍ପଷ୍ଟ କରିଦେବାକୁ ଚାହୁଁଯେ, ସର୍ବସାଧାରଣଙ୍କ ପକ୍ଷେ ଏହା ଯଦି ଏତେ ସହଜରେ ସାଧିତ ହୋଇପାରୁଥା'ନ୍ତା, ତେବେ ଯୁଗେ ଯୁଗେ ଗୁରୁବାଦ ଓ ଗୁରୁଙ୍କର ଆବଶ୍ୟକତା ନଥା'ନ୍ତା । ଏତଦ୍‌ବ୍ୟତୀତ ବୈଶିଷ୍ଟ୍ୟ ଅନୁପାତିକ ବୀଜମନ୍ତ୍ର (ପ୍ରତ୍ୟେକ ସ୍ୱତନ୍ତ୍ର ବ୍ୟକ୍ତିପାଇଁ ସ୍ୱତନ୍ତ୍ର ମନ୍ତ୍ର ଇତ୍ୟାଦି), ଆସନ, ମୁଦ୍ରା, ଲୟ, ଧ୍ୟେୟ ଇତ୍ୟାଦି ଗୁରୁଗ୍ରହଣ ବ୍ୟତୀତ ମିଳବ ବା କେଉଁଠୁ ?

❑❑(

# ଜିଜ୍ଞାସା : ଜିଜ୍ଞାସୁ

*ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ସହିତ କଥୋପକଥନ ଏବଂ ଆଲୋଚନା ପ୍ରସଙ୍ଗରେ 'କ୍ଷିତିଜ୍ୟୋତି' ଆଶ୍ରମର ପ୍ରଥମ ଆଚାର୍ଯ୍ୟ ଦିବଂଗତ ଯତିଶ ଦା' ଯେଉଁସବୁ ପ୍ରଶ୍ନ ଉତ୍ଥାପନ କରି ନିଜ ଡାଇରିରେ ଲିପିବଦ୍ଧ କରିଥିଲେ ସେ ସବୁର ସଂକଳନ କରାଯାଇ କ୍ରମଶଃ 'ଚରମ' ରେ ପତ୍ରସ୍ଥ କରାଯାଉଅଛି । 'ଚରମ'ର ତୃତୀୟ ସଂଖ୍ୟାଠାରୁ ଏହା ଆମ ଆଧାତ୍ମିକ ପତ୍ରିକାର ଏକ ନିୟମିତ ବିଭାବ ।*

*ଆଧ୍ୟାତ୍ମିକ ଜୀବନରେ ନାନା ଶଂସୟ ଓ ସନ୍ଦେହ ମୋଚନରେ ଏହା ସହାୟକ ହୋଇ ପାରୁଛି ବୋଲି ବହୁ ପାଠକ ପାଠିକାଙ୍କର ମତମନ୍ତବ୍ୟ ଆମର ହସ୍ତଗତ ହେଉଛି । ଏହା ଏକ ଶୁଭ ସୂଚନା ।*

## ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ :

**ଯତୀଶଦା -** ନିର୍ବିକାର ତତ୍ତ୍ୱର ଏକତ୍ୱ ବିଚାରରେ ବେଳେବେଳେ ଦୁର୍ଘଟଣାମାନ ଘଟିଥାଏ । ଯଥା ସମସ୍ତେ ଆମର ଗୁରୁଭାଇ ଏହିପରି ଏକତ୍ୱ ବିଚାର କରି ବିଶ୍ୱାସ କରିବାକୁ ହୁଏ, ସମ୍ମାନ ଦେବାକୁ ହୁଏ । ସାହାଯ୍ୟ ସହାନୁଭୂତି ଓ ସହଯୋଗ ମଧ କରିବାକୁ ହୁଏ । କିନ୍ତୁ ପର ମୁହୂର୍ତ୍ତରେ ଏହି ପ୍ରକାର ବିଶ୍ୱାସରୁ ଅନୁତାପ କରିବାକୁ ହୁଏ । କାରଣ ପୁଅ ଝିଅ କଥା, ଟଙ୍କା ପଇସାର ଆଦାନ ପ୍ରଦାନ କଥା, ବିଶ୍ୱାସରେ ଅନ୍ତର କଥା, ସାଙ୍ଗ ସାଥି ଭିତରେ ଭାବର ଆଦାନ ପ୍ରଦାନରୁ ଅବିଶ୍ୱାସ, କୁଟକପଟତା, ଆତ୍ମଘାତି, ଧପ୍ପାବାଜ ଇତ୍ୟାଦି ଘଟଣାମାନ ଘଟିଯାଏ । ଯାହା ଫଳରେ ଏକତ୍ୱ ବିଚାରର ସରଳ ବିଶ୍ୱାସ ଠୋକର ଖାଇଯାଏ । ଏହି ଠୋକରରୁ ସନ୍ଦେହ, ଅବିଶ୍ୱାସ, କ୍ରୋଧ, ଈର୍ଷା, ହିଂସାର ଭାବ ଉଦ୍ରେକ ହୋଇ ମଣିଷକୁ ଅଧୋଗତି ପଥକୁ ଟାଣିନିଏ । ଏହିପରି ହେବାର କାରଣ କ'ଣ ?

**ଠାକୁର -** ଜଣେ ସାଧାରଣ ବ୍ୟକ୍ତି ନିର୍ବିକାରରେ ଏକତ୍ୱ ବିଚାର କରି ପାରିବ ନାହିଁ । ତା ପକ୍ଷେ ଜଡ଼ତ୍ୱ ବିଚାର ଶ୍ରେୟ । ସେହିପରି ଶୁଦ୍ଧ ଚରିତ୍ରବାନ୍ ଆଧାତ୍ମିକ ଭାବ ଚେତନ ବ୍ୟକ୍ତି ଚେତନ ତତ୍ତ୍ୱର ବିଚାର କରିପାରେ । କିନ୍ତୁ ଏକତ୍ୱ ବା ନିର୍ବିକାର ତତ୍ତ୍ୱର ବିଚାର କରି ପାରିବ ନାହିଁ । ତୁମମାନଙ୍କ ମତରେ ଯାହାକୁ ଏକତ୍ୱ ବିଚାର କହୁଛ ତାହା ଏକତ୍ୱ ବା ନିର୍ବିକାର ବିଚାର ନୁହେଁ । ନିର୍ବିକାର ତତ୍ତ୍ୱର ବିଚାରରେ ଆବିଳତା, ଦ୍ୱନ୍ଦ୍ୱ, ଅବିଶ୍ୱାସ, ସନ୍ଦେହ ନ ଥାଏ । କାରଣ ନିର୍ବିକାର ଜନ୍ମସିଦ୍ଧ । ସୁତରାଂ ଏକ ହାତରେ ତାଳି ବାଜେ ନାହିଁ । ଦୁଇଟି ହାତର ଆବଶ୍ୟକ ପଡ଼େ । ଏକ ହାତ ସ୍ଥିର ରହିଲେ ଅନ୍ୟ ହାତ ତାଳି ବଜାଇ ପାରିବ ନାହିଁ । ଯେ ଠକେ, ଧପ୍ପାବାଜି କରେ ତା ଭିତରେ ଅବିଶ୍ୱାସ ଥାଏ । ଯେ ଠୋକର ଖାଏ ତା ଭିତରେ ବି ଅବିଶ୍ୱାସ ଥାଏ । ଦୁଇଟି ହାତ ସମାନ ହେବାରୁ ତାଳି ବାଜେ । ଯେଉଁମାନେ ଏକତ୍ୱ ବା ନିର୍ବିକାର ବିଚାର କରି ପାରନ୍ତି, ସେମାନେ ଜନ୍ମସିଦ୍ଧ ହୋଇଥିବାରୁ, ଜନ୍ମରୁ ସେମାନଙ୍କ ଭିତରେ ଆବିଳତା, ଦ୍ୱନ୍ଦ୍ୱ, କପଟ, ଈର୍ଷା, ହିଂସା, ପରଶ୍ରୀକାତରତାର ଭାବ ଆଦୌ ନ ଥାଏ । ସେ ହେଉଛନ୍ତି ଗୁରୁ । ତାଙ୍କଠାରୁ ଉପଦେଶ

ପାଇ ଜଡ଼ବାଦୀ ଏବଂ ଚେତନାବାଦୀମାନେ ଏକତ୍ୱ ବିଚାର ବା ନିର୍ବିକାର ତତ୍ତ୍ୱକୁ ପାଇବାପାଇଁ ଅଭ୍ୟାସ ଓ ସାଧନା କରନ୍ତି । ଏହି ସାଧନା ଅବସ୍ଥାରେ ଜଡ଼ତ୍ୱଭାବ ଓ ଚେତନ ଭାବର ବିନାଶ ହୋଇ ନ ଥାଏ । ଏଣୁ ତୁମମାନଙ୍କ ମଧ୍ୟରେ ଏପରି ଦୁର୍ଘଟଣା ମାନ ଘଟିଥାଏ ।

**ଯତୀଶଦା'** - ନିର୍ବିକାର ଓ ଏକତ୍ୱ ବିଚାରର ତତ୍ତ୍ୱ କ'ଣ ?

**ଠାକୁର** - ବିକାରରେ ରହି ନିର୍ବିକାରର ତତ୍ତ୍ୱ ବୁଝିବା ତୁମ ପକ୍ଷେ କଠିନ । ଯେ ଯେଉଁ ଅବସ୍ଥାରେ ଥାଏ ସେ ସେହି ଅବସ୍ଥାର କଥା ବୁଝେ । ତା'ର ସ୍ଥିତ ଅବସ୍ଥାର ଊର୍ଦ୍ଧ୍ୱରେ ଯେଉଁ ଅବସ୍ଥା ଥାଏ, ସେ ଅବସ୍ଥାର ବିଚାର କରିବା ବର୍ତ୍ତମାନ ଅବସ୍ଥାରେ କଠିନ ହୋଇଥାଏ । (ଠାକୁରେ ଟିକେ ହସିଦେଇ କହିଲେ) ପ୍ରଶ୍ନସିନା କରୁଛ, ତେବେ ଆମକୁ ତୁମ ଅବସ୍ଥାରେ ବୁଝାଇବା କଠିନ, କାହିଁକି ନା ଅବସ୍ଥା ନେଇ ବୋଧ ।

**ଯତୀଶଦା'** - ତାହାହେଲେ ଆମ ସ୍ଥିତ ଅବସ୍ଥାରେ ନିର୍ବିକାରର ଏକତ୍ୱ ତତ୍ତ୍ୱକୁ ବୁଝିବାପାଇଁ ସରଳ ଉଦାହରଣ କ'ଣ କିଛି ନାହିଁ ?

**ଠାକୁର** - ପ୍ରକୃତକୁ କେବେ ହେଲେ ଦର୍ଶାଯାଇ ପାରିବ ନାହିଁ । ସତ୍ୟ ସଦା ଅପ୍ରକାଶ୍ୟ । ତାକୁ ଅନୁଭବରେ ହିଁ ଜାଣି ହୁଏ । ଯାହା ଅପ୍ରକାଶ୍ୟ ତାହାକୁ ପୁଣି ପ୍ରକାଶ କରି ଦର୍ଶାଯାଇ ପାରିବ । କେମିତି ଜାଣିଛ ? 'ବାଘ ନ ଦେଖିଲେ ବିଲେଇ ଦେଖ' । ପ୍ରକୃତକୁ ଲୁଚାଇ ବିକୃତକୁ ଦେଖାଇବା ।

**ଯତୀଶଦା'** - ବିଲେଇ ଦେଖି କିଛି ତ ହେଲେ ବାଘର ଧାରଣା କରିପାରିବୁ ।

**ଠାକୁର** - ତମେ କ'ଣ କହୁଛ ବିଲେଇ ଦେଖିବ ?

**ଯତୀଶଦା'** - ଆପଣ ଯେତେବେଳେ କହୁଛନ୍ତି । ଆମେ କ'ଣ କହିବୁ ? ଆମେ କ'ଣ କିଛି ଜାଣିଛୁ ?

**ଠାକୁର** - ହଉ ତାହା ହେଲେ ବିଲେଇ ଦେଖ । ନିର୍ବିକାରରୁ ସବୁ ସୃଷ୍ଟି ଏବଂ ସେହି ନିର୍ବିକାରରେ ହିଁ ସବୁ ସମାପ୍ତି ଓ ପୁଣି ଉତ୍ପତ୍ତି ହୁଏ । ଜୀବ ନିର୍ବିକାରରୁ ଜନ୍ମ ନେଇ ନିର୍ବିକାରରେ ଖେଳ କରେ । ଏବଂ ନିର୍ବିକାରରେ ସମସ୍ତ ବିଷୟ ଗ୍ରହଣ କରି ପୋଷଣ, ପାଳନ ଓ ନିଜକୁ ଧାରଣ କରେ । ଯାହାକୁ ଘୃଣା କରାଯାଏ, ଯାହାପାଇଁ ଲଜ୍ଜା କରାଯାଏ, ଯାହାକୁ ଲୁଚାଇ ରଖାଯାଏ ଏବଂ ଯାହା ଦେଖିଲେ ବିକାର ଆସେ ତାହା ହେଉଛି ନିର୍ବିକାର । ଏବଂ ସେହି ନିର୍ବିକାରରେ ଆନନ୍ଦ,ପ୍ରେମ, ଶାନ୍ତି, ସନ୍ତୋଷ ଓ ଜୀବନ ବିଦ୍ୟମାନ ଥାଏ । ଦେଖ; ଛେପ, ଖଙ୍କାର, ଲାଳ, ମଳ ଓ ବାନ୍ତିକୁ ଦେଖିଲେ ଘୃଣା ଓ ବିକାର ଆସେ, ଦେହ ସିହରି ଉଠେ; ପୁଣି ବିଚାର କରି ଦେଖ ଉକ୍ତ ପଦାର୍ଥଗୁଡିକ ଯେଉଁ ସ୍ଥାନରେ ଅଛି ସେ ସ୍ଥାନଗୁଡ଼ିକୁ ଦେଖିଲେ ଲଜ୍ଜା ଲାଗେ । ମଣିଷ ତାକୁ ଆବରଣ ଦେଇ ଲୁଚାଇ ରଖିଥାଏ । ଏହି ବିକାରଯୁକ୍ତ ପଦାର୍ଥ ଓ ତା'ର ରହଣି ସ୍ଥାନଗୁଡ଼ିକରେ ଯେଉଁ କର୍ମମାନ ହୁଏ ସେହି କର୍ମରୁ ଆନନ୍ଦ, ସ୍ନେହ, ଶ୍ରଦ୍ଧା, ମମତା, ପ୍ରେମ, ଜୀବନ, ଶାନ୍ତି ଓ ସନ୍ତୋଷ ରୂପକ ମହାନ ଭାବ ସୃଷ୍ଟି ହୁଏ । ଏଣୁ ଯାହାକୁ ଦେଖିଲେ ଲଜ୍ଜା ଆସେ, ଯାହା ପ୍ରକାଶ ହୋଇ ମଧ୍ୟ ଗୁପ୍ତ ଏବଂ ଯେଉଁଠାରେ ସବୁ ସମାପ୍ତ ହେଉଅଛି ଏବଂ ଉତ୍ପତ୍ତି ହେଉଅଛି ତାହା ହେଉଛି ନିର୍ବିକାର ତତ୍ତ୍ୱ ।

**ଯତୀଶଦା'** - ଏକତ୍ୱ ବିଚାରର ତତ୍ତ୍ୱ କ'ଣ ?

**ଠାକୁର** - "ମମ ଯୋନି ମହତ୍ ବ୍ରହ୍ମ" । ବ୍ରହ୍ମ ହେଉଛି ନିର୍ବିକାର । ସେହି ବ୍ରହ୍ମର କାଳ-ଶରୀରରୁ ଆତ୍ମା ଜାତ ହୋଇ ଦେହ ଧାରଣ କରିବାରୁ ସେହି ଦେହର ଆତ୍ମା ଭାବରୁ କ୍ଷୁଧା, ତୃଷା ରୂପୀ ବିଷୟ ଭୋଗର ଅନଳ ଜାତ ହୁଏ । ଏହି କ୍ଷୁଧାନଳ ସବୁରି ଜୀବ ଭିତରେ ରହି ସମସ୍ତ ବିଷୟକୁ ଏକାକାର କରି ଗ୍ରହଣ କରୁଅଛି । ଏହି ଏକତତ୍ତ୍ୱ ସବୁରି ଜୀବ ଭିତରେ ଥାଇ ନିର୍ବିକାରରେ ସମସ୍ତ ବିଷୟକୁ ଗ୍ରହଣ କରି ବିକାର ଯୁକ୍ତ କରାଉଅଛି । ଏହି ବିକାରରୁ ସଂକଳ୍ପ, କାମନା, ବାସନା ଓ ଆଶା ସୃଷ୍ଟି ହୋଇ ଏକତତ୍ତ୍ୱ ବହୁତତ୍ତ୍ୱରେ ପରିଣତ ହେଉଅଛି । ଏହି ବହୁତ୍ୱ ଅନିତ୍ୟ, ଆଉ ଏକତ୍ୱ ନିତ୍ୟ । ବହୁତ୍ୱକୁ ଏକତ୍ୱ ବିଚାରରେ ଜାଣିପାରିଲେ ଏକତ୍ୱର ତତ୍ତ୍ୱ ନିରୂପଣ ଓ ଅନୁଭବ କରିହୁଏ । ଏହାକୁ ମଧ୍ୟ ଆତ୍ମବୋଧ ତତ୍ତ୍ୱ କୁହାଯାଏ ।

**ଯତୀଶଦା'** - ସମାଜରେ କଥା ଅଛି ଉଚ୍ଚ ଜାତି ନୀଚ ଜାତି ଘରେ ଖାଇଲେ ଓ ଛୁଇଁଲେ ତା'ର ଜାତି ଯାଏ । ଏକଥା କ'ଣ ସତ୍ୟ ?

**ଠାକୁର** - ନୀଚ ଜାତି ଘରେ ଯଦି ଉଚ୍ଚ ଜାତି ଖାଏ ତାହାହେଲେ ତା'ର ଜାତି ଯାଏ ବୋଲି ତୁମେ କହୁଛ ; ଆଚ୍ଛା କୁହତ ? ଉଚ୍ଚର ଜାତି ଯାଏ, କୁଆଡ଼କୁ ଯାଏ ? ନିଶ୍ଚୟ ନୀଚକୁ ଯାଏ । ଆଚ୍ଛା ଯଦି ନୀଚ ଉଚ୍ଚ ଘରେ ଖାଏ ତାହାହେଲେ ତୁମ କହିବା ଅନୁଯାୟୀ ତା'ର ଜାତି ନିଶ୍ଚୟ ଯିବ, ତାହାହେଲେ କୁଆଡ଼କୁ ଯିବ ? ନିଶ୍ଚୟ ଉଚ୍ଚକୁ ଯିବ । ଉଚ୍ଚ ଯଦି ଖାଇବା ଛୁଇଁବା ଦ୍ୱାରା ନୀଚ ହୁଏ, ତାହାହେଲେ ନୀଚକୁ ଉଚ୍ଚ ଘରେ ଖୁଆଇ ଛୁଆଁଇଲେ ସେ ନିଶ୍ଚୟ ଉଚ୍ଚ ହେବ । ଏହି ମର୍ମରେ ସମାଜ ନୀଚକୁ ଉଚ୍ଚ ସ୍ଥାନ ଦେବ କି ? ସୃଷ୍ଟିରେ ମାନବ ଜାତି ଗୋଟିଏ ଜାତି । ଛୁଇଁବା ଖାଇବା ଦ୍ୱାରା ଜାତି ଯାଏନା କି ଜାତି ହୁଏନା । ସବୁରି ଭିତରେ ଗୋଟିଏ ଧର୍ମ - କ୍ଷୁଧା, ତୃଷା, ବିଷୟ-ଭୋଗ । ଏହି ବିଷୟ-ଭୋଗରୁ ଜୀବନ । ଜୀବନର ଚଳନିରୁ ଜାତି । ପଶୁ, ପକ୍ଷୀ, କୀଟ, ପତଙ୍ଗ, ତରୁ, ତୃଣ ମାନବ ଏସବୁ ଗୋଟିଏ ଗୋଟିଏ ଜାତି । ସବୁ ଜାତି ଭିତରେ ଗୋଟିଏ ଧର୍ମ କ୍ଷୁଧା ଓ ପିପାସା । ଉକ୍ତ ଧର୍ମରୁ ଗୁଣ, କର୍ମ ଓ ସ୍ୱାଭାବ ଭିନ୍ନ ଭିନ୍ନ ହୋଇଥାଏ । ମାନବ ରୂପୀ ଜୀବକୁ ନେଇ ବିଚାର କଲେ ତା'ଠାରେ ତୁମେ ଆତ୍ମା ଓ ତା'ର ବୋଧ, ମନ, ବୁଦ୍ଧି, ଅହଂକାର, ପ୍ରକୃତି, ପ୍ରବୃତ୍ତି, ରିପୁ, ଗୁଣ, ଅଇରି, ସଂକଳ୍ପ, କାମନା, ବାସନା ଓ ଟଣ କ୍ରିୟାର ଧର୍ମଗୁଡ଼ିକୁ ପାଇବ । ଗୋଟିଏ ମଣିଷ ଭିତରେ ଯାହା, ସବୁ ମଣିଷ ଭିତରେ ସେହି ଗୋଟିଏ ଧର୍ମ ଗୋଟିଏ କ୍ରିୟା ଓ ତ୍ରିଗୁଣର ଖେଳ । ରୁଚି ନେଇ ସ୍ୱଭାବ, ଚଳନିରୁ ଚରିତ୍ର । ଏହି ଚଳନି ଭିନ୍ନ ହୋଇଥିବାରୁ ଚଳନିରୁ ନେଇ ଉଚ୍ଚନୀଚ, ଜାତି ଅଜାତି ଓ ବିଜାତିର ବିଚାର ସମାଜରେ କରାଯାଇଥାଏ । ଏହା ସାମାଜିକ ବ୍ୟବସ୍ଥା । ଆଧ୍ୟାତ୍ମିକ ବ୍ୟବସ୍ଥା କିମ୍ବା ସନାତନ ମାନବିକ ଧର୍ମଧାରାରେ ଏ ବ୍ୟବସ୍ଥା ନଥିଲା, ନଥିବ ମଧ୍ୟ ।

**ଯତୀଶଦା'** - ଉଚ୍ଚ ଦ୍ୱାରା ନୀଚ ଅପମାନିତ, ଲଜ୍ଜିତ, ନିନ୍ଦିତ, ବିପର୍ଯ୍ୟସ୍ତ ହୋଇ ବିଦ୍ଧ ହେଲେ ନୀଚକୁ ଯେତିକି ଆଘାତ ଲାଗେ, ଉଚ୍ଚକୁ ସେତିକି ଅପରାଧ ଲାଗେ କି ?

**ଠାକୁର** - ଉଚ୍ଚ ଦ୍ୱାରା ନୀଚ, ବଡ଼ ଦ୍ୱାରା ଛୋଟ ଓ ଜ୍ଞାନୀ ଦ୍ୱାରା ଅଜ୍ଞାନମାନେ ଦଣ୍ଡ ପାଇ ଶାସିତ ହୋଇଥାନ୍ତି । ବାପ ଠାରୁ ପୁଅ, ରାଜା ଠାରୁ ପ୍ରଜା, ସ୍ୱାମୀଠାରୁ ସ୍ତ୍ରୀ ଓ ଧନୀଠାରୁ ଦରିଦ୍ରମାନେ ଦଣ୍ଡ ପାଇଲେ

ଶ୍ରେଷ୍ଠତା ହେତୁ ଶ୍ରେଷ୍ଠଙ୍କୁ ଅପରାଧ ଦୋଷ ଲାଗେ ନାହିଁ । କିନ୍ତୁ ସମୟ ଚକ୍ରରେ, କାଳର ଗତିରେ ଓଲଟ ପାଲଟ ହୋଇଥାଏ । ଅବସ୍ଥା ଓ ପର୍ଯ୍ୟାୟ ବଦଳେ । ବାପ ହୁଏ ପୁଅ । ପୁରୁଷ ହୁଏ ନାରୀ, ରଜା ହୁଏ ପ୍ରଜା, ଜ୍ଞାନୀ ହୁଏ ଅଜ୍ଞାନ । ଯେ ବାପ ହୋଇ ଦଣ୍ଡ ଦିଏ ସେ ପୁଣି ପୁଅ ହୋଇ ଦଣ୍ଡ ପାଏ । ସ୍ରଷ୍ଟାଙ୍କର ଏହା ବିଚିତ୍ର ଲୀଳା । ଏ ଲୀଳାକୁ ଭେଦ କରିବା ବଡ଼ କଷ୍ଟ ।

'ଯତୀଶଦା' - ଉଚ୍ଚ ନୀଚ ଭେଦକୁ କେଉଁ ବୋଧରେ ସମତା କରି ସମନିୟମରେ ପାଳନ କରିବାକୁ ହେବ ?

ଠାକୁର - ସବୁରି ଜୀବ ଭିତରେ ଏକତତ୍ତ୍ୱ, ଏକଧର୍ମ । ସବୁରି ଦେହରେ ଆତ୍ମବୋଧର ଯେଉଁ ଭାବ ଅଛି, ସେହି ଭାବରୁ କ୍ଷୁଧା ତୃଷା ରୂପୀ କ୍ଷୁଧିତ ଆନନ୍ଦ ଜାତ ହୋଇ ବୋଧ ଖୋଜେ । ଜୀବ ଆତ୍ମାକୁ ବୋଧ ଦେବା ପାଇଁ ବିଷୟ ଗ୍ରହଣ କରେ । ଏଣୁ ସବୁରି ଭିତରେ ବିଷୟ ଭୋଗର ଆଶା ଓ ତୃଷା ଥିବାରୁ ସମସ୍ତ ବିଷୟଭୋଗୀ ଏକ ଧର୍ମୀ । 'ବଞ୍ଚିବା ବଢ଼ିବା ମର୍ମଯାହା ତାହା ଧର୍ମ ବୋଲି ଜାଣ'' -

**''ଏ ଜୀବ ଆହାର ଲମ୍ପଟେ ।**

**ପଡ଼ିଛି ଭବ ସିନ୍ଧୁ ତଟେ ।''**

❑❑❑

## ବିଜ୍ଞପ୍ତି


**ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍, ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା,** କଟକ ବ୍ୟତୀତ ଅନ୍ୟ କେତେକ ବ୍ୟକ୍ତି ଓ ସଂସ୍ଥା ଆମ ସମ୍ବନ୍ଧରେ କେତେକ ପୁସ୍ତକ / ପୁସ୍ତିକା ପ୍ରକାଶ କରିବାର ସମ୍ବାଦ ଆମଠାରେ ପହଞ୍ଚିଛି । ସେସବୁ ପ୍ରକାଶିତ ପୁସ୍ତକ ବା ପୁସ୍ତିକା ଆମ ସମ୍ବନ୍ଧୀୟ ପ୍ରାମାଣିକ ଗ୍ରନ୍ଥ ଭାବରେ ଗ୍ରହଣ ନକରିବାକୁ ଆମେ ସୁଧୀ ପାଠକ/ପାଠିକାମାନଙ୍କୁ ଜଣାଇ ଦେଉଅଛୁଁ । କେବଳ ଆମ ସାହିତ୍ୟ ସଂସଦ୍, ଚରମ ପ୍ରକାଶନ ସଂସ୍ଥା କର୍ତ୍ତୃକ ପ୍ରକାଶିତ ଗ୍ରନ୍ଥ/ପତ୍ର ପତ୍ରିକା/ପୁସ୍ତକ ହିଁ ଆମ ସମ୍ବନ୍ଧୀୟ ପ୍ରାମାଣିକ ଗ୍ରନ୍ଥ ଭାବରେ ଗୃହୀତ ହେବ ।

**ଧୀରେନ୍ଦ୍ର ବେହେରା**

ସାଧାରଣ ସଂପାଦକ

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍

# ରତ୍ନବେଦୀ



## ସମ୍ଭବାମି ଯୁଗେ ଯୁଗେ

### ଜନନୀ, ଜଠର ଜରାୟୁ

*ସ୍ଥୂଳଜଗତରେ ମାନବଲୀଳା ରଚନା ପାଇଁ ଯୁଗେ ଯୁଗେ ଭଗବାନ ଜନନୀ ଜଠର ଜରାୟୁ ମାଧ୍ୟମରେ ଧରାଧାମରେ ଅବତୀର୍ଣ୍ଣ ହୋଇଅଛନ୍ତି । ଏହି ମହାସତ୍ୟର ପ୍ରତିଷ୍ଠା କରି ଆଜିର ଯୁଗର ଅବସାନ କାଳରେ ଶ୍ରୀଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ର ମାତା ସୁକାନ୍ତି ଦେବୀଙ୍କ ଗର୍ଭ ମଣ୍ଡନ କରି ଅବତରଣ କରିଅଛନ୍ତି ।*

*ସେହି ଆବିର୍ଭାବ ଅନୁଭୂତିର ସ୍ୱାକ୍ଷର ବହନ କରେ - 'ସମ୍ଭବାମି ଯୁଗେ ଯୁଗେ'*

*ପୂର୍ବାନୁସୃତି : 'ଚରମ' ତୃତୀୟ ପୁଷ୍ପ : ତୃତୀୟ ପାଖୁଡ଼ା : ଦଶମ ସଂଖ୍ୟାରୁ -*

(୧୭) **ଆର୍ଣ୍ଣିକାନ୍ତ କୋଷ -** ଏହା ନୀଳବର୍ଣ୍ଣ । ଜରାୟୁର ପଦ୍ମପାଖୁଡ଼ା ଗୁଡ଼ିକୁ ଘୋଡ଼ାଇ ରଖେ; ପୁଣି ପଦ୍ମନାଡ଼ଦେଇ ଜରାୟୁରୁ ଶବ୍ଦ ବାହ୍ୟ ଜଗତକୁ ଲଗ୍ନଗୃହ ପର୍ଯ୍ୟନ୍ତ ଶବ୍ଦ ଯୋଗାଣ ତଥା କର୍ମ ଯୋଗାଣରେ ମାନସିକ ଓ ଆଙ୍ଗିକ ଭାବରେ ସାହାଯ୍ୟ କରେ ।

(୧୮) **ନିଦ୍ରକ ନାଦ୍ କୋଷ -** ସବୁଜରଂଗ ବିଶିଷ୍ଟପ୍ରାରବ୍ଧ କର୍ମଫଳକୁ ଦୃଢ଼ କରି ଶିଶୁକୁ ଜୀବନଥିବା ପର୍ଯ୍ୟନ୍ତ ମୂକ, ବଧିର, ଅନ୍ଧ କରି ରଖିବାରେ ସହଯୋଗ କରିବା ହେଲା ଏହାର କାର୍ଯ୍ୟ । ଏହା ଉପରେ ଚର୍ମର ଢାଙ୍କୁଣି ଥାଏ । ଏହା ଫଳରେ ଶିଶୁ କଥା କହିପାରେ ନାହିଁ କିମ୍ବା ଶୁଣିପାରେ ନାହିଁ ବା ଦେଖିପାରେ ନାହିଁ ।

(୧୯) **ବକ୍ର ନିଦ୍ରକ କୋଷ -** ଏହାର ବର୍ଣ୍ଣ ସବୁଜରଂଗ । ଏହା ଦୂରରୁ ଇଙ୍ଗିତ ଯୋଗାଇବାରେ ସାହାଯ୍ୟ କରେ । ନିକଟରୁ ଶବ୍ଦ ସୃଷ୍ଟି କରିବାରେ ସହଯୋଗ କରେ । ବକ୍ର ନିଦ୍ରକ କୋଷର ଏହାହିଁ କର୍ମ ।

(୨୦) **ବ୍ରତ ଧାରକ ଶବ୍ଦ -** ଗୈରିକ ବର୍ଣ୍ଣ । ସଂଗୀତ, ବାଦ୍ୟ, ନୃତ୍ୟ, ଗୀତ, କଥୋପକଥନ, ବାର୍ତ୍ତାଳାପ, ହାସ୍ୟ, ବଚନ ଇତ୍ୟାଦି ସମୟରେ ତାଳ, ସମତାଳ, ଲୟ ଧ୍ୱନି ଇତ୍ୟାଦି ରକ୍ଷାର କାର୍ଯ୍ୟ କରିବାରେ ସାହାଯ୍ୟ କରିବା ହେଲା ଏହି କୋଷର କାର୍ଯ୍ୟ ।

(୨୧) **ବ୍ରହ୍ମ ଶ୍ରୁଣୀୟ କୋଷ :** ଏହାର ବର୍ଣ୍ଣ ଧବଳ । ଜନନୀ ଜରାୟୁ ମଧ୍ୟରେ ଦେହ ଗଠନ ନ ହେବା ପୂର୍ବରୁ ପ୍ରଥମ ମାସର ବିନ୍ଦୁରେ ଶବ୍ଦ ଠୁଳ ହୋଇଥାଏ । ଏହି ଶବ୍ଦ ସମ୍ପ୍ରସାରିତ ହେଲେ, ପିଣ୍ଡ ବର୍ଦ୍ଧିତ ହୁଏ । ପିଣ୍ଡରେ ଥିବା ସୂକ୍ଷ୍ମଭ୍ରୁଣ ଧୀରେ ଧୀରେ ଲମ୍ବି ଶବ୍ଦ ସଂଯୋଗ ମାଧ୍ୟମରେ ବୃହତ୍ ଶବ୍ଦ ଶକ୍ତି ତୋଳି ଚୈତନ୍ୟରାଜ୍ୟରେ ଚିତ୍ତରୁ ଠୁଳଶବ୍ଦ ଯୋଗାଣ କରେ ।

(୨୨) **ଶୃଣୁ ବୁଶ୍ୟ ଶବ୍ଦ -** ଏହାର ବର୍ଣ୍ଣ ନାଲି ରଂଗ । କ୍ରମ ଅନୁଯାୟୀ କଥା ସଜାଡ଼ିରଖେ । ସଂଖ୍ୟାର ଶବ୍ଦ ଉଚ୍ଚାରଣ କରିବାରେ ସାହାଯ୍ୟ କରେ । ଉଦାହରଣ - ୧,୨,୩,୪,୫ - ଏକ, ଦୁଇ, ତିନି, ଚାରି, ପାଞ୍ଚ ଇତ୍ୟାଦି ।

(୨୩) **ନିମ୍ନକ ରାଶି ଶବ୍ଦ -** ଏହାର ରଂଗ ନାଲି ବର୍ଣ୍ଣ । ଏହି କୋଷ କୋଷଶ୍ରୁତି କେନ୍ଦ୍ରରୁ ନିମ୍ନକ ରାଶି ଶବ୍ଦଦ୍ୱାରା

ତୁଣ୍ଡକୁ ଆଣେ । ଭୟ ଦେଖାଇଲେ ଜୀବ ନୀରବ ହୋଇଯାଏ । ଏହା ମୌନବ୍ରତ ଅବଲମ୍ବନରେ ସ୍ଥୂଳତଃ ସାହାଯ୍ୟ କରେ । ଚେତା ପୁରୁଷ ମୌନବ୍ରତ ଭାଙ୍ଗିବାରେ ମଧ୍ୟ ମତିକୁ ଶବ୍ଦ ନେବା ଆଣିବାର ଭାର ବହନ କରିଥାଏ ।

(୨୪) **ଅମ୍ଳକ ଶୂରୀ** - ଏହାର ରଂଗ ଧବଳ ବର୍ଣ୍ଣ । ମସ୍ତକରେ ଯେଉଁ ଚିତ୍ତ ଅଛି, ସେହି ଚିତ୍ତର ନବମ ଅବସ୍ଥାର ନାମ ଅମ୍ଳକ ଶୂରୀ । ଜୀବର ଚିତ୍ତ ଚାଞ୍ଚଲ୍ୟ ଅବସ୍ଥାରେ ଏହି କୋଷ ଚିତ୍ତର ଭାବକୁ ବିଚଳିତ ଅବସ୍ଥାକୁ ନେଇ ଆସେ । ଯଦି ଜୀବର ବୋଧ ଶକ୍ତି ଅଧିକ ଥାଏ, ତେବେ ଆଙ୍ଗିକ ଓ ମାନସିକ ଅବସ୍ଥା ପୁନର୍ବାର ସ୍ଥିର ହୋଇଯାଏ । ଯଦି ନ ଥାଏ, ତେବେ ଜୀବ ଏହି ବିବ୍ରତ ଅବସ୍ଥାରେ ଅସ୍ୱାଭାବିକ ଅଘଟଣ ଘଟାଇ ବସେ ।

(୨୫) **ନିତଭକା ନାଦ** - ଏହାର ରଂଗ ଧବଳ ବର୍ଣ୍ଣ । ଏହା ମତିରେ ଥାଇ ସନ୍ଦେହ ଶବ୍ଦ ତୋଳେ । ଯଦି ଜୀବର ବୋଧ ଶକ୍ତି ଉନ୍ନତ ନ ଥାଏ, ତା' ହେଲେ ଜୀବର ଭାବ ଆଜୀବନ ସନ୍ଦେହରେ ପରିପୂର୍ଣ୍ଣ ହୋଇ ରହିଯାଏ, ଜୀବ ସନ୍ଦେହରେ କାଳ କାଟୁଥାଏ । ଏହି ଅବସ୍ଥାରେ ସତ୍ୟ, ଧର୍ମ, ନୀତି ବିଶ୍ୱାସ ଇତ୍ୟାଦି ଭାବ ଜନ୍ମାଇଲେ ମଧ୍ୟ ସେ ବିଶ୍ୱାସ କରେ ନାହିଁ କି ଗ୍ରହଣ ମଧ୍ୟ କରେ ନାହିଁ । ଏହି କୋଷ ଇଙ୍ଗିତ ଦ୍ୱାରା ଉଁ, ହୁଁ କରୁଥାଏ ଓ ପରବର୍ତ୍ତୀ ସମୟରେ ପୁଣି ଅବିଶ୍ୱାସ ସୃଷ୍ଟି ହୋଇଯାଏ ।

(୨୬) **ଅଣୌଧିଭ**- ଏହାର ବର୍ଣ୍ଣ ନୀଳରଂଗ । ଜଳମଗ୍ନ ଅବସ୍ଥାରେ ମୀନ ରୂପ ଧାରଣ କରି ପ୍ରଳୟ ଅନୁଭବ କରିବାରେ ଚୈତନ୍ୟକୁ ଏହି କୋଷ ସାହାଯ୍ୟ କରେ । ପୋଲା ଭାବରେ ଚିତ୍ତ ବରଫାଛନ୍ନ ହୋଇ ରହିଥାଏ । ପିଣ୍ଡ ବର୍ଦ୍ଧିତ ହେଲେ ଅଙ୍ଗ ପ୍ରତ୍ୟଙ୍ଗର କ୍ରିୟା କର୍ମରେ ଏହା ଚାଳନା ଶକ୍ତି ଯୋଗାଇ ଥାଏ । ଏହି କୋଷର ଅଭାବରେ ଜୀବ ଚଳତ୍ ଶକ୍ତିହୀନ, ପକ୍ଷାଘାତ ରୋଗ ଗ୍ରସ୍ତ ହୋଇ ପଡ଼େ । ସାଷ୍ଟାଙ୍ଗ ପ୍ରଣାମ ଅଭ୍ୟାସଯୋଗ ଓ କର୍ମ ଧାରା ଦ୍ୱାରା ଏହି କୋଷ ସୃଷ୍ଟି ହୋଇଥାଏ, ରୋଗୀ ଆରୋଗ୍ୟ ଲାଭ କରେ ଏବଂ ଚଳତ୍ ଶକ୍ତିସମ୍ପନ୍ନ ହୋଇଥାଏ ।

(୨୭) **କାମ୍ନାରିକା କୋଷ**- ଧଳା ରଂଗ । ଏହି କୋଷ ସତ୍ୱକୁ ରଜ ଓ ତମ ସହିତ, ରଜକୁ ତମ ସହିତ (ସତ୍ୱ+ରଜ), (ରଜ+ତମ), (ସତ୍ୱ+ତମ) ମିଶ୍ରଣ କରିବାରେ ସହଯୋଗ କରେ । ଉଦାହରଣ-ଜୀବ ମିଛ କହୁଛି । ଆଘାତ ପାଇଲେ ପୁଣି ସତ କହୁଛି । ସତରୁ ଅଧିକ ସତ କହିବାରେ ବା ମିଛରୁ ଅଧିକ ମିଛ କହି ଜୀବନ ନିର୍ବାହର କର୍ତ୍ତବ୍ୟରେ ଏହି କୋଷ ଜୀବକୁ ସାହାଯ୍ୟ କରେ । ପ୍ରତ୍ୟେକ ଜୀବ ମଧ୍ୟରେ ବିବେକ ଅଛି । ବିବେକ ବୁଦ୍ଧିକୁ ଚେତା ସୂଚନା ଦେଲେ ସତ୍ ଚରିତ୍ରବାନ୍ ହେବାର ସାହାଯ୍ୟ ସହଯୋଗ ମିଳିଥାଏ । ଅଭ୍ୟାସରେ ରତ ରହିବା ଶକ୍ତି ଓ ଧୈର୍ଯ୍ୟ ମଧ୍ୟ କାମ୍ନାରିକା କୋଷ ସୃଷ୍ଟି କରେ । ତମମାନଙ୍କୁ ଅଭ୍ୟାସ କର୍ମ କିରବା ପାଇଁ ଧର୍ମଧାରା ଦିଆଯାଇଛି । ତେଣୁ ଅଭ୍ୟାସ ଯୋଗରେ ନିୟମିତ ହେବା ପାଇଁ କାମ୍ନାରିକା କୋଷର ସାହାଯ୍ୟ, ପିଣ୍ଡ ମଧ୍ୟରେ ବି ଦିଆଯାଇଛି । ବୁଦ୍ଧି ଏହି ସୂଚନା ପାଇଲେ ଏହା ସମ୍ଭବ ହୁଏ । ଜୀବକୁ ଯଦି ଏହି ସୂଚନା ନ ମିଳେ, ତେବେ ଗୋଟିଏ କାର୍ଯ୍ୟରେ ଜୀବ ଜଡ଼ ଅବସ୍ଥା ଧାରଣ କରେ । ଏହା ଏହି କୋଷର କାର୍ଯ୍ୟ ।

(୨୮) **ଅମ୍ନୁଧାଳି କୋଷ**- ହରିଦ୍ରା ବର୍ଣ୍ଣ । ଜରାୟୁରେ ଏହା ସୂକ୍ଷ୍ମଚିତ୍ର ରୂପରେ ସୋରିଷ ଆକାରରେ ଥାଏ । ଏହି ସୋରିଷ ଆକାରର କୋଷ ଫାଟିଲେ, ଏଥିରେ ଅନେକ ଅଣୁଶକ୍ତି ସୃଷ୍ଟିହୋଇ ଗୈରିକ ବର୍ଣ୍ଣର ଧୂଆଁ ଧାରଣ କରି ପିଣ୍ଡର ଶିରା ପ୍ରଶିରାରେ ଭେଦି ଭେଦି ପୁଣି ନାଭି କମଳକୁ ଯାଇ ମତି ଚୈତନ୍ୟରେ ପକ୍ଷକୁ ପକ୍ଷ ନୂତନ ଅଣୁ ସୃଷ୍ଟି କରି ନାଭିକୁ ଫେରିଆସେ । ହଳଦିଆ ରଂଗର ଅମ୍ନୁଧାନି କୋଷ ଡିମ୍ବାଣୁ ଶୁକ୍ରାଣୁର ମିଳନରେ ପିଣ୍ଡ ବଢ଼ିବାରେ ସାହାଯ୍ୟ କରେ । ପଞ୍ଚ ମହାଭୂତର ତେଜ ଶକ୍ତିକୁ ସୂକ୍ଷ୍ମ ଅବସ୍ଥାରେ ରଖି ଡିମ୍ବାଣୁ ଶୁକ୍ରାଣୁର ଯୋଗକୁ ବରଫାଛନ୍ନ କରିବାରେ ସାହାଯ୍ୟ କରେ । ପଞ୍ଚ ମହାଭୂତର ସୂକ୍ଷ୍ମ ଶୁଣଭୁଙ୍ଗ ଅର୍ଥ ସୂକ୍ଷ୍ମ ବୃଧାରୀ ରୂପ ଧାରଣ କରେ । ଏହି ଶୁଣ ଭୃଙ୍ଗର କାର୍ଯ୍ୟ ହେଉଛି ପିଣ୍ଡ ମଧ୍ୟରେ ପ୍ରତ୍ୟେକଟି ଗ୍ରନ୍ଥି ସୃଷ୍ଟି କରିବା । ଏହି ସୂକ୍ଷ୍ମ ଗ୍ରନ୍ଥି ଓ କୋଷ ବ୍ରହ୍ମଙ୍କ ଆଜ୍ଞାରେ ସ୍ଥିତିବାନ୍ ହେବାକୁ ବାଧିତ ହୁଅନ୍ତି । ଏହି କୋଷ ମାଧ୍ୟମରେ ଶିଶୁ ଧୀସମ୍ପନ୍ନ ହୋଇ

ମାତୃ ଗର୍ଭରେ ଥିବା କାଳର ସମସ୍ତ କଥା ଜାଣିପାରେ, ଭୂମିଷ୍ଠ ହେଲେ ମାୟା ଆଲୋଡ଼ନ ହୁଏ ।

(୨୯) **ଜରଦମ୍ଭ କୋଷ-** ଏହା ମଧ୍ୟ ହରିଦ୍ରାବର୍ଣ୍ଣ । ଏହି ବର୍ଣ୍ଣ ଧୂଆଁଳିଆ ହୋଇ ପ୍ରତ୍ୟେକଟି ଶିରା ପ୍ରଶିରାରେ ଭେଦିବାକୁ ସାହାଯ୍ୟ ଲୋଡ଼େ । ଏହା ନାଭି କମଳରେ ଗୁଡ଼େଇ ତୁଡ଼େଇ ହୋଇଥାଏ । ପରମଙ୍କ ନିକଟରୁ ଆଲୋକରଶ୍ମି ଆସି ଜଠର ମଧ୍ୟରେ ଦୃଶ୍ୟମାନ ହେଉଥାଏ । ମାୟା ଜଗତ । ମା' ମାୟା; ଗର୍ଭ ମଧ୍ୟ ମାୟା । ତା' ଭିତରେ ''ଜୀବବ୍ରହ୍ମ'' ପରମ ସହିତ ଲୀଳା କରି ଭୂମିଷ୍ଠ ହୋଇ ମଧ୍ୟ ଅଚେତନ । ଏ କ୍ରିୟା କିଏ କରାଉଛି ? ଏହା ଜରଦମ୍ଭ କୋଷର ଆଲୋକରଶ୍ମିର କାର୍ଯ୍ୟ । ଏହି କୋଷ ଜୀବ ପରମ ମଧ୍ୟରେ ମାୟା ପରଦା ପକାଏ; ପୁଣି ଅଭ୍ୟାସ କର୍ମ ଦ୍ୱାରା ସେ ମାୟା ପରଦା ଅପସାରଣ କରାଇଥାଏ ।

(୩୦) **ଶୃଣଣ୍ଡକଃ କୋଷ-**ଏହା ରଙ୍ଗ ଧୂସର ନୀଳ ମିଶା ଅଟେ । ଧୂସର ବର୍ଣ୍ଣ ଗୋଲାକୃତି ହୋଇ ଚୈତନ୍ୟର ଚାରିପାର୍ଶ୍ୱରେ ବୁଲନ୍ତି । ନୀଳବର୍ଣ୍ଣ ଧୂମକେତୁ ଆକୃତିର ହୋଇ ଚେତା ପୁରୁଷକୁ ସୂଚନା ଦିଏ । ଏହି ସୂଚନା ବ୍ରହ୍ମଙ୍କ ଆଜ୍ଞାରେ ପରିଚାଳିତ ହୁଏ । ଏହା ସୂର୍ଯ୍ୟଙ୍କ ଅଂଶୁ ମଧ୍ୟ ଗ୍ରହଣ କରେ । ଶୃଣଣ୍ଡକ ସୂର୍ଯ୍ୟଙ୍କଠାରୁ ଅଂଶୁ ଆଣି ପିଣ୍ଡ ପୁରୁଷ ପର୍ଯ୍ୟନ୍ତ ସମସ୍ତଙ୍କୁ ସାହାଯ୍ୟ କରେ ।

(୩୧) **ଆଧ୍ୱୀ କୋଷ-** ରଂଗ ଧବଳ ବର୍ଣ୍ଣ । ପିଣ୍ଡ ପୁରୁଷର ପୁଂଶକ୍ତି ଜୀବବ୍ରହ୍ମର ତ୍ରିକୂଟରେ ସୂକ୍ଷ୍ମାତିସୂକ୍ଷ୍ମ କୋଷ ହୋଇ ରହି ଯାଆନ୍ତି । ପୁରୁଷ ଶକ୍ତିର ଆଧାର ନେଇ ଜୀବ କେତେକ ଭୂତାଦୀୟ ଲୀଳାମାନ ଜଠର ମଧ୍ୟରେ ଦେଖିଥାଆନ୍ତି । ସେହି ଲୀଳାଦି କୋଷ ଚେତାପୁରୁଷ ରୂପେ ତ୍ରିକୂଟ ମଧ୍ୟରେ ଛପି ରହିଯାଆନ୍ତି । ପିଣ୍ଡର ବର୍ଦ୍ଧିତ ଅବସ୍ଥା ହେଲେ, ସୂକ୍ଷ୍ମ କୋଷମାନ ଆଜ୍ଞାଚକ୍ରରେ ଧବଳ ବର୍ଣ୍ଣ ଧାରଣ କରି ଧୂମାକାରରେ ଘୂର୍ଣ୍ଣନ କରନ୍ତି । ଏହା ଜୀବକୁ ଦର୍ଶନରେ ସୂକ୍ଷ୍ମରେ ଦେଖାଯାଆନ୍ତି । ଏହା କ୍ରିୟାଯୋଗରେ ସମ୍ଭବ ହୁଏ । ଜୀବର ଯୋଗସ୍ଥ ଅବସ୍ଥାରେ ଏହା ସମାଧି ସୂତ୍ରରେ ରଶ୍ମି ଆକାରରେ ଅର୍ଦ୍ଧଚନ୍ଦ୍ର ହୋଇ ଅଧିଷ୍ଠାନ ଧାରଣ କରନ୍ତି । ଜୀବର ଭାବ ଏକ ସରଳ ରେଖାରେ ରଖି ବ୍ରହ୍ମଜ୍ଞାନ ଉଦୟରେ ସହାୟକ ହୁଅନ୍ତି ।

(୩୨) **ଶିମ୍ରୁର୍ଣ୍ଣା କୋଷ -** ଏହାର ରଂଗ ଗୈରିକ । ସ୍ନାୟୁକୋଷ ଗୁଡ଼ିକୁ ଯତ୍ନ ସହକାରେ ସାଇତି ରଖିବାରେ ଏହା ପୂର୍ଣ୍ଣଭାବରେ ସାହାଯ୍ୟ କରେ । ଜରାୟୁରେ ଥିବା ସମୟରେ ମାୟା ଶାଖା ଭ୍ରୁଣ ମା'ର ଅଂଶକୁ ସାହାଯ୍ୟ କରି ଶିଶୁର ପିଣ୍ଡ ପ୍ରତି କ୍ଷମତା ବଢ଼ାଇବାରେ ସାହାଯ୍ୟ କରେ । 'ଶିମ୍ରୁର୍ଣ୍ଣା' ଶିଶୁର ପିଣ୍ଡକୁ ରଶ୍ମିଦ୍ୱାରା ଆଚ୍ଛାଦନ କରେ । 'ଶିମ୍ରୁର୍ଣ୍ଣା' ତିନି ଭାଗରେ ବିଭକ୍ତ :

(କ) ପର୍ଯ୍ୟପଟ୍ଟ ଶିମ୍ରୁର୍ଣ୍ଣା । (ଖ) ଅଂୟ ଶିମ୍ରୁର୍ଣ୍ଣା । (ଗ) ଥୁଳକ ଶିମ୍ରୁର୍ଣ୍ଣା ॥

(୩୨-କ) **ପର୍ଯ୍ୟପଟ୍ଟ ଶିମ୍ରୁର୍ଣ୍ଣା-** ଧବଳ ବର୍ଣ୍ଣ । ଶିଶୁର ତ୍ୱଚାର ବର୍ଣ୍ଣ ସୃଷ୍ଟି କରାଏ । ଗୌର ବର୍ଣ୍ଣ, ଶ୍ୟାମଳ ବର୍ଣ୍ଣ, କୃଷ୍ଣ ବର୍ଣ୍ଣ, ପୀତବର୍ଣ୍ଣ ଇତ୍ୟାଦି । ଜରାୟୁରେ ଥିବାବେଳେ ମା'ର ସୁଷୁମ୍ନା ନାଡ଼ି ଦେଇ ଅଲୋକ ବର୍ଣ୍ଣ ସୂକ୍ଷ୍ମରେଖା ଭାବେ ଯଥା କ୍ଷଣିକ ଅନ୍ତର୍ଗତ ପର୍ଯ୍ୟନ୍ତ ପର୍ଯ୍ୟପଟ୍ଟ ଶିମ୍ରୁର୍ଣ୍ଣାର ଗତିପଥ ସଞ୍ଚି ପୁଣି ସଂକୁଚିତ ଅବସ୍ଥାକୁ ଚାଲିଆସେ । ଏହା ପୃଥକୀକରଣ ହୋଇ ଗ୍ରହ ନକ୍ଷତ୍ର ମଣ୍ଡଳ ପର୍ଯ୍ୟନ୍ତ ଭେଦ କରାଏ । ଅନାହତ ନାଦର ଅଳଳନ ଶବ୍ଦ ସୃଷ୍ଟିହୁଏ । ଏହି ଶବ୍ଦ ପର୍ଯ୍ୟପଟ୍ଟ ଶିମ୍ରୁର୍ଣ୍ଣା ସ୍ନାୟୁର ସାହାଯ୍ୟ ନେଇ ଜରାୟୁରେ ଭିନ୍ନ ଶବ୍ଦ ହିରଣ୍ୟଗର୍ଭରୁ ଆସି ସୃଷ୍ଟିସାରା ପିଣ୍ଡରେ ବିଚ୍ଛେଦ୍ଦକୀ କରି ରହି ଥାଆନ୍ତି । ନରନାରୀ, ପଶୁପକ୍ଷୀ, କୀଟ ପତଙ୍ଗାଦିଙ୍କର ଶବ୍ଦ ଓ ଭାବ ତେଣୁ ଭିନ୍ନ ଭିନ୍ନ ହୋଇଥାଏ । କାହାରି ସହିତ ଅନ୍ୟ କାହାରି ସାମଞ୍ଜସ୍ୟ ନାହିଁ । ଏ ସୃଷ୍ଟି ନିଗମ ଅଲୌକିକ । ଏହା କେହି ଗଣନା ବା କଳନା କରି ପାରି ନାହିଁ । ଶିମ୍ରୁର୍ଣ୍ଣା ସ୍ନାୟୁକୋଷ ଦ୍ୱାରା ଏହାର ସୃଷ୍ଟି । ଦେହର ଅବସ୍ଥାନେଇ ସ୍ୱର ଓ ଶବ୍ଦର ଗରୀୟାନ ଗୁରୁତ୍ୱ ମଧ୍ୟ ଅଛି । ବାଲ୍ୟ, କୈଶୋର, ଯୌବନ, ବୃଦ୍ଧାବସ୍ଥାର ତାରତମ୍ୟରେ ଏହା ନଥାଏ । ଶିମ୍ରୁର୍ଣ୍ଣା ସ୍ନାୟୁ ଖାଦ୍ୟପ୍ରାଣ ଦ୍ୱାରା କୋମଳ/କଠିନ ଅବସ୍ଥାର ମଧ୍ୟ ପରିବର୍ତ୍ତନ ହୋଇଥାଏ । ଏ ସକଳ ଦାୟିତ୍ୱ ଶିମ୍ରୁର୍ଣ୍ଣା କୋଷର । ଏହା ଜରାୟୁରେ ବା ଜରାୟୁ ବାହାରେ ଦେହତ୍ୟାଗ ପର୍ଯ୍ୟନ୍ତ କାର୍ଯ୍ୟକରି ଚାଲିଥାଏ । ଏହା ଅନାହତ ନାଦ ଠାରୁ ଆଦେଶ ପାଇ ସେହି ଆଦେଶକୁ ପିଣ୍ଡରେ

କାର୍ଯ୍ୟକାରୀ କରେ ।

(୩୨-ଖ) **ଅଂଯ ଶିମୁର୍ଣ୍ଣା** - ଏହା ଗୌରିକ ବର୍ଣ୍ଣ । ଏହା ସ୍ନାୟୁ କୋଷରେ ସୁପ୍ତ ଅବସ୍ଥାରେ ଥାଏ । ଏହି ସ୍ନାୟୁକୋଷ ଅନାହତ ନାଦରୁ ଶବ୍ଦ ଓ ସ୍ୱର ଆଣି ପଞ୍ଚମନ, ପଚିଶ ପ୍ରକୃତିରେ ଠୁଳ କରିଦିଏ । ଜୀବର ପ୍ରତ୍ୟେକ ଭାବ ସ୍ୱଭାବର ପରିବର୍ତ୍ତନରେ ଅଂଯଶିମୁର୍ଣ୍ଣା ଶବ୍ଦସ୍ୱର ଅଦଳ ବଦଳ କରୁଥାଏ । ହସ, ହସ ପରେ କାନ୍ଦ, ବିରକ୍ତି, ଦ୍ୱିଧା, କଟାକ୍ଷ, କ୍ରୋଧ, ହିଂସା, ଈର୍ଷା, ଶାନ୍ତି, ପରଶ୍ରୀକାତରତା, ପୁଣି ପର ଦୁଃଖରେ ଦୁଃଖୀ, ଅହିଂସା, ପରୋପକାର, ସ୍ୱାର୍ଥପରତା, ନିଃସ୍ୱାର୍ଥପରତା ଇତ୍ୟାଦି । ଧୀ, କୁଣ୍ଡଳିନୀ, ନାଦ-ତିନୋଟି ସ୍ଥାନରେ ଅଂଯଶିମୁର୍ଣ୍ଣା ଥାଏ । ଆବଶ୍ୟକ ମାତ୍ରେ ତତ୍‌କ୍ଷଣାତ୍ ଏକତ୍ର ଏକତ୍ର ହୋଇ ବିଭିନ୍ନ ବିଦ୍ରୁପ ଶବ୍ଦ, ସ୍ନେହ, ପ୍ରେମାଦି ଜନିତ ଶବ୍ଦ ଦ୍ୱାରା ସୃଷ୍ଟି କ୍ରିୟାରେ ସାହାଯ୍ୟ ସହଯୋଗ ସଂପୂର୍ଣ୍ଣ କରେ । ଅଂଯଶିମୁର୍ଣ୍ଣା ସ୍ନାୟୁକୋଷ ରଜ, ତମ ଓ ସତ୍ତ୍ୱ ଗୁଣରେ ବିରାଟକାୟ ବର୍ଣ୍ଣ ଧାରଣ କରି ଜୀବନ ପର୍ଯ୍ୟାୟ ପର୍ଯ୍ୟନ୍ତ ଭୋଗ କରେ । ଜୀବ ତାହା ଚୈତନ୍ୟରେ ଅନୁଭବ କରେ । ଯୋଗୀ ସମାଧି ଅବସ୍ଥାରେ ଅଂଯଶିମୁର୍ଣ୍ଣାକୁ ଆୟତ୍ତ କରି ସ୍ଥିତପ୍ରଜ୍ଞ ହୁଅନ୍ତି । ଏହି ସ୍ଥାନରେ ସତ୍ୟେନ୍ଦ୍ରିୟ ଓ ବିକେନ୍ଦ୍ରିୟ ବୃତ୍ତି ଠୁଳ ହୋଇ ବାଇଗଣି ରଙ୍ଗ ଧାରଣ କରିଥାଏ । ଜରାୟୁରେ ଏହି ଅଂଯଶିମୁର୍ଣ୍ଣା ପିଣ୍ଡ ପୁରୁଷ ପର୍ଯ୍ୟନ୍ତ ସୂକ୍ଷ୍ମରେ କାୟା ବିସ୍ତାର କରିଥାଏ । ଜୀବ ଭୂମିଷ୍ଠ ହେଲେ, ପିଣ୍ଡ ପୁରୁଷ ପ୍ରତ୍ୟେକ ଭାବରେ ସୁପ୍ତ ଅବସ୍ଥାରେ ରହିଥାଏ ଏବଂ ଜୀବ ଜୀବ ମଧ୍ୟରେ ଭାବ ବିନିମୟରେ ମଧ୍ୟ ଆଂଶିକ ଅଂଶ ଗ୍ରହଣ କରିଥାଏ ।

(୩୨-ଗ) **ଥୁଳକ ଶିମୁର୍ଣ୍ଣା** - ପର୍ଯ୍ୟପଢ଼ ଶିମୁର୍ଣ୍ଣା ଏବଂ ଅଂଯ ଶିମୁର୍ଣ୍ଣା ଉପରେ ଥୁଳକଶିମୁର୍ଣ୍ଣା ପ୍ରଧାନ କର୍ତ୍ତା ଭାବେ କୋଷ ଗଠନ କରେ । କାଦୁଅ ପିଣ୍ଡୁଳାକୁ ମୂଳରୁ ଯାହା ଯେପରି ତିଆରି କରିଦେବ, ତାହା ସେହିପରି ହୋଇଯିବ । ଥୁଳକ ଶିମୁର୍ଣ୍ଣା ପ୍ରତ୍ୟେକଟି ଭୂତରେ ରହି ନୀରବରେ ଭ୍ରମଣ କରୁଥାଏ । ସେହିଭଳି ଜରାୟୁରେ ହିରଣ୍ୟଗର୍ଭ ଠାରୁ ଆତ୍ମା ସଟରୋଟରେ ବ୍ରହ୍ମାଣ୍ଡକୁ ଯିବା ଆସିବା କରୁଛି । ତା'ର ଯାତାୟତ ପଥରେ ଥୁଳକ ଶିମୁର୍ଣ୍ଣା ଗୈରିକବର୍ଣ୍ଣ ଧାରଣ କରି ପିଣ୍ଡ ବ୍ରହ୍ମାଣ୍ଡର କୋଷ ତିଆରି କରେ । ଶିଶୁ ଅବସ୍ଥାରେ ପିତାମାତା ଯାହା ଶିଖାନ୍ତି, ଶିଶୁ ତାହାହିଁ ଗ୍ରହଣ କରେ । ଯେ କୌଣସି ଦ୍ରବ୍ୟର ନାମ ଉଚ୍ଚାରଣ କଲେ, ଖନେଇ ଖନେଇ କହେ । କାନ୍ଦୁଥିଲେ ବୋଧ ଦ୍ୱାରା ନୀରବ ରହିଯାଏ । ଭୟ ଦେଖାଇଲେ ଚିତ୍କାର କରେ । ଏଠାରେ ପ୍ରଶ୍ନ ଉଠେ ପ୍ରାରବ୍ଧର ଗୃହୀତ ଫଳ ସହିତ କ୍ରିୟମାଣକୁ କିଏ ଚାପି ରଖିଛି ? ଥୁଳକ ଶିମୁର୍ଣ୍ଣା କୋଷ ୩/୭ ମାସ ପର୍ଯ୍ୟନ୍ତ ଶୁଭଭାବେ ସକ୍ରିୟ କ୍ରିୟା କରେ ନାହିଁ । ତା'ପରେ ତାହାର କ୍ରିୟା ସଞ୍ଚାଳନ ହୁଏ । ଯଦି ଥୁଳକ ଶିମୁର୍ଣ୍ଣା ସକ୍ରିୟ ନ ହୁଅନ୍ତା, ତାହାହେଲେ ଶିଶୁର ଅଙ୍ଗ ଚାଳନା, ବୁଦ୍ଧି ଓ ବୋଧର କାର୍ଯ୍ୟକାରିତା ହୁଅନ୍ତା ନାହିଁ । ପର୍ଯ୍ୟପଢ଼, ଅଂଯଶିମୁର୍ଣ୍ଣା କୋଷ କୋମଳ ଗତିଶୀଳତାରେ ଆତ୍ମାର ଅଂଶୀୟ ରଶ୍ମିରେ ସହଯୋଗୀ ହୋଇ କାର୍ଯ୍ୟ କରେ । ଆତ୍ମା ଅନାହତ ନାଦ ଦେଇ ଶିଶୁ ଅବସ୍ଥାରେ ପ୍ରତ୍ୟକ୍ଷ ଗତିଚଳନ କରେ ଓ ଥୁଳକ-ଶିମୁର୍ଣ୍ଣାକୁ ନିଷ୍କ୍ରିୟ କରି ପକାଏ । ବୟସାନୁପାତରେ ପିଣ୍ଡ ବୃଦ୍ଧିର ସକ୍ରିୟ ଓ ନିଷ୍କ୍ରିୟରେ ଏହା ପଥ ପରିଷ୍କାର କରେ । ବାତ, ପିତ୍ତ ଓ କଫରୁ ଜାତ ଯେତେକ ରୋଗ ତାହାର ଗତିଶୀଳତାରେ କ୍ଷମତା ବଢ଼ାଇ ଏହା ଦେହକୁ ରୁଗ୍ଣ କରିପକାଏ । ଏହାର ବିପରୀତ କୋଷ ଔଷଧୀୟ ଗୁଣ ଦ୍ୱାରା ସତେଜ ହେଲେ ଥୁଳକ ନିଷ୍କ୍ରିୟ ହୋଇଯାଏ ଓ ଦେହ ସୁସ୍ଥ ରହେ । ଥୁଳକ ଶିମୁର୍ଣ୍ଣା ଶିଶୁ ଜରାୟୁରେ ଥିଲାବେଳେ ଗୈରିକ ରଶ୍ମିରେ ୪୫ଦିନ ଭୋଗ କରି ମାୟା ନିର୍ମାଣ କରେ । ଏହି ମାୟା ପିଣ୍ଡର କିଛି କିଛି କୋଷର ଅଂଶ ଧାରଣ କରି ଶିଶୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ନିସ୍ତେଜ ଥାଏ । ଏହି ପ୍ରକ୍ରିୟାରେ ଥୁଳକ ଶିମୁର୍ଣ୍ଣା ସଂପୂର୍ଣ୍ଣ ସାହାଯ୍ୟକାରୀ ହୋଇଥାଏ । ପାହାଡ଼, ପର୍ବତ, ବୃକ୍ଷ, ଲତାଦିର ବୃଦ୍ଧିକରଣ, ସାଗର, ନଦୀ, ଝରଣାର ବେଗରେ ବୃହଦ୍‌ରୂପ ଧାରଣ କରି ଅନବରତ ଚଳମାନ ଥାଏ ।

❑❑



# କଲ୍ୟାଣ ଦେଲି ତୋତେ

'କଲ୍ୟାଣ କରୁଣା କୈବଲ୍ୟ କଣା ମୋ ଶିରେ ଝରୁ
ଶରଣଦ ଦିଅ ଶରଣ ସର୍ବ ବନ୍ଧନ ସରୁ ॥'

ବେଦନାର୍ତ୍ତ ହୃଦୟର ମୂଳକାରଣ ବିଷୟାବନ୍ଧନ । ବିଷୟାବନ୍ଧନର ପ୍ରକାରଭେଦର ଅନ୍ତ ନାହିଁ । ଅନନ୍ତ ତେଣୁ ଏହି ବିଷ ବନ୍ଧନ । ବିଶ୍ୱଜନଙ୍କୁ ଏହି ଦୁର୍ବାର ବନ୍ଧନରୁ ମୋଚନ କରିବା ନିମନ୍ତେ ଭକ୍ତଦାସର ମାଗୁଣି -

'ସବୁ ପ୍ରାପ୍ତି ଆମ ହଜିଯାଉ ପ୍ରଭୁ, ଛିଡ଼ି ଯାଉ ସବୁ ବନ୍ଧନ ।
ଆଶା ଆଶ୍ୱାସର ପ୍ରଲେପ ମଖାଇ ବିଷବନ୍ଧୁ କର ମୋଚନ ॥'

ଭକ୍ତ ଦାସର ମାଗୁଣି ଶୁଣି ପୌରାଣିକ ଓ ଆଧ୍ୟାତ୍ମିକ ବିଚାର ବନ୍ଧନରୁ ମୁକ୍ତି ଦେବାପାଇଁ ଭକ୍ତବତ୍ସଳ ଭାବଗ୍ରାହୀ ଶ୍ରୀଶ୍ରୀଶ୍ରୀ ଠାକୁର ଆମକୁ କଲ୍ୟାଣ ଦେଇଅଛନ୍ତି ।

ଏହା ନିତ୍ୟପାଠ୍ୟ, ଅନୁସରଣୀୟ ଏବଂ ସକଳ ସମସ୍ୟା ଓ ଶଙ୍କା ଦୂର କରିବା ନିମନ୍ତେ ସମୟୋପଯୋଗୀ ପରାମର୍ଶରେ ଭରିମନ୍ତ ।

ଚରମରେ,

**ମୋର** ଗର୍ଭିରତନ ! ମୋ କଥା ମନେ ଅଛିଟି ତୋର ? ବଡ଼ ନିଗମ ଏ ସୃଷ୍ଟି ରହସ୍ୟ; ତହୁଁ ଗହନ ସ୍ରଷ୍ଟା ପୁରୁଷଙ୍କର ଲୀଳାତତ୍ତ୍ୱ । ଧନମଣି ମୋର ରଙ୍କରତନ ! ଏକ ମନ, ଏକ ପ୍ରାଣରେ ସ୍ଥିର ଚିତ୍ତରେ ଏକମୁଖୀ ହୋଇ ଆମ କଥା ତୋ ସ୍ମୃତିରେ ସାଇତି ରଖିଥିବୁ ବାବୁ । ଗତଥର ଯେଉଁଠି ଛାଡ଼ିଥିଲି, ଏଥର ପୁଣି ସେଇଠୁ ଆରମ୍ଭ କରୁଛି । ଧୀରସ୍ଥିର ହୋଇ ଅନ୍ୟମନସ୍କ ନ ହୋଇ ମନେ ରଖିବୁ ।

ସେହି ତ୍ରେତୟା ଯୁଗର ଲୀଳାଟିଏ ମନଦେଇ ଶୁଣ୍ । ଅବ୍ୟକ୍ତ ମଣ୍ଡଳରୁ ଋଷି ବିଶ୍ୱାମିତ୍ରଙ୍କୁ ନିର୍ଦ୍ଦେଶ ଆସିଲା ସ୍ୱପ୍ନରେ : ଅଯୋଧ୍ୟାରେ ରାଜା ଦଶରଥଙ୍କର କୋଳ ମଣ୍ଡନ କରି ପରମବ୍ରହ୍ମ ଜନ୍ମ ଗ୍ରହଣ କରିଛନ୍ତି । ତାଙ୍କୁ ଆଣିଲେ ତାଡ଼କା ରାକ୍ଷସୀ ବଧ ହେବ ଓ ଯଜ୍ଞ ରକ୍ଷା ହେବ । ବିଶ୍ୱାମିତ୍ର ଚାଲିଲେ ଅଯୋଧ୍ୟାର ରାଜପ୍ରାସାଦକୁ । ଯାଇ ରାଜା ଦଶରଥଙ୍କୁ ଅନୁରୋଧ କଲେ ତାଙ୍କ ଜ୍ୟେଷ୍ଠପୁତ୍ର ରାଜକୁମାର ରାମଚନ୍ଦ୍ରଙ୍କୁ ତାଙ୍କ ସହିତ ବନକୁ ପଠାଇବାପାଇଁ । କିନ୍ତୁ, ମହାରାଜା ଦଶରଥ ମୋହ ଓ ଆସକ୍ତିର ବଶବର୍ତ୍ତୀ ହୋଇ ରାମ, ଲକ୍ଷ୍ମଣଙ୍କ ପରିବର୍ତ୍ତେ ଭରତ ଓ ଶତ୍ରୁଘ୍ନଙ୍କୁ ବିଶ୍ୱାମିତ୍ରଙ୍କ ସହିତ ପଠାଇ ଦେଲେ । ଋଷି ବିଶ୍ୱାମିତ୍ର ମଧ୍ୟ ନିର୍ବିବାଦରେ ସେ ଦୁଇ ରାଜପୁତ୍ରଙ୍କୁ ସଙ୍ଗରେ ନେଇ ବାହୁଡ଼ି ଆସିଲେ । ବନପଥରେ କିଛିଦୂର ଅଗ୍ରସର ହେବା ପରେ ସେମାନେ ଏକ ତ୍ରିଛକିରେ ପହଞ୍ଚିଲେ । ଏଠାରେ ଋଷି ଦୁଇ ରାଜପୁତ୍ରଙ୍କୁ ପରୀକ୍ଷା କରିବାକୁ ଚାହିଁଲେ । ତିନିପଟକୁ ଯାଇଥିବା ରାସ୍ତାର ବିବରଣୀ କହି ସମ୍ୟକ୍ ସୂଚନା ଦେଇ ଆଗେଇବା ନିମନ୍ତେ କହିଲେ । ରାଜପୁତ୍ର ଦିହେଁ ତାଡ଼କା ପୁରକୁ ଯାଇଥିବା ରାସ୍ତାରେ ଯିବାକୁ ଭୟଭୀତ ଓ କୁଣ୍ଠିତ ହେଲେ । ବିଶ୍ୱାମିତ୍ର ଜାଣିପାରିଲେ ଯେ, ଏ ପରମବ୍ରହ୍ମ ନୁହନ୍ତି । ଭରତ ଓ ଶତ୍ରୁଘ୍ନଙ୍କ ସହିତ ଋଷି ବିଶ୍ୱାମିତ୍ର ପୁନର୍ବାର ଅଯୋଧ୍ୟାର ରାଜପ୍ରାସାଦକୁ ଫେରିଆସି ମହାରାଜା ଦଶରଥଙ୍କୁ ଆପଣାର ମନୋଭାବ ଜଣାଇଲେ । ପୁଣି ରାମଲକ୍ଷ୍ମଣଙ୍କୁ ସଙ୍ଗରେ ନେଇ ଘୋର ବନରେ ତାଡ଼କା ସମେତ ବହୁ ରାକ୍ଷସରାକ୍ଷସୀ ବଧ କରାଇ ଯଜ୍ଞ ରକ୍ଷା କରାଇଲେ ।

ଚରମରେ ! ଥରେ ଚିନ୍ତା କରି କହିଲୁ ଦେଖି; ବ୍ରହ୍ମର୍ଷି ବିଶ୍ୱାମିତ୍ରଙ୍କର କ'ଣ ଶକ୍ତି ନଥିଲା ପ୍ରଥମରୁ ଭରତ ଓ ଶତ୍ରୁଘ୍ନଙ୍କୁ ଚିହ୍ନିବା ପାଇଁ କିମ୍ବା କିଏ ପ୍ରକୃତରେ ପରମବ୍ରହ୍ମ ଜାଣିବା ପାଇଁ ? ଯଦି ସେ ଶକ୍ତି ବ୍ରହ୍ମର୍ଷିଙ୍କର ମୂଳରୁ ଥିଲା, ତେବେ କିଛିଦୂର ଯିବାପରେ ଛୋଟ ପରୀକ୍ଷା ନେବାପରେ ଜାଣିଲେ କାହିଁକି ? ବୁଝିଲୁ ଧନ, ତାହାହିଁ ହେଉଛି ତୋ ପିତାଙ୍କର ପ୍ରକୃତ ଲୀଳା । ଆଗରୁ ମୁଁ ତୋତେ କହି ନଥିଲି : ସ୍ରଷ୍ଟାଙ୍କ ଲୀଳା ପ୍ରବାହରେ ଆତ୍ମା ଏ ପଞ୍ଚଭୂତ ଶରୀରର ଖୋଳ ଭିତରେ ପଶିଗଲେ, ଥରେ କୌଣସି ସ୍ଥାନରେ ସିଦ୍ଧିଲାଭ କରିଗଲେ, ଆଉ ଅନୁସନ୍ଧିତ୍ସୁ ହୁଏ ନାହିଁ କି ଆଉ ଉପରକୁ ଉଠିବାକୁ ଆଗ୍ରହ ପ୍ରକାଶ କରେନାହିଁ । ତାହା ତାଙ୍କର ଭୁଲ ବା ଅଜ୍ଞାନତା ବୋଲି ଭାବିବୁ ନାହିଁ କି କହିବୁ ନାହିଁ । ମନେରଖିବୁ ଏ ସବୁ ସେହି ନିଗମାଧିପତି ତୋ ପିତାଙ୍କର ଲୀଳାଖେଳା ।

ସପ୍ତଲୋକ ଊର୍ଦ୍ଧ୍ୱରେ ଥିବା ପରମପିତାଙ୍କର ନିକଟତମ ସନ୍ତାନ ବ୍ରହ୍ମର୍ଷିମାନଙ୍କର ଯେତେବେଳେ ଏପରି ଅବସ୍ଥା, ସେତେବେଳେ ମର୍ତ୍ତ୍ୟଧାମରେ ସୃଷ୍ଟି ହୋଇଥିବା ସମ୍ପ୍ରଦାୟ, ବିବାଦ, ଭ୍ରମ ଆଦିକୁ ଦେଖି ତୁ ଏତେ ବିବ୍ରତ କାହିଁକି ? ସେମାନଙ୍କ ମଧ୍ୟରେ ଭେଦ ବିଭେଦ, ବାଦବିସମ୍ବାଦ, ସାମ୍ପ୍ରଦାୟିକ ଭାବଅଭାବ, ମତାନ୍ତର ମନାନ୍ତରତ ନିଶ୍ଚୟ ରହିବ । ତାହହିଁ ବିଧିର ବିଧାନ । ଦେଖ୍, ତୁ ଯେତେବେଳେ ଚେତନ ଶିଶୁହୋଇ, ଅଯୋନିସମ୍ଭୂତ ହୋଇ, ତୋ ପିତାଙ୍କର ପ୍ରତ୍ୟକ୍ଷ ଆଶୀର୍ବାଦ ଲାଭ କରି ଏ ଧରାପୃଷ୍ଠକୁ ଆସିଛୁ, ସେତେବେଳେ ଏ ବିଭେଦିକରଣ ପ୍ରକ୍ରିୟାରେ ନିଜକୁ କଦାପି କସ୍ମିନ୍‌କାଳେ ସାମିଲ୍ କରିବୁ ନାହିଁ । ତୋ ଘରର ଗୋପନୀୟତା ରକ୍ଷାକରି ତୋ ପିତାଙ୍କର ଲୀଳାସୂତ୍ର ଘରେ ଘରେ, କାନେ କାନେ ଯଥାର୍ଥ ଭାବରେ ପହଞ୍ଚାଇଦେବୁ । ଯୁଗଧର୍ମୀ ଆଧ୍ୟାତ୍ମବାଦ ପ୍ରଚାର ପ୍ରସାର କରିବୁ । ଯୁଗାନ୍ତକାଳୀନ ସାଧନସୂତ୍ର ସହିତ ବୈଶିଷ୍ଟ୍ୟ (କିନ୍) ଆନୁପାତିକ ମନ୍ତ୍ର, ମୁଦ୍ରା, ଲୟ, ଧ୍ୟେୟ, ଆସନ, ଇତ୍ୟାଦିର ଆବଶ୍ୟକତା ଭଲରୂପେ ବୁଝାଇଦେବୁ ।

ଯେଉଁ ଲୀଳାରହସ୍ୟ ଏ ପର୍ଯ୍ୟନ୍ତ ଅଗମ୍ୟ, ଅବୋଧ ହୋଇ ରହିଯାଇଛି, ସେହି ଲୀଳାର ଗୋପନ ସୂତ୍ରଟିକୁ ମୁଁ ଧିରେ ଧିରେ ତୋ'ରି ମାଧ୍ୟମରେ ଏ ଧରାରେ ବିଛାଡ଼ିଦେବି । ଭୟ କରିବୁ ନାହିଁ, ହତାଶ ହେବୁ ନାହିଁ । ତୋର ପ୍ରତିଟି ଶିରା ପ୍ରଶିରାରେ, ପ୍ରତିଟି ଲୋମକୂପରେ ତୋ ପିତାଙ୍କର ଆଶୀର୍ବାଦ ତରଙ୍ଗ ହୋଇ ଖେଳୁଛି । ମୋରି କଥାକୁ ମଥାରେ ବୋହି ଆଗେଇ ଯା' - ଦେଖିବୁ, ଧିରେ ଧିରେ ମୋର କଲ୍ୟାଣଧାରା ତୋ ଅଙ୍ଗ ସ୍ପର୍ଶକରି ଏହି ସୃଷ୍ଟିକୁ ଅମୃତରେ ପରିପୂର୍ଣ୍ଣ

କରିଦେବ । ଜୀବର ତନୁମନ ବିଷ ପ୍ରଭାବରୁ ମୁକ୍ତ ହୋଇ ସଚ୍ଚିଦାନନ୍ଦ ଉପଲବ୍ଧି କରିବ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ଆ**ମେ କେବଳ ଏଇଥିପାଇଁ ଆସିଛୁରେ ଧନ ! କେବଳ ଯୁଗର ସମସ୍ୟା ସମାଧାନ କରିବାପାଇଁ । ତେଣୁ ସରଳ ଭାଷାରେ ନିର୍ମଳ ମନରେ ତୋରି ପ୍ରିୟ ଭାଇଭଉଣୀମାନଙ୍କୁ ଯାଇ ବୁଝାଇ କହ : ଗୋଟିଏ ମହାବିଦ୍ୟାଳୟରେ ଶତସହସ୍ର ଛାତ୍ରଛାତ୍ରୀ ଆପଣା ରୁଚି ଅନୁସାରେ ଭିନ୍ନ ଭିନ୍ନ ବିଷୟ ବାଛି ପଢ଼ନ୍ତି । କିଏ ବିଜ୍ଞାନ ପଢୁଛି ତ କିଏ କଳା ପଢୁଛି । ପୁଣି ଅବା କିଏ ବାଣିଜ୍ୟ ନେଇ ପଢୁଛି ଇତ୍ୟାଦି, ଇତ୍ୟାଦି । କିନ୍ତୁ ଶେଷକୁ ସେହି ଗୋଟିଏ ପ୍ରକାର ଡିଗ୍ରୀ । ସମାନ ଉପାଧି, ସମାନ ଯୋଗ୍ୟତା, ତଫାତ୍ ଏତିକି ବିଷୟକୁ ନେଇ କିଏ ବି.ଏ., କିଏ ବି.ଏସ୍.ସି. ବା କିଏ ବି.କମ୍. ଇତ୍ୟାଦି । କିଏ ତାରି କହିଲୁ, ସେମାନଙ୍କ ମଧ୍ୟରେ ଜଣେ ଅନ୍ୟ ଜଣଙ୍କ ଠାରୁ ନ୍ୟୁନ କି ? ଜଣେ ଯେଉଁ ବିଷୟ ନେଇ ପଢ଼ିଛି, ତାକୁ ଛାଡ଼ିଦେଲେ ଅନ୍ୟସବୁ ବିଷୟ ତା' ପାଇଁ ଅଜଣା ନୁହେଁ କି ? ଗୋଟିଏ ମାତ୍ର ବିଷୟ ନିର୍ବାଚନକରି ଶୀର୍ଷରେ ପହଞ୍ଚିଥିବା ଛାତ୍ର ବା ଛାତ୍ରୀଟି ଚେଷ୍ଟାକଲେ କ'ଣ ଅନ୍ୟ ବିଷୟସବୁ ଜାଣିପାରିବ ନାହିଁ ନା ସେଥିରୁ ଡିଗ୍ରୀ ଆଣି ପାରିବ ନାହିଁ ? ଅନୁସନ୍ଧିତ୍ସୁ ହୋଇ ପ୍ରତିଟି ବିଷୟରେ ଗବେଷଣା କରିବା କ'ଣ ତା'ର ଭୁଲ ବା ଅପରାଧ ? ସେ ଶକ୍ତି କ'ଣ ତା' ଭିତରେ ନାହିଁ ? ଥାଇ ମଧ୍ୟ ସେ ସେପଥରେ ଆଗେଇ ଯାଉନାହିଁ । ଯେତିକି ଜାଣିଲା, ସେତିକି ଚଳିଯିବା ପାଇଁ ଯଥେଷ୍ଟ ମନେକରି, ଅଳ୍ପରେ ସନ୍ତୁଷ୍ଟହୋଇ ସୀମିତ ହୋଇ ରହିଯିବା ଦ୍ୱାରା ଜ୍ଞାନଚକ୍ଷୁ ପୂର୍ଣ୍ଣରୂପେ ଉନ୍ମୀଳନ ହେଉନାହିଁ । ଅଧିକା ଜାଣିବା ନିମନ୍ତେ ଆବଶ୍ୟକ ଶ୍ରମ ଓ ସମୟ ଦେବାକୁ ପଛେଇଲେ, ସର୍ବସିଦ୍ଧି ମିଳେକିରେ ବାବୁ ?

**ସେ**ହି କାରଣରୁ ପରସ୍ପର ପରସ୍ପରଠାରୁ ଭିନ୍ନ ଏବଂ ପ୍ରତ୍ୟେକଙ୍କର ବିଷୟ ଅନ୍ୟଠାରୁ ଶ୍ରେଷ୍ଠତର ବୋଲି ମିଥ୍ୟା ଅହଂକାରର ବଶବର୍ତ୍ତୀ ହୋଇ ଭିନ୍ନଭିନ୍ନ ବିଭାଗ ସୃଷ୍ଟିକରି ନିଜ ଅର୍ଜିତ ବିଭାଗରେ ସଂଖ୍ୟାଧିକ ଶିଷ୍ୟ ଗ୍ରହଣ କରିବାକୁ ପ୍ରୟାସୀ ହୋଇଥାଆନ୍ତି । ଏହାଫଳରେ ଅନେକ ବିଭାଗ ବା ସମ୍ପ୍ରଦାୟ ସୃଷ୍ଟି ହୋଇଯାଏ । ଫଳତଃ ପରସ୍ପର ମଧ୍ୟରେ ବିଭେଦର ପ୍ରାଚୀର ତୋଳାହୁଏ । ପ୍ରତ୍ୟେକ ପ୍ରତ୍ୟେକଙ୍କର ବିଭାଗ ବା ସମ୍ପ୍ରଦାୟକୁ ନେଇ ବ୍ୟସ୍ତ ରହନ୍ତି । ଅନ୍ୟ ସମସ୍ତ ବିଭାଗ ବା ସମ୍ପ୍ରଦାୟ ଠିକ୍ ତାଙ୍କରି ବିଭାଗପରି ଗୁରୁତ୍ୱପୂର୍ଣ୍ଣ ଏବଂ ଆବଶ୍ୟକ ହୋଇଥିଲେ ମଧ୍ୟ ସେସବୁପ୍ରତି ଆଗ୍ରହ ପ୍ରକାଶ ନକରି ନିଜର ଅସଂପୂର୍ଣ୍ଣ ଜ୍ଞାନକୁ ସଂପୂର୍ଣ୍ଣ ମନେକରି ଆନନ୍ଦରେ ମାତିଯାଆନ୍ତି । ପ୍ରକୃତ ଓ ଯଥାର୍ଥ ସମନ୍ୱୟ ରକ୍ଷା ନକରି ସମାଜ ଜୀବନରେ ଧର୍ମ ଓ ଆଧ୍ୟାତ୍ମିକତାକୁ ଏକ ଲଘୁକ୍ରୀଡ଼ାରେ ପରିଣତ କରିବା ଏକ ପ୍ରକାରର ଧର୍ମଦ୍ରୋହ । ତେଣୁ, ଖୁବ୍ ସାବଧାନ ହୋଇ ଚଳିବାକୁ ଚେଷ୍ଟାକରିବୁ । ସବୁ ସମୟରେ ତୋ ପିତାଙ୍କର ଲୀଳାସ୍ମୃତିଟି ମାନସପଟରେ ସତେଜ ରଖିଥିବୁ । ତା'ହେଲେ ଏ ସବୁ ବିଭ୍ରାନ୍ତିକର ଚିନ୍ତାଧାରା ତୋତେ ଆଦୌ ସ୍ପର୍ଶ କରିପାରିବ ନାହିଁ କିମ୍ବା ବିକୃତ ବିକଳାଙ୍ଗ କରିବ ନାହିଁ । ଆଶୀର୍ବାଦ କରୁଛି । ବିଜୟୀ ହୁଅ । ଏଥରକ ଏତିକିରେ ରହୁଛି ।

। ଇତି ।

ତୋର ଚିର ମଙ୍ଗଳାକାଂକ୍ଷୀ,

**ପିତା**



# କେଶବଙ୍କ କୈବଲ୍ୟ କଣିକା

*ପରମ କାରୁଣିକ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଶ୍ରୀମୁଖ ନିଃସୃତ ବାଣୀଗୁଚ୍ଛ ହିଁ କୈବଲ୍ୟ କଣିକା । ବିଭିନ୍ନ ଅବସରରେ ନାନା ପ୍ରସଙ୍ଗରେ ଶ୍ରୀ ଗୁରୁସ୍ୱାମୀଙ୍କ ରଙ୍ଗା ଅଧରରୁ ଝରିପଡୁଥିବା ଏହି ବାଣୀ ସମୂହକୁ ସଂଗ୍ରହ କରାଯାଇ ବହୁ ଯତ୍ନ ଓ ପ୍ରୟାସରେ 'ଚରମ' ପୃଷ୍ଠାରେ ଏହି ସ୍ତମ୍ଭରେ ନିୟମିତ ପ୍ରକାଶ କରାଯାଉଛି । ଜୀବନ ପଥର ଚଳନିରେ ଏଗୁଡ଼ିକର ଉପଯୋଗିତା ଅବଶ୍ୟ ଅନସ୍ୱୀକାର୍ଯ୍ୟ ॥*

(୧) ମୁଁ ଯେତେବେଳେ ତୁମକୁ ମନ୍ତ୍ର ଦେଇଛି, ମୁଁ ବେଇମାନ୍ ନୁହେଁ । ତମେମାନେ ବେଇମାନ୍ ହୋଇପାର । ଯେତେବେଳେ ତୁମକୁ ମୁକ୍ତି ମୋକ୍ଷ ନିର୍ବାଣ ପଥରେ ନେବାପାଇଁ ଜବାବ୍ ଦେଇଛି, ନିଶ୍ଚୟ ଉଦ୍ଧାର କରିବି; ତୁମ ଭିତରେ ଥିବା ସମସ୍ତ ପ୍ରକାର କଳୁଷିତ ଭାବକୁ ସତ୍‌ସଙ୍ଗର ସୂକ୍ଷ୍ମ ଶୁଷ୍କ ସଫେଇ ମାଧ୍ୟମରେ ଶୁଦ୍ଧପୂତ କରିବି, ମୁକ୍ତି ଦେବି । ତମେ ସିନା ତମ ଶପଥ ରକ୍ଷାକରି ସତ୍‌ସଂଗକୁ ନିୟମିତ ଆସିଲେ ହୁଅନ୍ତା ।

(୨) ଯେଉଁଠି ସାଧୁ ଆବିର୍ଭୂତ ହୁଅନ୍ତି, ତାଙ୍କର ଆଭାସ କିରଣ ଆଲୋକ ବା ଜ୍ୟୋତି ସମସ୍ତଙ୍କ ଉପରେ ପଡ଼େ ।

(୩) ବ୍ୟାସଦେବ ୮୩୨ ଶ୍ଳୋକ ରଚନା କରି ମଧ ଜାତିସ୍ମର ହୋଇ (ପୂର୍ବ ଜନ୍ମକଥା ଜାଣି) ନ ପାରି ଶୁକଦେବଙ୍କ ଜନ୍ମପରେ ଅପସରାଙ୍କ ମୋହରେ ପଡ଼ିଥିଲେ । ତେଣୁ କିଏ କେତେବେଳେ ମୋହଗ୍ରସ୍ତ ହେବ, ତାର ଠିକଣା କିଏ ବା ଦେଇପାରେ ।

(୪) ରେବତୀ ବା କୃତ୍ତିକା ନକ୍ଷତ୍ରରେ ସ୍ତ୍ରୀସଙ୍ଗ ଲାଭ କରି ନଥିବା ଅବିବାହିତ ପୁରୁଷ ତୂରୀ ତିଆରିକଲେ, ତାର ବାସ୍ତବ ସ୍ୱର ବାହାରିବ ଓ ସ୍ୱରର ଫଳ ମଧ ପ୍ରଦାନ କରିବ ।

(୫) ଷଡ଼ଚକ୍ର ଭେଦ କରିଥିବା ଜଣେ ସାଧୁ ତାର କୁକୋଷକୁ ଦମନକରି ସୁକୋଷକୁ ଜାଗ୍ରତ କରି ଶକ୍ତିବଳରେ ନିଃଶ୍ୱାସ ପ୍ରଶ୍ୱାସରେ କୁଖାଦ୍ୟ ଗ୍ରହଣ କରି ନିଜକୁ ବୈକୁଣ୍ଠପ୍ରାପ୍ତି କରାଇ ପାରିବେ ।

(୬) ବ୍ରହ୍ମକାଳ ହିସାବ ନେଇ ଆୟୁ, ଶକ୍ତି, ପାପ, ପୁଣ୍ୟ, ଐଶ୍ୱର୍ଯ୍ୟ ଏବଂ ଧର୍ମ ଇତ୍ୟାଦି ନିର୍ଦ୍ଧାରିତ ।

(୭) ତୁମେ ତୁମର ଗୁରୁଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କରିଚାଲ । ଏହାହିଁ ତମପାଇଁ ଚରମପ୍ରାପ୍ତିର ପଥ । ମନକୁ ଅନେକାଗ୍ର କର ନାହିଁ ।

(୮) ତୁମେ କେବଳ ତୁମ ଗୁରୁଙ୍କର ଆଜ୍ଞାବହ ହୁଅ । ଗୁରୁ ମାଧ୍ୟମ ଦ୍ୱାରା ତମପ୍ରତି ଆଜ୍ଞା ଓ ଆଦେଶ ଜାରିକଲେ, ତାହା ଗୁରୁଆଜ୍ଞା ମନେକରି ବାହିନିଅ । କିନ୍ତୁ, ସାବଧାନ ! ଠକମାନଙ୍କର ଶିକାର ହୁଅ ନାହିଁ, ଠକିଯିବ ଯେ ।

(୯) ଅନ୍ୟସବୁ ଯୁଗମାନଙ୍କରେ ଗୁରୁକୁଳରେ ଗୁରୁଦେବଙ୍କୁ ପ୍ରଶ୍ନ ପଚାରି ଶିଷ୍ୟମାନଙ୍କୁ ବାର, ଚଉଦ ବର୍ଷ ପର୍ଯ୍ୟନ୍ତ ଉତ୍ତର ପାଇଁ ଅପେକ୍ଷା କରିବାକୁ ପଡୁଥିଲା । ତମେମାନେ ଏଠାରେ କ'ଣ କରୁଛ ? ବାରଘଣ୍ଟା, ବାରଦିନ,

ବାର ସପ୍ତାହ, ବାରପକ୍ଷ, ବାରମାସ ମଧ ଧୈର୍ଯ୍ୟ ଧରି ଅପେକ୍ଷା କରି ପାରୁ ନାହଁ । ହୁଏତ ବିକାରଗ୍ରସ୍ତ ହୋଇ ଆମକୁ ଅବିଶ୍ୱାସ କରି ଆମଠାରୁ ଦୂରେଇ ରହୁଛ ।

(୧୦) ତମକୁ ଆମେ ଯାହା ଦେବୁ ବା ଯାହା ଦେଖାଇବୁ, ସେଥିରେ ତମେ ଅହଙ୍କାରୀ ହୋଇଯିବ ନାହିଁତ ? ତେଣୁ, ତମର କୋଷସିଦ୍ଧି ଦେଖି ଶକ୍ତିବିଚାରି ଆମକୁ ସଦ୍‌କାମ କରିବାକୁ ପଡୁଛି ।

(୧୧) ସମଗ୍ର ବିଶ୍ୱରେ ଗୋଟିଏ ମୂଳଭାଷାରେ ଆମ (ସନାତନ) ଧର୍ମ ପ୍ରଚାରିତ ହେବ । ସେହି ଭାଷାଟି ହେଉଛି ବିନ୍ଦିରା ନାଗରୀ ଭାଷା ।

(୧୨) ଯେଉଁ ଶବ୍ଦ ବ୍ୟବହୃତ ହେଲେ ତମେମାନେ ସତ୍‌ସଙ୍ଗରେ ଘଣ୍ଟାଘଣ୍ଟା, ଦିନଦିନ, ସପ୍ତାହ ସପ୍ତାହ ଏପରିକି ମାସମାସ ଧରି ଏକାଦିକ୍ରମରେ ବସି ରହିପାରିବ, ସେହି ଶବ୍ଦ ହେଉଛି କରାଳ ଶବ୍ଦ ।

(୧୩) ଯେଉଁମାନେ ସବିଦ୍ୟମାନଙ୍କ କଥା ପ୍ରତିଦିନ ଆଲୋଚନା କରନ୍ତି, ସେମାନଙ୍କର ଅମାପ ଯଶ ଏବଂ ଅଶେଷ ପୁଣ୍ୟ ଅର୍ଜନ ହୁଏ ।

(୧୪) ବିଦ୍ୟାରୂପକ ଧନ ଅନ୍ୟାନ୍ୟ ସକଳ ପ୍ରକାର ଧନଠାରୁ ଉତ୍ତମ । ବିଦ୍ୟାଦାନ କଲେ ମଧ କଦାପି କ୍ଷୀଣ ନ ହୋଇ ଅଧିକରୁ ଅଧିକ ସ୍ଫୀତ ହୁଏ । ରାଜା, ବନ୍ଧୁ ଅଥବା ଚୋର ତସ୍କର ବିଦ୍ୟା ହରଣ କରି ପାରନ୍ତି ନାହିଁ ।

(୧୫) ଯାହାର ବୁଦ୍ଧି ଶୁଦ୍ଧ ଓ ନିର୍ମଳ ନୁହେଁ, ତା'ର ପୁରୁଷତ୍ୱରେ କି ଫଳ ? ସେହିପରି ଯେ ବିଦ୍ୟା ଅର୍ଜନ ଓ ସଞ୍ଚୟ ନ କରେ, ତା'ର ବୁଦ୍ଧିରେ ବା ପ୍ରୟୋଜନ କ'ଣ ?

(୧୬) ନୃତ୍ୟକଳା ବିଳାସୀ ଗୃହସ୍ଥମାନଙ୍କର ଆମୋଦ ପ୍ରମୋଦ ପାଇଁ ଯେପରି ଆବଶ୍ୟକ, ଗୃହତ୍ୟାଗୀ ସନ୍ନ୍ୟାସୀମାନଙ୍କର ଚିତ୍ତ ସ୍ଥିର ରଖିବାରେ ସେତିକି ଆବଶ୍ୟକ । ପୁଣି ପଣ୍ଡିତମାନଙ୍କର ନୂତନ ଭାବନା ସୃଷ୍ଟିରେ ଏବଂ କବି ଓ କଳାକାରମାନଙ୍କର ନୂତନ ରଚନା ପାଇଁ ସେହିପରି ସହାୟକ ।

❑❑❑

| | |
|---|---|
| ମୋ କଥା ଶ୍ରବଣେ ସଂଶୟ ଦୂର ।<br>ଅଜ୍ଞାନ ଅନ୍ଧାରୁ ହୋଇବୁ ପାର ॥ | ସତ୍‌ସଙ୍ଗେ ବସ ନିଶ୍ଚଳ ଧ୍ୟାନେ ।<br>ଦ୍ୱାଦଶ ଶବଦ ଶୁଣିବୁ କର୍ଣ୍ଣେ ॥ |




*'ନୀଳଚକ୍ରେ ଦେଖ ଉଡୁଛି ସନାତନୀ କେତନ*
*ପାଦତଳେ ଆଶ୍ରା ନିଅରେ ଲୟ କରି ତୋ' ମନ ॥'*

*''ପଦ୍ମପାଦ ଭୁଲି ପଦ ପଦବୀ ଲାଳସା*
*ଉଚ୍ଚାସନ ଫୁଲମାଳ ଆବୋରିବା ଆଶା ॥*

*ଛାଡ଼ି ପାରୁ ନାହିଁ ବାବୁ, ପଦବୀ-ବିପଦ*
*ମାଡ଼ିଆସେ ଘୋରତରେ ଧାୟପଦ୍ମପାଦ ॥''*

**କୁ**ମ୍ଭ ଦି୯ନ ସନ ୧୯୯୬ ମସିହା ଫେବୃୟାରୀ ତା ୨୧ ରିଖ ବୁଧବାର ଦ ୫୨/୨୫ ଲିତାକୁ ଇଂରାଜୀ ମତେ ରାତ୍ର ଘ୩/୧୫ମି : ସମୟରେ ଶନିଗ୍ରହ ପୂର୍ବଭାଦ୍ର ନକ୍ଷତ୍ର ମୀନ ରାଶିକୁ ଗମନ କରିଅଛନ୍ତି । ଏହି ମୁହୂର୍ତ୍ତରୁ ସମଗ୍ର ପୃଥିବୀ ଉପରେ ମହାଘୋର ବିପତ୍ତି ପଡ଼ିଛି । ଏଥିରୁ ଉଦ୍ଧାର ପାଇବା ପାଇଁ ଜୀବକୁଳ ପରଂବ୍ରହ୍ମଙ୍କ ଶରଣାପନ୍ନ ହୋଇ ସାକାରରେ ନିରାକାରଙ୍କୁ ଉପଲବ୍ଧିକରି ପ୍ରତିକାର ବ୍ୟବସ୍ଥା କରିବା ଏକାନ୍ତ କର୍ତ୍ତବ୍ୟ । ନିଜର କଲ୍ୟାଣ ସହିତ ନିଖିଳ ବିଶ୍ୱର କଲ୍ୟାଣ ନିମନ୍ତେ ପ୍ରତ୍ୟେକ ଯତ୍ନବାନ ହେବା ସର୍ବାଦୌ ବିଧେୟ ।

କିନ୍ତୁ ବାସ୍ତବରେ ତମେ କରୁଛ କ'ଣ ? ମୁକ୍ତିମୋକ୍ଷ ନିର୍ବାଣ ଏବଂ ଚରମ ପ୍ରାପ୍ତିର ଲକ୍ଷ୍ୟଧରି ଲକ୍ଷ୍ୟଭେଦର ପଥକୁ ଛାଡ଼ି ଆପଣା ଆପେ ଅହଂବୁଦ୍ଧି ଦ୍ୱାରା ପରିଚାଳିତ ହୋଇ କେଉଁଠି ଯାଇ ପହଞ୍ଚିଲଣି, ତାହା କେବେ ଚିନ୍ତା କରିଛ କି ? ଆଗକୁ ଯେ କାଳରାତ୍ରି ମାଡ଼ି ଆସୁଛି ! ଘୋର ଅନ୍ଧକାର ମାଡ଼ି ଆସୁଛି । ଦୁଃଖ, ଶୋକ, ରୋଗ, ଜରା, ମୃତ୍ୟୁର ପ୍ରଳୟ ତାଣ୍ଡବର ଡମ୍ବରୁଧ୍ୱନି ଶୁଣାଯାଉନାହିଁ କି ? ଦୃଢ଼ ବିଶ୍ୱାସର ସହିତ ଶ୍ରୀପାଦନାବକୁ ଆଶ୍ରୟ ନ କଲେ ମହାଘୋର ବିପତ୍ତିରୁ ରକ୍ଷା ପାଇବ କିପରି ? ସଂସାର ସାଗର ପାରି ହେବ କିପରି ?

କେବଳ ଗୁରୁନାମ ଏବଂ ଗୁରୁକୃପାକୁ ହିଁ ସମ୍ବଳ କରିବାକୁ ହୁଏ । ତା'ନକରି ତମେ କରୁଛ କ'ଣ ? ଆପଣାଆପେ ନିଜକୁ ନିଜେ ଯୋଗ୍ୟତମ ବୋଲି ବୃଥା ଡିଣ୍ଡିମ ପିଟୁଛ । ପଦବୀ ଦାବୀ କରୁଛ । ଉଚ୍ଚ ଆସନ ଦାବୀ କରୁଛ । ଏପରିକି ଗୁରୁଦ୍ୱାରରେ ମର୍ଯ୍ୟାଦା ଓ ସମ୍ମାନ ଦାବୀ କରୁଛ । ଗୁରୁଙ୍କର ସୂକ୍ଷ୍ମ ସତ୍ତାକୁ ବିସ୍ମରି ଯାଉଛ । ପାଶୋରି ଯାଉଛ ପ୍ରଥମ

ଦିନର ସେହି ଅପୂର୍ବ ଭାବାବେଗ, ଉତ୍ସାହ ଏବଂ ଉଦ୍ଦୀପନା । ଗୁରୁଙ୍କର ନିଷ୍ପତ୍ତି, ସିଦ୍ଧାନ୍ତ, ମତାମତ, ଆଦେଶ ଅନୁଜ୍ଞାର ପ୍ରତିବାଦ କରୁଛ । ଶ୍ରୀ ଗୁରୁଙ୍କର କଥାକାଟି ଆପଣାର ଅହଂବୁଦ୍ଧି ବିଚାରରେ ଗୁରୁଙ୍କର ମତ ଉପରେ ମତାନ୍ତର ଜାହିର କରି ନିଷ୍ପତ୍ତିର ପରିବର୍ତ୍ତନ ନିମନ୍ତେ ବାଧ କରୁଛ । ସନ୍ଦେଶପତ୍ରର ପ୍ରଥମ ପୃଷ୍ଠାରେ ଶପଥ ବାକ୍ୟକୁ ସ୍ମରଣରେ ରଖୁନାହଁ । ଭାବି ଦେଖିଲ; ଏହା କ'ଣ ନିର୍ବିକାରରେ ଗୁରୁବାକ୍ୟ ପାଳନର ଉଜ୍ଜ୍ୱଳ ଦୃଷ୍ଟାନ୍ତ ? ଏହା କ'ଣ ବିନୟ ଭାବ ? ଏହି ଆଚରଣ ଶିଖି ଅନ୍ୟକୁ ଶିଖାଉଛ ? ଏହା କ'ଣ ଉଚିତ ?

କୂଳ ପାଇବା ପାଇଁ କୂଳ ତ୍ୟାଗ କରିବାକୁ ହୁଏ । ଦଶ ମୋଦକର ତତ୍ତ୍ୱଜାଣି ବି ଅଜଣା ହେଉଛ କିପରି ? ଅହଂଜ୍ଞାନ ପ୍ରୟୋଗ କରିବା ନିଷେଧ । ପଦବୀ ପାଇଁ ଲାଳାୟିତ ହେବା ଅନୁଚିତ । ଛୋଟବଡ଼ ବିଚାର ନ କରିବା ଏବଂ ଦିନ ନ ମାପିବା ପାଇଁ ଅନ୍ୟକୁ ଉପଦେଶ ଦେଇ ମଧ୍ୟ ନିଜେ କିପରି ସେ ଜାଲରେ ଛନ୍ଦି ହେଉଛ ?

ମନ ମଧ୍ୟରୁ ସମସ୍ତ ଅହଂକାରୀ ଜ୍ଞାନକୁ ଦୂରେଇ ଦିଅ । ଅହଂଜ୍ଞାନ ଜୀବର ଈଶ୍ୱର ପ୍ରାପ୍ତିର ଚିର ଶତ୍ରୁ ଅଟେ । ଗୁରୁକ୍ଷେତ୍ରରେ ନିଜକୁ କ୍ଷୁଦ୍ରାଦପିକ୍ଷୁଦ୍ର ବୋଲି ଭାବ ଆଣି ଏହି ଅହଂଜ୍ଞାନ ରୂପକ ବୃକ୍ଷକୁ ସମୂଳେ ଉତ୍ପାଟନ କର । ଧନ, ମାନ, ଯଶ, ଗୌରବ ଆଶାରେ ବୃଦ୍ଧି ଅହଂକାରୀ ହୁଅ ନାହିଁ କିମ୍ବା ଅନ୍ୟମାନଙ୍କ ଉପରେ ପ୍ରତିପତ୍ତି ବିସ୍ତାର କରିବାପାଇଁ ଚେଷ୍ଟା କରନାହିଁ । କର୍ମଯୋଗ କରୁଛ, କର୍ମଯୋଗର ମହତ୍ତ୍ୱ ଅନ୍ୟମାନଙ୍କୁ ଶୁଣାଉଛ; ଅଥଚ କର୍ମଯୋଗ କରି ମଧ୍ୟ ତମ ଅନ୍ତଃକରଣରୁ ଅହଂକାର, ଈର୍ଷା ଏବଂ ପରଶ୍ରୀକାତରତା ଦୂର ହେଉ ନାହିଁ କିପରି ? ନିଜକୁ ନିଜେ ପରୀକ୍ଷା କରୁନାହଁ ? ଆତ୍ମସମୀକ୍ଷା କରୁନାହଁ ?

ସର୍ବଦା ଶିଷ୍ୟଭାବ ନେଇ ରୁହ । ଅନ୍ୟକୁ ଉପଦେଶ ଦେଇ ଗୁରୁ ସାଜ ନାହିଁ । କର୍ମର ଅଧିକାରୀ ହୁଅ, ଫଳ ଲାଭର ଆଶା ରଖ ନାହିଁ । ଏହିପରି ନିଷ୍କାମ କର୍ମ କର । କୁକର୍ମରେ ଲିପ୍ତ ହୁଅ ନାହିଁ । ସମସ୍ତଙ୍କ ସହିତ ମିଳାମିଶା ଦ୍ୱାରା ମୈତ୍ରୀ ଭାବ ଦୃଢ଼ହୁଏ । ଏହାଦ୍ୱାରା ତମର ସମ୍ମାନହାନୀ ହେଉଛି ବୋଲି ଭାବନାହିଁ । ସମ୍ମାନ ତମକୁ ଆବଦ୍ଧ କରି ରଖିବ, ଏ ବନ୍ଧନରେ ପଡ଼ିଥିଲେ ମୈତ୍ରୀଭାବ ଏବଂ ପବିତ୍ର ସମ୍ପର୍କଠାରୁ ତମେ ଦୂରେଇଯିବ । ତେଣୁ, ସମ୍ମାନ ଆଶା କର ନାହିଁ । ଅନ୍ୟକୁ ପ୍ରାଣ ଖୋଲି ଭଲପାଅ । ଆତ୍ମା ସହିତ ମିତ୍ରତା ସ୍ଥାପନ କର । ବିଶ୍ୱମୈତ୍ରୀ ଓ ବିଶ୍ୱଭ୍ରାତୃତ୍ୱ ଅବଶ୍ୟ ସ୍ଥାପନ ହେବ, ସନ୍ଦେହ ନାହିଁ ।

❑❑❑


## ବିଜ୍ଞପ୍ତି

ଆମ ସଂସ୍ଥାର ସାହିତ୍ୟ ସଂସଦର 'ଚରମ ପ୍ରକାଶନ ସଂସ୍ଥା' କର୍ତ୍ତୃକ ପ୍ରକାଶିତ ପତ୍ର, ପତ୍ରିକା, ପୁସ୍ତକ ପୁସ୍ତିକାଦିରେ ପ୍ରକାଶିତ ତଥ୍ୟ, ତତ୍ତ୍ୱଆଦି ସକଳ ବିଷୟ ବିନ୍ୟାସ, ବସ୍ତୁ ବିନ୍ୟାସ, ଶୈଳୀ ବିନ୍ୟାସ ଏବଂ ବ୍ୟବହୃତ ପ୍ରଚ୍ଛଦପଟ, ଡିଜାଇନ୍‌ଆଦି ବ୍ୟକ୍ତି, ସଂସ୍ଥା ବା ସଂଗଠନ ବ୍ୟବହାର କରିବା, ଉଦ୍ଧାର କରିବା ବା ଅନ୍ୟତ୍ର ଯେକୌଣସି ରୂପ ବା ଭାବରେ ପ୍ରକାଶ କରିବା ଆଇନାନୁଯାୟୀ ଦଣ୍ଡନୀୟ ଅପରାଧ ।

**କେଶବଦାସ ବୃନ୍ଦାବନ**
ମୁଖ୍ୟ ପରିଚାଳକ,
ଚରମ ପ୍ରକାଶ ସଂସ୍ଥା

# ଆଶ୍ରମ ସନ୍ଦେଶ

ତା୧୯.୧.୯୬ରିଖ : ରଟନ୍ତି ଚତୁର୍ଦ୍ଦଶୀ - ଶୁକ୍ରବାର : ଗୋବିନ୍ଦପୁର ଶାଖାର ବାର୍ଷିକୋତ୍ସବ ଯଥାବିଧି ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘ ତରଫରୁ ସତ୍‌ସଙ୍ଗ ଅନୁଷ୍ଠାନ ଯଥାରୀତି ସଂଧ୍ୟାରେ ସମାପିତ ହୋଇଛି ।

ତା ୨୫.୧. ୯୬ ରିଖ : ମାଘ ଦିନ ୫ନ - ଗୁରୁବାର : (ଶୁକ୍ଳାଷଷ୍ଠୀ) ରସୁଲଗଡ଼ ନିବାସୀ ଗୁରୁଭଉଣୀ ସୁରବାଳା ମଲିକଙ୍କର ଦେହାନ୍ତ ଗତ ତା ୧୫.୧.୯୬ ରିଖ, ପୌଷ ଦି ୨୫ନ, ସୋମବାରରେ ହୋଇଛି । ସ୍ୱର୍ଗତ ଦିବ୍ୟାତ୍ମାର ସଦ୍‌ଗତି ଓ ଶାନ୍ତି ବିଧାନ ନିମନ୍ତେ ଅଦ୍ୟ ତିଳତର୍ପଣ କରାଯାଇଛି ।

ତା ୪.୨.୯୬ ରିଖ : ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା - ରବିବାର : କ୍ଷିତିଜ୍ୟୋତି ଆଶ୍ରମ ପରିସରରେ ଅଦ୍ୟ କ୍ଷେତ୍ର ଅର୍ଘ୍ୟ ସତସଙ୍ଗରେ 'ଚରମ'ର ତୃତୀୟପୁଷ୍ପ : ତୃତୀୟପାଖୁଡ଼ା : ଦଶମ ସଂଖ୍ୟା ଏବଂ 'ଅଧର ପୀୟୁଷ' ଉନ୍ମୋଚିତ ହୋଇ ପ୍ରକାଶ ପାଇଛି ।

ତା ୯.୨.୯୬ ରିଖ : କୃଷ୍ଣା ପଞ୍ଚମୀ - ଶୁକ୍ରବାର : କେନ୍ଦୁଝର ଜିଲ୍ଲାର ସାଆନ୍ତରାପୁର (ଢେଙ୍କିକୋଟ୍) ନିବାସୀ ଗୁରୁଭାଇ ଗୋପବଂଧୁ ନାୟକଙ୍କ ବାସଗୃହରେ ପାରିବାରିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି । ଏହି ସତ୍‌ସଙ୍ଗ ଗୋପିନାଥ ଭାଇଙ୍କର ନବଜାତପୁତ୍ରର ଏକୋଇଶା ଉପଲକ୍ଷେ ଅନୁଷ୍ଠିତ ହୋଇଯାଇଛି ।

ତା ୧୬.୨.୯୬ ରିଖ : ଫାଲ୍‌ଗୁନ କୃଷ୍ଣା ଦ୍ୱାଦଶୀ - ଶୁକ୍ରବାର : କଟକ ଜିଲ୍ଲାର ମହାଜନପୁରଠାରେ ଆଞ୍ଚଳିକ ସତ୍‌ସଙ୍ଗ ଅନୁଷ୍ଠାନ ଯଥାବିଧି ପାଳିତ ହୋଇଅଛି ।

ତା ୧୭.୨.୯୬ ରିଖ : ମହାଶିବରାତ୍ରୀ - ଜାଗର ଯାତ୍ରା - ଶନିବାର : ବାରିପଦାର ଓ୍ୱାଲିଗଞ୍ଜ ନିବାସୀ ଗୁରୁଭାଇ ହରିଶଚନ୍ଦ୍ର ମହାନ୍ତିଙ୍କର ଧର୍ମପତ୍ନୀ ଗୁରୁଭଉଣୀ କୁନ୍ଦଲତାଙ୍କର ଗତ ତା ୭.୨.୯୬ ରିଖ, ଫାଲଗୁନ କୃଷ୍ଣାତୃତୀୟା, ବୁଧବାର ଅପରାହ୍ନ ଘ. ୪.୨୦ ମି. ସମୟରେ ଦେହାନ୍ତ ହୋଇଛି । ସ୍ୱର୍ଗତ ଦିବ୍ୟାତ୍ମାର ସଦ୍‌ଗତି ଓ ଶାନ୍ତିବିଧାନ ନିମନ୍ତେ ଅଦ୍ୟ ତିଳତର୍ପଣ ଏବଂ ସତ୍‌ସଙ୍ଗ ଇତ୍ୟାଦି ଯଥାବିଧି ଅନୁଷ୍ଠିତ ହୋଇଅଛି ।

ତା ୨୧.୨.୯୬ ରିଖ : ଫାଲ୍ଗୁନ ଶୁକ୍ଳା ତୃତୀୟା - ବୁଧବାର : କେନ୍ଦ୍ରାପଡ଼ାର ଭରତପୁରରେ ଆଞ୍ଚଳିକ ସତ୍‌ସଙ୍ଗ ଅନୁଷ୍ଠାନ ମହାସମାରୋହରେ ଯଥାବିଧି ସମାପିତ ହୋଇଯାଇଛି ।

ତା ୨୩.୨.୯୬ ରିଖ : ଫାଲ୍ଗୁନ ଶୁକ୍ଳା ପଞ୍ଚମୀ - ଶୁକ୍ରବାର : ମାଳଶାସନରେ ପ୍ରଥମ ବାର୍ଷିକ ଆଞ୍ଚଳିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଅଛି ।

ତା ୨୫.୨.୯୬ ରିଖ : ଫାଲ୍ଗୁନ ଶୁକ୍ଳା ସପ୍ତମୀ - ରବିବାର : ପ୍ରହରାଜପୁର ଶାଖା ଅନ୍ତର୍ଗତ ପିଠାପଡ଼ାରେ ଆଞ୍ଚଳିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଛି ।

| | |
|---|---|
| ତା ୨୮.୨.୯୬ ରିଖ : | ଫଗୁ ଦଶମୀ - ବୁଧବାର : ବେଲରପା ଶାଖାର ଚତୁର୍ଥ ବାର୍ଷିକ ସତ୍‌ସଙ୍ଗ ଯଥାରୀତି ଅନୁଷ୍ଠିତ ହୋଇଯାଇଛି । |
| ତା ୩.୩.୯୬ ରିଖ : | ଫାଲ୍ଗୁନ ଶୁକ୍ଳା ତ୍ରୟୋଦଶୀ - ରବିବାର : ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘର ଆହ୍ୱାନରେ ଆଜି ବିଭିନ୍ନ ଶାଖା/ଉପଶାଖା/ପ୍ରସ୍ତାବିତ ଶାଖା/ଅଣ ଆନୁଷ୍ଠାନିକ ଶାଖାର ପରିଚାଳକ, ସହପରିଚାଳକ, ପୂଜକ, ସହପୂଜକ, ପ୍ରତିନିଧିମାନଙ୍କର ଏକ ବିଶେଷ ବୈଠକ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଉପସ୍ଥିତିରେ କ୍ଷିତିଜ୍ୟୋତି ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇ ଆଗାମୀ ତା.୫.୪.୯୬ ରିଖରେ କ୍ଷେତ୍ରରେ ଅନୁଷ୍ଠିତ ହେବାକୁଥିବା ଅଷ୍ଟମପ୍ରହର ନାମ ସଂକୀର୍ତ୍ତନ ଆଲୋଚନା ହୋଇଯାଇଛି । |
| ତା ୬.୩.୯୬ ରିଖ : | ହୋଲିପର୍ବ - ବୁଧବାର : ସିପୁରାର ଗୁରୁଭାଇ ଶ୍ରଦ୍ଧେୟ କାଶୀନାଥ ଯେନାଙ୍କ ବାସଭବନରେ ଶ୍ରୀଶ୍ରୀ ଠାକୁରଙ୍କର ଉପସ୍ଥିତିରେ ଗୁରୁଭାଇଭଉଣୀ ରଂଗ ହୋରି ଖେଳରେ ଜୀବପରମର ବସନ୍ତରାସ ଓ ହୋଲିମିଳନ ପରମ ଆନନ୍ଦରେ ଉପଭୋଗ କରିଅଛନ୍ତି । ଏକ ସ୍ୱତନ୍ତ୍ର ଦୋଳାରେ ପ୍ରଭୁଙ୍କୁ ଦୋଳାଇ, ପୂଜାର୍ଚ୍ଚନା ସହିତ, ଭଜନ କୀର୍ତ୍ତନପରେ ଠାକୁରେ ଭକ୍ତସମାବେଶରେ ହୋରିରଂଗ ଖେଳି ଉତ୍ସବ ପାଳନର ସଙ୍କେତ ଦିଅନ୍ତି । |
| ତା ୮.୩.୯୬ ରିଖ : | ଚୈତ୍ର କୃଷ୍ଣା ତୃତୀୟା - ଶୁକ୍ରବାର : ସୁନ୍ଦରଗଡ଼ ଜିଲ୍ଲାର ଟେନ୍‌ସା ମାଇନିଂ କଲୋନିରେ ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ଆନୁକୂଲ୍ୟରେ କେତନୀ ସତ୍‌ସଙ୍ଗ ଯଥାବିଧି ଅନୁଷ୍ଠିତ ହୋଇଯାଇଛି । |
| ତା ୧୦.୩.୯୬ ରିଖ : | ଚୈତ୍ର କୃଷ୍ଣା ପଞ୍ଚମୀ - ରବିବାର : କେନ୍ଦୁଝର ଜିଲ୍ଲାସ୍ତରୀୟ ସଂଗଠନର ଘୋଷଣା ଅବସରରେ ଆଜି ପଦ୍ମପୁରର ଗୁରୁଭାଇ ଭଉଣୀଙ୍କ ଉଦ୍ୟମରେ କେତନୀ ସତ୍‌ସ... ନୁଷ୍ଠିତ ହୋଇଯାଇଛି । |
| ତା ୧୨.୩.୯୬ ରିଖ : | ଚୈତ୍ର କୃଷ୍ଣା ସପ୍ତମୀ - ମଙ୍ଗଳବାର : କେନ୍ଦୁଝର ଜିଲ୍ଲାସ୍ତରୀୟ ସଂଗଠନ ଘୋଷଣା ଅବସରରେ ବାଉରୀପଦାର ଗୁରୁଭାଇ ଭଉଣୀଙ୍କ ଉଦ୍ୟମରେ କେତନୀ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି । |
| ତା ୧୩.୩.୯୬ ରିଖ : | ଚୈତ୍ର କୃଷ୍ଣାଷ୍ଟମୀ - ବୁଧବାର : କେନ୍ଦୁଝର ଜିଲ୍ଲାସ୍ତରୀୟ ସଂଗଠନ ଘୋଷଣା ଅବସରରେ ବାଲିଆଗୋଡ଼ାର ଗୁରୁଭାଇ ଭଉଣୀଙ୍କ ଉଦ୍ୟମରେ କେତନୀ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି । |
| ତା ୧୩.୩.୯୬ ରିଖ : | ଗୁରୁଭାଇ ପ୍ରେମାନନ୍ଦ ଭୂୟାଁଙ୍କର ଏକାଦଶାହ ଉପଲକ୍ଷେ ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ଆନୁକୂଲ୍ୟରେ ତିଳତର୍ପଣ ହୋଇଯାଇଛି । ସ୍ୱର୍ଗତ ଭୂୟାଁଭାଇ ଗତ ତା ୩.୩.୯୬ରିଖ, ଫାଲଗୁନ ଶୁକ୍ଳା ତ୍ରୟୋଦଶୀ ତିଥିରେ ଶେଷ ନିଃଶ୍ୱସ ତ୍ୟାଗ କରିଥିଲେ । |
| ତା ୧୫.୩.୯୬ ରିଖ : | ଚୈତ୍ର କୃଷ୍ଣା ଏକାଦଶୀ - ଶୁକ୍ରବାର : କେନ୍ଦୁଝର ଜିଲ୍ଲା ପୁଟୁଗାଁ କ୍ଷିତିଜ୍ୟୋତି ଆଶ୍ରମ ଶାଖାର ପ୍ରଥମ ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘର କେତନୀ ଉତ୍ସବ ଯଥାରୀତି ପାଳିତ ହୋଇଯାଇଛି । ପ୍ରକାଶଥାଉକି ଗତବର୍ଷ ତା ୨୭.୩.୯୫ରିଖ, ସୋମବାର ଏହି ତିଥିରେ ପୁଟୁଗାଁ ଶାଖା ଘୋଷଣା ଅବସରରେ କେତନୀ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା । |
| ତା ୧୭.୩.୯୬ ରିଖ : | ଚୈତ୍ର କୃଷ୍ଣା (ବାରୁଣୀ) ତ୍ରୟୋଦଶୀ - ରବିବାର : ମୟୂରଭଂଜ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ |

ଖିଚିଂଠାରେ ଖିଚିଂ, ଶୁକୁଳି ଏବଂ ନିକଟବର୍ତ୍ତୀ ଗ୍ରାମମାନଙ୍କର ଗୁରୁଭାଇ ଭଉଣୀଙ୍କ ଓ ସତ୍‌ସଙ୍ଗପ୍ରେମୀ ସଜ୍ଜନମାନଙ୍କ ଉଦ୍ୟମରେ କେତନୀ ସତ୍‌ସଙ୍ଗ ମହାସମାରୋହରେ ସହସ୍ରାଧିକ ଲୋକଙ୍କ ସାମାବେଶରେ ଅନୁଷ୍ଠିତ ହୋଇଛି ।

ତା ୨୦.୩.୯୬ : ଚୈତ୍ର ଶୁକ୍ଳା ପ୍ରତିପଦ୍ - ବୁଧବାର : କଟକ ମହାନଗର ପ୍ରଫେସରପଡ଼ାର 'ବୈକୁଣ୍ଠ ନିବାସ' ପରିସରରେ ଗୁରୁଭାଇ ଶ୍ରୀ ବୈକୁଣ୍ଠ ନାଥ ଆଚାର୍ଯ୍ୟ ଏବଂ କଟକ ନଗରର ଅନ୍ୟାନ୍ୟ ଗୁରୁଭାଇଭଉଣୀଙ୍କ ସହଯୋଗରେ ଓଡ଼ିଶାର ପ୍ରଖ୍ୟାତ ବୁଦ୍ଧିଜୀବୀମାନଙ୍କର ସମାବେଶରେ ଆଞ୍ଚଳିକ ସତ୍‌ସଙ୍ଗ ମହାସମାରୋହରେ ଯଥାବିଧି ଅନୁଷ୍ଠିତ ହୋଇ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଭାବଧାରା ସମ୍ବଳିତ ଦର୍ଶନ ଆଲୋଚନା ହୋଇଯାଇଛି ।

❑❑❑

*ସତସଙ୍ଗେ ବସ ଯିବ ସନ୍ଦେହ ।*
*ଦୂରେ ରହିଥିଲେ ଅନ୍ତର ଦାହ ॥*

*ଡ଼ାକ ନଡ଼ାକ ଯାଏରେ ଧାଇଁ ।*
*ସତ୍‌ସଙ୍ଗ ମଧ୍ୟରେ ପହଞ୍ଚେ ଯାଇ ॥*

*ଗୁରୁଦ୍ୱାର କର୍ମ ଧର୍ମଟି ଏକା,*
*ସ୍ୱୟଂ ଗୁରୁ ତୋର ବାନ୍ଧବ ସଖା;*
*ଅକୁଣ୍ଠିତେ ଗୁରୁଦ୍ୱାରେ କରମ,*
*କର ନିରଳସେ ସାଧି ଧରମ ॥*

# 'ଚରମ' : ତୃତୀୟପୁଷ୍ପ : ଚତୁର୍ଥ ପାଖୁଡ଼ା : ଏକାଦଶ ସଂଖ୍ୟା : ତୃତୀୟ ମହକ କାହିଁକି ?

**ଆ**ଧ୍ୟାତ୍ମିକ ପତ୍ରିକା 'ଚରମ' ଅଧ୍ୟାତ୍ମ ଶିକ୍ଷା, ଦୀକ୍ଷା, ଚିନ୍ତା ଏବଂ ଚେତନାରେ ଏକ ସଫଳ ବିପ୍ଳବାତ୍ମକ ଆଭିମୁଖ୍ୟ ଆଣିପାରିଛି କହିଲେ ସତ୍ୟର ଅପଳାପ ହେବନାହିଁ କିମ୍ବା ବାହୁଲ୍ୟ ମଧ୍ୟ ହେବନାହିଁ । ୧୯୯୩ ମସିହା, ଅକ୍ଟୋବର ୩୦ ତାରିଖ, ପବିତ୍ର, ଶାରଦୀୟ ପୂର୍ଣ୍ଣିମା ତିଥିର ଶୁଭଲଗ୍ନ ରାତ୍ର ଘ. ୮.୩୫ ମିନିଟ୍‌ରେ ଧରାଧାମରେ ''ଚରମ'' ପ୍ରଥମ ଶୁଭ ଅବତରଣ ମୁହୂର୍ତ୍ତରୁ ଏହି ଆଧ୍ୟାତ୍ମିକ ବିପ୍ଳବର ସୂତ୍ରପାତ ହୋଇଛି । ଏଯାବତ୍ ''ଚରମ'' ସର୍ବଶୁଭରେ ଦଶଗୋଟି ବର୍ଷରେ ଚାଳିଶିଟି ପାଖୁଡ଼ା ମେଲାଇ ଆଧ୍ୟାତ୍ମିକ ସୁବାସ ବିତରଣରେ ସର୍ବସାଫଲ୍ୟ ମଣ୍ଡିତ ହେବାର ଗୌରବ ବହନ କରିସାରିଛି ।

ଆମ ବିଚାରରେ ଏହା କାକତାଳିକ ନ୍ୟାୟ ନୁହେଁ । ଲୀଳାମୟ ଚରମ ପୁରୁଷଙ୍କର ଏହା ମଧ୍ୟ ଏକ ଦିବ୍ୟ ଲୀଳା । ଏ ଲୀଳା ରହସ୍ୟ ଲୀଳା ରଚନା କାଳରେ ଆମେ ବୁଝି ପାରିନଥିଲୁଁ, ବୁଝି ପାରିବୁ ନାହିଁ ବୋଲି ମଧ୍ୟ ଠାକୁରେ ତାଙ୍କର ଶ୍ରୀମୁଖ ନିଃସୃତ ବାଣୀରେ ସ୍ପଷ୍ଟ କରିଦେଇ ଅଛନ୍ତି । ଲୀଳା ଶେଷରେ ହିଁ ରହସ୍ୟ ଉଦ୍‌ଘାଟନ ହୁଏ; ହୋଇଛି ।

''ଚରମ'' - ଏକ ସାଧାରଣ ପତ୍ରିକା ନୁହେଁ । ବସ୍ତୁ ବିନ୍ୟାସ, ଭାବ ବିନ୍ୟାସ ଏବଂ ଭାଷା ବିନ୍ୟାସରେ ଏହା ଆଧ୍ୟାତ୍ମିକ ଜଗତରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି, ସୃଷ୍ଟି କରୁଛି ଏକ ନୂତନ ଇତିହାସ । ଏହି ''ଚରମ'' ପତ୍ରିକା ସମ୍ପର୍କରେ ମହାପୁରୁଷ ଅଚ୍ୟୁତାନନ୍ଦ ସ୍ୱରଚିତ ''ମହାଭବିଷ୍ୟଗ୍ରନ୍ଥ'' - ଷଷ୍ଠଖଣ୍ଡର ୧୭/୧୮ ପୃଷ୍ଠାରେ ଭବିଷ୍ୟବାଣୀ ଦେଇ କହିଛନ୍ତି -

''ମହୁରା ଶାସନ ନାମ ମାହାଙ୍ଗା ଯେ ଘର ।
ବ୍ରହ୍ମଅଣ ଅକ୍ଷରରୁ କେଶବଙ୍କ ଘର ॥
ପିତା 'ଲ' କାରରୁ ଅଣ ଅକ୍ଷରୁ ଝରୁଛି ।
ଗୁପତରେ କେଶବ ଯେ ଲୀଳା କରୁଅଛି ॥
ଶବଦ ସୂତ୍ର ନାଦରୁ 'ଚରମ' ଖସିବ ।
ଅକ୍ଷର ତାରକବ୍ରହ୍ମ ସଦା ଜପୁଥିବ ॥
ଏକରୁ ଅକ୍ଷର ଖସି ଅନେକ ଯେ ହେବ ।
ବହୁମାତ୍ରା ଅକ୍ଷରରୁ କ୍ଷରଟି ଝରିବ ॥
'ଚରମ' ସୁଧା ବାରତା କାଗଜରେ ହେବ ।
ଅଛୁତି ଜାଣିଥା ମୋର ଗୁପତ ଦରବ ॥''

ଏପ୍ରିଲ୍ ୪ ତାରିଖ, ୧୯୯୬ ମସିହାରେ ''ଚରମ''ର ଏକାଦଶତମ ପାଖୁଡ଼ା ଉନ୍ମୋଚନ ହୋଇଥିଲା । ଏ ମଧ୍ୟରେ ବହୁ ଅଧ୍ୟାତ୍ମପ୍ରେମୀ ଅନୁଗତ ଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ଧର୍ମଧାରାରେ ଦୀକ୍ଷିତ ହୋଇ ସାରିଲେଣି । ବହୁ ଅନୁଗତ ଭକ୍ତ ''ଚରମ'' ର ପୁରୁଣା ସଂଖ୍ୟା ପାଇଁ ଦାବୀ କରି ଆସୁଛନ୍ତି । ବିଶେଷତଃ ଏକାଦଶତମ ସଂଖ୍ୟାରେ ''ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି'' ଶୀର୍ଷକରେ ପତ୍ରସ୍ଥ ''ସାଷ୍ଟାଙ୍ଗ ପ୍ରଣାମର ଫଳଶ୍ରୁତି'' ଅନେକ ଦିବ୍ୟାତ୍ମାଙ୍କର ଦିବ୍ୟ ଚେତନାରେ ଭାବତରଙ୍ଗ ତୋଳିଛି । ତେଣୁ ଏହି ସଂଖ୍ୟା ପାଇଁ ଦୀର୍ଘଦିନର ଦାବୀକୁ ସମ୍ମାନ ଜଣାଇ ସଂପାଦନା ତରଫରୁ ପରମପ୍ରେମମୟ ଠାକୁରଙ୍କର ପବିତ୍ର ପଦ୍ମପାଦ ପୀଠରେ ଏକାଦଶତମ ସଂଖ୍ୟାର ଦ୍ୱିତୀୟ ମହକ ପ୍ରକାଶ ପାଇଁ ବିନୀତ ପ୍ରାର୍ଥନାନ୍ତେ କୃପାମୟ ଠାକୁରେ ସମ୍ମତି ଓ ଆଜ୍ଞା ଦେଇଅଛନ୍ତି ।

ଆପଣମାନଙ୍କର ହସ୍ତଗତ ହୋଇ ଏହି ଦ୍ୱିତୀୟ ମହକ ଆପଣଙ୍କ ସାଧନାପଥକୁ ମହକାଇ ପାରିଲେ, ଶ୍ରମ ସାର୍ଥକ ହେବ ।

ଶ୍ରୀ କେଶବ ସମର୍ପଣମସ୍ତୁ । କିମଧିକମ୍ !

ବିନୀତ,

**କେଶବଦାସ ବୃନ୍ଦାବନ**

ଆମର ଲକ୍ଷ୍ୟ : ଚରମପ୍ରାପ୍ତି